

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୫ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 JUNE 2023
Vol.No. 35 ■ No. 166■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କାରକୁ ଧକ୍କା ଦେଲା ହାଇୱା: ୨ ମୃତ, ୪ ଗୁରୁତର

ସୁନ୍ଦରଗଡ, ୨୪/୦୬ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ସୁଖାବନ୍ଧ ନିକଟରେ ୨୧୫ ନମ୍ବର ଜାତୀୟ ରାଜପଥରେ ଏକ କାରକୁ ଏକ ହାଇୱା ଧକ୍କା ଦେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନେ ଅନୁଗୋଳ ଜିଲ୍ଲା ପାଲଲହଡ଼ା ଅଞ୍ଚଳର। ସେମାନେ ଏକ ବିବାହ ଭୋଜି ଖାଇବା ପାଇଁ ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗକୁ ଯାଇଥିଲେ। ତେବେ କୌଣସି କାମରେ ସେମାନେ କେ. ବଲାଙ୍ଗରୁ ଲହୁଣୀପଡ଼ା ଯାଇଥିଲେ। ସେଠାରୁ ଦିନ ପ୍ରାୟ ୨ଟା ବେଳେ ପୁଣି କେ. ବଲାଙ୍ଗ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଦ୍ରୁତ ଗତିରେ ଆସୁଥିବା ହାଇୱାଟି କାରକୁ ପିଟିବା ପରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଜମି ଭିତରେ ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ଚାଲି ଯାଇଥିଲା। ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ କାରଟି ଲହୁଣୀପଡ଼ାରୁ କେ. ବଲାଙ୍ଗକୁ ଫେରୁଥିବା ବେଳେ ରଙ୍ଗ୍‌ରୁଟରେ ଯାଉଥିଲା। ଫଳରେ ହାଇୱା ସହିତ ଏହାର ଧକ୍କା ହୋଇଥିଲା।

# ରୁଷ ରାଷ୍ଟ୍ରପତି ପୁଟିନଙ୍କ ପାଇଁ ବଢ଼ିଲା ସଙ୍କଟ

## ସରକାର ବିରୋଧରେ ଘରୋଇ ସେନା ୱାଗନର ଆରମ୍ଭ କଲା ବିଦ୍ରୋହ





ନୂଆଦିଲ୍ଲୀ, ୨୪/୦୬ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ବଢ଼ିଲାଣି ଅଡୁଆ । ତାଙ୍କ ବିରୋଧରେ ଏବେ ବାହାରିଛି ବିଶ୍ୱସ୍ତ ଘରୋଇ ସେନା ୱାଗନର। ସେନାର ମୁଖ୍ୟ ୟେଭଗେନି ପ୍ରିଗୋଝିନ ରୁଷ ସେନା ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି । ଯେକୌଣସି ମୁହୂର୍ତରେ ରୁଷରେ ଗୃହଯୁଦ୍ଧ ଆରମ୍ଭ ହେବା ଆଶଙ୍କା ଦେଖାଦେଇଛି । ରୋଷ୍ତଭର ସମସ୍ତ ସାମରିକ କାର୍ଯ୍ୟାଳୟ ତାଙ୍କ କବଜାରେ ଥିବା ସେ ଦାବି କରିଛନ୍ତି । ଏବେ ମସ୍କୋରେ ହାଇ ଆଲର୍ଟ ଜାରି କରାଯାଇଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ବଢ଼ିଲାଣି ଅଡୁଆ। ତାଙ୍କ ବିଶ୍ୱସ୍ତ ୟେଭ୍‌ଗେନି ପ୍ରିଗୋଝିନ୍ ରୁଷ ସେନା ବିରୋଧରେ ଯୁଦ୍ଧ ଡାକରା ଦେଇ ସାରିଛନ୍ତି। ଏପରିକି ସେ ନିଜ 'ୱାଗ୍‌ନର' ମିଲିଟାରୀ ଗ୍ରୁପକୁ ମସ୍କୋ ରାସ୍ତା ଉପରେ ଓହ୍ଲାଇ ଦେଇଛନ୍ତି। ତେଣୁ ଯେକୌଣସି ମୁହୂର୍ତ୍ତରେ ରୁଷରେ ଗୃହ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ଦେଖାଦେଇଛି। ପ୍ରିଗୋଝିନ୍‌ଙ୍କ ଘରୋଇ ସେନା ସଙ୍ଗଠନ ରୁଷ୍‌ର ୟୁକ୍ରେନ୍ ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। କିନ୍ତୁ, ଗତ କିଛି ମାସ ହେବ ମସ୍କୋର ସାମରିକ ନେତୃତ୍ୱ ସହିତ ତାଙ୍କର ସମ୍ପର୍କ ତିକ୍ତ ହୋଇଯାଇଛି। ସେ ଅଭିଯୋଗ କରୁଛନ୍ତି ଯେ, ଏବେ ଉଭୟ ସେନା ଯୁଦ୍ଧ ଭୂମିରେ ପରସ୍ପରଙ୍କୁ ଭେଟିବେ। ଏଥିପାଇଁ ତାଙ୍କ ସୈନିକମାନେ ଦକ୍ଷିଣ ରୁଷ୍‌ର ରୋଷ୍ତୋଭ୍ ଅଞ୍ଚଳରେ ପ୍ରବେଶ କରିଛନ୍ତି । ତେଣୁ ରୁଷ ଅଧିକାରୀ ରୋଷ୍ତୋଭ୍ ସହରରେ ଲୋକଙ୍କୁ ଘରେ ରହିବାକୁ ନିବେଦନ କରିଛନ୍ତି। ମସ୍କୋକୁ ଯୋଗାଯୋଗ କରୁଥିବା ଜାତୀୟ ରାଜପଥକୁ ବନ୍ଦ କରି ଦିଆଯାଇଛି। ଯେକୌଣସି ସ୍ଥିତିର ମୁକାବିଲା କରିବାକୁ

▶▶ପୃଷ୍ଠା ୭

## ଜେଲ୍ ଗଲେ ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ ରାଉତ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଜେଲ୍ ଯାଇଛନ୍ତି ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ। ଶନିବାର ସନ୍ଧ୍ୟାରେ ପ୍ରଶାନ୍ତଙ୍କୁ ରାଉରକେଲା ଭିଜିଲାନ୍ସ ଡିଭିଜନର ସ୍ୱତନ୍ତ୍ର ଟିମ୍ ଗିରଫ କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରିଥିଲେ। କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ୧୪ ଦିନ ପାଇଁ ସୁନ୍ଦରଗଡ଼ ଜିଲ୍ଲା କାରାଗାରକୁ ପଠାଇ ଦେଇଛନ୍ତି। ଜୁଲାଇ ୭ ତାରିଖ ଯାଏଁ ସେ ହାଜତରେ ରହିବେ। ନିବାର ଦିନ ନବରଙ୍ଗପୁରର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କୁ ଭିଜିଲାନ୍ସ ଗିରଫ କରିଥିଲା । ସେ ତାଙ୍କ ଆୟ ଠାରୁ ୫୦୦% ଅଧିକ ସଂପତି ଠୁଳ କରିଛନ୍ତି ବୋଲି ଭିଜିଲାନ୍ସ ଏସ୍‌ପି ଏମ୍. ରାଧାକ୍ରିଷ୍ଣନ କହିଛନ୍ତି। ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପ୍ରଶାନ୍ତଙ୍କ ମୋଟ ୫ କୋଟି ୨୧ଲକ୍ଷ ୯ ହଜାର ୬୫୯ ଟଙ୍କା ଠାବ ହୋଇଛି। ଯାହାକି ତାଙ୍କ ଆୟର ୫୦୬ ପ୍ରତିଶତ। ଗତକାଲି ଭିଜିଲାନ୍ସ ରେଡ୍ ବେଳେ ତାଙ୍କ ଘରୁ କେବଳ ୩ କୋଟି ୨ଲକ୍ଷ ୩୦ହଜାର ୮୦୦ଟଙ୍କାର ନଗଦ ଜବତ କରାଯାଇଥିଲା। ପ୍ରଶାନ୍ତ ରାଉତଙ୍କର ଭୁବନେଶ୍ୱରର କାନନ ବିହାର ଅଂଚଳରେ ଏକ ବହୁତଳ କୋଠା, କଟକ ଓ ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ୪ଟି ମୂଲ୍ୟବାନ ପ୍ଲଟ୍ ଓ ଉମରକୋଟରେ ଗୋଟିଏ ବେନାମୀ ପ୍ଲଟ୍ ରହିଛି।

▶▶ପୃଷ୍ଠା ୭

## ପତ୍ନୀ ହତ୍ୟା ମାମଲାରେ ପୂର୍ବତନ ଗୁଣପୁର ବିଧାୟକ ଦୋଷୀ ସାବ୍ୟସ୍ତ



ଭୁବନେଶ୍ୱର, ୨୪/୦୬ (ନି.ପ୍ର):- ପତ୍ନୀଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ପୂର୍ବତନ ଗୁଣପୁର ବିଧାୟକ ରାମମୂର୍ତ୍ତି ଗମାଙ୍ଗ । ୧୧ ଜଣ ସାକ୍ଷୀ ଓ ୧୫ଟି ଦସ୍ତାବିଜ୍ ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି ଭୁବନେଶ୍ୱର ସ୍ପେଶାଲ କୋର୍ଟ । ଆସନ୍ତା ମଙ୍ଗଳବାର ଦଣ୍ଡ ବିଧାନ ଶୁଣାଣି ହେବ । ସୂଚନା ଅନୁଯାୟୀ ୧୯୯୫ ଅଗଷ୍ଟ ମାସ ୨୯ତାରିଖ ଗଣେଶ ପୂଜା ଦିନ ବିଧାୟକଙ୍କ ବାସଭବନରେ ପତ୍ନୀ ଶଶିରେଖା ଗମାଙ୍ଗଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା ।

## ମଣିପୁର ହିଂସାକୁ ନେଇ ବସିଲା ସର୍ବଦଳୀୟ ବୈଠକ




ମଣିପୁର, ୨୪/୦୬ : ଦେଢମାସରୁ ଅଧିକ ସମୟ ବିତିଲାଣି । ହିଂସା, ଆକ୍ରୋଶ, ଉତେଜନାରେ ଜଳୁଛି ମଣିପୁର । ଦୁଇ ସମ୍ପ୍ରଦାୟଙ୍କ ଅଧିକାରକୁ ନେଇ ଆରମ୍ଭ ହୋଇଥିବା ସାମାନ୍ୟ ସଂଘର୍ଷ ଏବେ ରାଜ୍ୟର ପରିସ୍ଥିତିକୁ ଅସମ୍ଭାଳ କରିପକାଇଛି। କେମିତି ହିଂସାରେ ରୋକାଯିବ, ଉପଦ୍ରବୀଙ୍କୁ ଦମନ କରାଯିବ, ରାଜ୍ୟକୁ ଶାନ୍ତି ଫେରିବ ସେନେଇ ଆକ୍ସନ ମୋଡରେ କେନ୍ଦ୍ର ସରକାର । ଶନିବାର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧକ୍ଷତାରେ ବସିଛି ସର୍ବଦଳୀୟ ବୈଠକ । କିଛି ଦିନ ପୂର୍ବରୁ ସର୍ବଦଳୀୟ ବୈଠକ ଡକାଇବା ପାଇଁ କଂଗ୍ରେସ ସମେତ ୧୦ଟି ବିରୋଧୀ ଦଳ ସରକାରଙ୍କୁ ଚିଠି ଲେଖି ଦାବି ଜଣାଇଥିଲେ । କିଛି ଦିନ ପୂର୍ବରୁ ଗୃହମନ୍ତ୍ରୀ ଅମିତ ଶାହା ମଣିପୁରକୁ ୪ ଦିନିଆ ଗସ୍ତ କରିଥିଲେ ଓ ହିଂସା ନ କରିବାକୁ ଘନ ଘନ ବୈଠକ କରିବା ସହ ଉପଦ୍ରବକାରୀଙ୍କୁ କଡ଼ା ଚେତାବନୀ ଦେଇଥିଲେ । ତଥାପି ମଣିପୁରରେ ସ୍ଥିତି ସୁଧୁରିବା ବଦଳରେ ବିଗିଡିବାରେ ଲାଗିଛି। ସମଗ୍ର ରାଜ୍ୟରେ ଇଣ୍ଟରନେଟ ସେବା ୨୫ ଜୁନ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ମେ ୩ ତାରିଖରେ କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ହିଂସା ଲାଗି ରହିଛି । ୫୦ଦିନରେ ପହଁଚିଲାଣି ହିଂସା ଯେଉଁଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ହେବା ସହ ୪୦ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ।

## ୨୪ ଘଂଟାରେ ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଆଗାମୀ ୨୪ ଘଂଟା ମଧ୍ୟରେ ବଙ୍ଗୋପସାଗର ଅଂଚଳରେ ଲଘୁଚାପ ସମ୍ଭାବନା ରହିଛି। ଉତର ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ଉତର ଓଡିଶା -ପଶ୍ଚିମବଙ୍ଗ ଉପକୂଳରେ ୭.୬ କିମି ଉଚ୍ଚତା ଯାଏଁ ବାୟୁମଣ୍ଡଳରେ ଘୁର୍ଣ୍ଣ ବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ଘଂଟା ମଧ୍ୟରେ ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷରେ ମୌସୁମୀ ବାୟୁ ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି।

## ଭୁବନେଶ୍ୱର ଶିଖରଚଣ୍ଡିରେ ଅନୁଧ୍ୟାନ କଲା ଏନଜିଟି ଟିମ



ଭୁବନେଶ୍ୱର, ୨୪/୦୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱର ଶୋଭାବର୍ଦ୍ଧନ କରୁଛି ଶିଖରଚଣ୍ଡୀ ପାହାଡ। ଆଜି ସେହି ଶବୁଜିମା ପାହାଡ଼ ଚର୍ଚ୍ଚାରେ। କାରଣ ପାନୀୟ ଜଳ ପ୍ରକଳ୍ପ ନାଁରେ ସେହି ପାହାଡରୁ ଗଛ କାଟି ଦିଆଯାଉଥିବା ଅଭିଯୋଗ ହେଉଛି। ଯେଉଁଥିପାଇଁ ସ୍ଥାନୀୟ ଲୋକ ଓ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଆନ୍ଦୋଳନ କରୁଥିବା ବେଳେ ମାମଲା ଯାଇ ପହଞ୍ଚିଛି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଟିମ୍(ଏନ୍‌ଜିଟି)। ଆଜି ଗ୍ରାଉଣ୍ଡ ଜିରୋରେ ସରଜମିନ ତଦନ୍ତ କରିଛନ୍ତି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଟିମ୍। ଶିଖରଚଣ୍ଡୀ ପାହାଡ ଉପରେ ସରଜମିନ ତଦନ୍ତ କରିଛି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଟିମ୍(ଏନ୍‌ଜିଟି)। ପାହାଡ଼ରୁ କେତେ ଗଛ କଟା ଯାଇଛି କେଉଁ ପ୍ରକଳ୍ପ ପାଇଁ ଗଛ କଟାଯାଇଛି ? ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ନିଆଯାଇଛି ନା ନାହିଁ ? ଘଏଞ୍ଜଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାମ କାହିଁକି ଅଟକିଲା ନାହିଁ? ଏ ସବୁ ପ୍ରଶ୍ନର ଉତ୍ତର ମାଗି ତାଗିଦ କରିଛନ୍ତି ଏନଜିଟି ଟିମ୍। ତା'ସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ ପ୍ରକଳ୍ପ ସହ ପରିବେଶ ମଞ୍ଜୁରୀ ନେଇ ସବିଶେଷ ତଥ୍ୟ ଦାଖଲ ପାଇଁ ଉଭୟ ୱାଟ୍‌କୋ ଓ ଖୋର୍ଦ୍ଧା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଖରଚଣ୍ଡୀ ପାହାଡରୁ ଯେଉଁ ଗଛ କଟା ଯାଇଛି, ତାହାଦ୍ୱାରା

▶▶ପୃଷ୍ଠା ୭

## ତରନତାରନରେ ପାକିସ୍ତାନର ଡ୍ରୋନ୍‌କୁ ଖସାଇଲା ବିଏସଏଫ

ଚଣ୍ଡୀଗଡ଼, ୨୪/୦୬ (ନି.ପ୍ର): ଶନିବାର ସକାଳେ ଭାରତୀୟ ସୀମାରେ ପ୍ରବେଶ କରିଥିବା ପାକିସ୍ତାନର ଏକ ଡ୍ରୋନ୍ କୁ ଖସାଇଛନ୍ତି ବିଏସଏଫର ଯବାନ ମାନେ । ପଞ୍ଜାବ ତରନତାରନ ନିକଟବର୍ତି ଲଖନା ଗ୍ରାମରେ ଏଭଳି ଘଟଣା ସାମ୍ନାକୁ ଆସିଛି । ବିଏସଏଫର ଅଧିକାରୀ ମାନଙ୍କ କହିବା କଥା, ଯବାନ ମାନେ ପ୍ରଥମେ ଡ୍ରୋନ୍ ର ଶବ୍ଦ ଶୁଣିବାକୁ ପାଇଥିଲେ । ଶବ୍ଦ ଆସୁଥିବା ଦିଗକୁ ଯବାନ ମାନେ ଗୁଳିଚାଳନା କରିଥିଲେ । ଏହାର କିଛି ସମୟ ପରେ ଏହି ଶବ୍ଦ ଶୁଣିବାକୁ ମିଳିନଥିଲା । ଯବାନ ମାନେ ସମ୍ପୃକ୍ତ ଅଂଚଳକୁ ସିଲ୍ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ ।

## ୨୦୨୪ ନିର୍ବାଚନରେ ବିଜେପିର ପରାଜୟ ନିଶ୍ଚିତ: ସତ୍ୟପାଲ୍ ମଲିକ



ନୂଆଦିଲ୍ଲୀ, ୨୪/୦୬ : ଜମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ୍ ମଲିକ ପୁଣି ଥରେ କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦୀ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସତ୍ୟପାଲ୍ ମଲିକ ଟୁଇଟ୍ କରି କହିଛନ୍ତି, ମୁଁ ସମସ୍ତ ନେତାଙ୍କୁ କହିବାକୁ ଚାହୁଁଛି ଯେ, ସେମାନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ଡରିବାର କୌଣସି ଆବଶ୍ୟକତା ନାହିଁ। ଦୃଢତାର ସହ ଛିଡ଼ା ହୋଇ ଏହାର ମୁକାବିଲା କରନ୍ତୁ। ଆଗାମୀ ଲୋକସଭା ନିର୍ବାଚନ ୨୦୨୪ରେ ବିଜେପିର ପରାଜୟ ନିଶ୍ଚିତ। ଏହା ପରେ ମୋଦୀ ଜୀ ଏବଂ ତାଙ୍କ ସହଯୋଗୀଙ୍କ ତଦନ୍ତ କରାଇ ନେବେ। ପୂର୍ବତନ ରାଜ୍ୟପାଳ ସତ୍ୟପାଲ୍ ମଲିକ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ଏଜେନ୍ସି ବିରୋଧରେ ସମସ୍ତେ ସାହାସର ସହ ମୁକାବିଲା କରନ୍ତୁ। ୬ ମାସ ପରେ ଏମାନଙ୍କ ପରାଜୟ ନିଶ୍ଚିତ। ଏହା ପରେ ଅଧିକାରୀ ବଳେ ବଳେ ସବୁ ବୁଝି ଯିବେ। ଏଥିପାଇଁ କିଛି କରିବାର ଆବଶ୍ୟକତା ପଡ଼ିବ ନାହିଁ। କେନ୍ଦ୍ର ମନ୍ତ୍ରୀ ସଞ୍ଜୀବ ବଲିୟାନଙ୍କୁ ନେଇ ପଚରା ଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ବିବାଦୀୟ ବୟାନ ଦେଇ ସତ୍ୟପାଲ ମଲିକ କହିଛନ୍ତି, ତାଙ୍କ ପରିବାରକୁ ମୁଁ ଅନେକ ଥର ଥାନାରୁ ମୁକୁଳାଇଛି। ଯଦି ସଞ୍ଜୀବ ବଲିୟାନଙ୍କ ସାହାସ ଅଛି ପାର୍ଟି ଛାଡ଼ି ଉପରକୁ ଉଠି ଦେଖାନ୍ତୁ ବୋଲି ପୂର୍ବତନ ରାଜ୍ୟପାଳ କହିଛନ୍ତି। ଅନ୍ୟପଟେ ସମସ୍ତ ବିରୋଧୀ ଦଳ ଏକଜୁଟ୍ ହୋଇ ୨୦୨୪ ଲୋକସଭା ନିର୍ବାଚନ ଲଢିବେ ଶୁକ୍ରବାର ପାଟନାରେ ବସିଥିବା ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ୧୫ ବିରୋଧୀ ଦଳ ଯୋଗ ଦେଇଥିଲେ। ପରବର୍ତ୍ତୀ ବୈଠକ ଜୁଲାଇରେ ସିମଲାରେ ଆୟୋଜିତ ହେବ।

## ଦିନରେ ଶସ୍ତା ଓ ରାତିରେ ସାମାନ୍ୟ ରହିବ ମହଙ୍ଗା: ତିନି ପ୍ରକାର ବିଜୁଳି ଦେୟ ଦେବେ ଉପଭୋକ୍ତା



ଭୁବନେଶ୍ୱର ୨୪/୦୬: ବିଜୁଳି ଦରକୁ ନେଇ ଆସିପାରେ ନୂଆ ନିୟମ । ଏଣିକି ଦିନର ଅଲଗା ଅଲଗା ସମୟ ପାଇଁ ଉପଭୋକ୍ତାଙ୍କୁ ଗଣିବାକୁ ପଡ଼ିବ ଭିନ୍ନ ଭିନ୍ନ ବିଦ୍ୟୁତ ଦେୟ। ଏଥିପାଇଁ ବିଦ୍ୟୁତ ଉପଭୋକ୍ତା ଅଧିକାର ନିୟମକୁ ସଂଶୋଧନ କରି ନୂଆ ବିଦ୍ୟୁତ ଉପଭୋକ୍ତା ଅଧିକାର ନିୟମ-୨୦୨୩ ନେଇ ଗେଜେଟ ବିଜ୍ଞପ୍ତି ଜାରି କରିଛି କେନ୍ଦ୍ର ଶକ୍ତି ମନ୍ତ୍ରାଳୟ। ବିଜ୍ଞପ୍ତି ଅନୁସାରେ, ୨୦୨୪ ଏପ୍ରିଲ ପହିଲାରୁ ୧୦ କିଲୋୱାଟ୍‌ରୁ ଅଧିକ ବିଜୁଳି ବ୍ୟବହାର କରୁଥିବା ବାଣିଜ୍ୟିକ ଓ ଶିଳ୍ପାଞ୍ଚଳ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଲାଗୁ ହେବ ଟାଇମ ଅଫ ଡେ' ଟାରିଫ। ୨୦୨୫ ମସିହା ଏପ୍ରିଲ ପହିଲାରୁ କୃଷି ବ୍ୟତୀତ ଅନ୍ୟ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କ

▶▶ପୃଷ୍ଠା ୭

## ନଡ୍ଡାଙ୍କୁ କଂଗ୍ରେସର ୧୮ଟି ପ୍ରଶ୍ନ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଭାରତୀୟ ଜନତାପାର୍ଟିର ଜାତୀୟ ସଭାପତି ଜେପି ନଡ୍‌ଡା ଓଡ଼ିଶାର ଜନସାଧାରଣଙ୍କ ବିକାଶ ବା ରାଜ୍ୟର ସାମଗ୍ରିକ ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଖସଡ଼ା ନେଇ ଆସିନଥିଲେ। ସେ ନିଜ ଦଳର ଦୁର୍ବଳ କର୍ମୀ ଓ ନେତାମାନଙ୍କ ମନରେ ପ୍ରାଣ ସଂଚାର କରିବାପାଇଁ ଆସିଥିଲେ। ଦଳ ଭିତରେ ଥିବା ଗୋଷ୍ଠି କନ୍ଦଳକୁ ଦୂର କରିବାପାଇଁ ତାଙ୍କର ଏ ଗସ୍ତ ବୋଲି ତାଙ୍କ ଉକ୍ତିର ସ୍ପଷ୍ଟ ପ୍ରମାଣିତ ହେଉଛି। ଶ୍ରୀ ନଡ୍‌ଡାଙ୍କ କଂଗ୍ରେସ ଦଳ ପ୍ରତି ଅଶାଳୀନ ମୂର୍ଖ ମନ୍ତବ୍ୟକୁ ଅତି କଡ଼ା ଭାଷାରେ ସମାଲୋଚନା କରିବା ସହ୧୮ ଟି ପ୍ରଶ୍ନର ଉତର ରଖିବାକୁ ପ୍ରଦେଶ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁଗୋ ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ କଂଗ୍ରେସ ସମୟରୁ ଚାଲୁଥିବା କେତୋଗୋଟି ଯୋଜନାକୁ କେନ୍ଦ୍ର ବିଜେପି ସରକାର ବନ୍ଦ କରିଛି ଏବଂ କାହିଁକି ?୨୦୧୪ ମସିହା ପୂର୍ବରୁ କଂଗ୍ରେସ ସରକାର ସମୟରେ ୬୩.୫ % ବଜେଟ୍‌ର ଅନୁଦାନ ରାଜ୍ୟମାନଙ୍କୁ ଦିଆଯାଉଥିଲା। ଏବେ ତାହାର ପରିମାଣ କମି ୫୪.୭୫ କୁ

▶▶ପୃଷ୍ଠା ୭

# ଶ୍ରମଜୀବୀ ସଂଗଠନ ଓ ମହିଳା ଶ୍ରମଜୀବୀ ସଂଗଠନ ତରଫରୁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା

ମାଲକାନଗିରି, ୨୪/୦୬ (ନି.ପ୍ର): ଜିଲ୍ଲା ସ୍ତରୀୟ ଲୋକ ସଂଗଠନ ମହିଳା ଶ୍ରମଜୀବି ସଂଗଠନ ଓ ଶ୍ରମଜୀବି ସଂଗଠନ ମାଲକାନଗିରି, ଓଡିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚ ଓଡିଶା ପକ୍ଷରୁ ନିକଟରେ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ଜଳବାୟୁ ପରିବର୍ତନ ସହିତ ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହ ହେତୁ, ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକମାନେ ସ୍ୱଚ୍ଛ ପାନୀୟ ଜଳ ଏବଂ ପୃଷ୍ଟି ଯୁକ୍ତ ଖାଦ୍ୟ ପାଇବାରୁ ବଂଚିତ ହେଉଛନ୍ତି । ଯାହାକି ସେମାନଙ୍କର ଆତ୍ମସମ୍ମାନ ସହ ବଂଚିବାର ଅଧିକାରକୁ ସୀମିତ କରୁଛି । ତେଣୁ ସ୍ଥାନୀୟ ସଂଗଠନ ପଛୁଆବର୍ଗମାନଙ୍କ ପାଇଁ ଅଧିକାର ସହିତ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ସଚେତନମୂଳକ କାର୍ଯ୍ୟକ୍ରମ ମାନ କରିଆସୁଅଛି । ଏଥିସହିତ ସ୍ଥାନୀୟ ସଂଗଠନ ପକ୍ଷରୁ ଆଜି ମାଲକାନଗିରି ବସଷ୍ଟଣ୍ଡରୁ ଏକ ଶାନ୍ତିପୁର୍ଣ୍ଣ ଶୋଭାଯାତ୍ରା ବାହାରି ସ୍ଥାନୀୟ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପଠାଇବା ସହିତ ଜିଲ୍ଲାର ସମସ୍ତ ବଂଚିତ ବର୍ଗର ଜନସାଧାରଣଙ୍କ ପାଇଁ ନିମ୍ନ ଲିଖିତ ଦାବୀ ଗୁଡିକ ପୂରଣ କରିବା ପାଇଁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି, ଏହି ଦାବି ଗୁଡିକ ହେଲା – ସମସ୍ତ ପରିବାରକୁ ଶୁଦ୍ଧ ପିଇବା ପାଣି ଯୋଗାଇଦେବା ଓ ସମସ୍ତ ପିଇବା ପାଣିର ଉତ୍ସଗୁଡିକର ମରାମତି କରିବା, ସମସ୍ତ ଯୋଗ୍ୟ ଗରୀବ ପରିବାରକୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଗାଇ ଦେବା, ବାଦ ପଡିଥିବା ସମସ୍ତ ପରିବାରକୁ ତୁରନ୍ତ ବିଦ୍ୟୁତ ସଂଯୋଗ କରାଯାଉ, ସମସ୍ତ ଯୋଗ୍ୟ ବୃଦ୍ଧା/ବିଧବା ଏବଂ ଦିବ୍ୟାଙ୍ଗ ମାନଙ୍କୁ ତୁରନ୍ତ ଭତା ଯୋଗାଇଦେବା ଓ ଭତାର ପରିମାଣ ୨୦୦୦ ଟଙ୍କାକୁ ବୃଦ୍ଧି କରାଯାଉ ଓ ହାତରେ ନଗଦ ଟଙ୍କା ଆକାରରେ ଘରେ ପ୍ରଦାନ କରାଯାଉ, ସମସ୍ତ ଯୋଗ୍ୟ ପରିବାରକୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ବଂଟନ ଓ ଗ୍ରାମ ଗୁଡିକୁ ସାମୁହିକ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାର ବ୍ୟବସ୍ଥା କରାଯାଉ, ସମସ୍ତ ଯୋଗ୍ୟ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ କରାଯାଉ, ସମସ୍ତ ଚାଷଜମିକୁ ଜଳସେଚନ ଯୋଗାଇବା ଓ ସମସ୍ତ ଚେକ ଡ୍ୟାମ, କେନାଲ, ଉଠାଜଳସେଚନ ପଏଣ୍ଟ ଗୁଡିକୁ ତୁରନ୍ତ ମରାମତି କରାଯାଉ, ସମସ୍ତ ଚାଷି ପରିବାରକୁ ରବି ଋତୁରେ ଚାଷ ନିମନ୍ତେ ସେପଟ୍ମେର ସୁଧା ଡାଲି ଜାତୀୟ ବିହନ ଯଥା – ମୁଗ, ବିରି, ଚଣା ଓ କୋଳଥ ଆଦି ମାଗଣାରେ ଯୋଗାଇ ଦିଆଯାଉ, ପାକଶାଳା ବଗିଚା ପାଇଁ ସମସ୍ତ ପରିବାରକୁ ପନିପରିବା ବିହନ କିଟ ତୁରନ୍ତ ପ୍ରଦାନ, ପରିବାରରୁ ବାଦ ପଡିଥିବା ସମସ୍ତ ସଦସ୍ୟଙ୍କୁ ରାସନ କାର୍ଡରେ ଯୋଡିବା, ସମସ୍ତ ବିଦ୍ୟାଳୟ ଗୁଡିକର ଭିତିଭୂମି ଯଥା – ଶ୍ରେଣୀ ଗୃହ, ରୋଷେଇ ଘର, ଶୁଦ୍ଧ ପିଇବା ପାଣି, ଖେଳ ପଡିଆ, ଶୌଚାଳୟ ଓ ପାଚେରୀ ଆଦି ମରାମତି ଓ ନିର୍ମାଣ କରାଯିବା ସହ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷକଙ୍କ ନିଯୁକ୍ତି କରିବା, ୧୫୦ ରୁ ଉର୍ଦ୍ଧ ଜନସଂଖ୍ୟା ଥିବା ପଡା ଗ୍ରାମଗୁଡିକରେ ତୁରନ୍ତ ମିନି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଭିତିଭୂମି ଯଥା – ପକ୍କାଗୃହ ନିର୍ମାଣ, ପିଇବା ପାଣି, ରୋଷେଇ ଗୃହ ଓ ପାଚେରୀ ନିର୍ମାଣ କରାଯାଉ । ଉପରୋକ୍ତ ଦାବିଗୁଡିକ ଉପରେ ବିଚାର କରି ଆବଶ୍ୟକୀୟ ପଦକ୍ଷେପ ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ସମସ୍ତ ୭ ଗୋଟି ବ୍ଲକରୁ ଶତାଧିକ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ସଂଗଠନର ସମ୍ପାଦକ ରାଜୁ କବାସୀଙ୍କ ସହ ଗାଙ୍ଗି ମାଢ଼ି, ଏରେ କବାସୀ, ଶୁଭଶ୍ରୀ ମାଢ଼ି, ଦହନା ମାଡକାମୀ, ଏରା ପଡିଆମୀ, ମୁକୁନ୍ଦ ମାଡକାମୀ, ମଦନ ହନ୍ତାଳ, ରାମ ବଡନାୟକ, ଗୋବର୍ଧନ ପାଙ୍ଗି, ତ୍ରିନାଥ ବଡନାୟକ, ଶ୍ରୀନୁ ସାଲବମ ଓ ସୀତାରାମ ଦୁରୁଆ ପ୍ରମୁଖଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ପରିଚାଳିତ ହୋଇଥିଲା ।

# ଝାଡ଼ଖଣ୍ଡରୁ ସାଇବର ଠକକୁ ଗିରଫ କଲା ବଲାଙ୍ଗୀର ସାଇବର ପୁଲିସ

ବଲାଙ୍ଗୀର, ୨୪/୦୬ (ନି.ପ୍ର): ବଲାଙ୍ଗିର ସାଇବର ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ଝାରଖଣ୍ଡର ଦରପା ଗ୍ରାମରୁ ଜଣେ ସାଇବର ଠକକୁ ବଲାଙ୍ଗୀର ସାଇବର ପୋଲିସ ଗିରଫ କରିଥିବା ବେଳେ ଆଜି ଏ ସଂପର୍କରେ ସାଇବର ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡ଼ିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି । ଦିଆଯାଇଥିବା ସୂଚନା ଅନୁଯାୟୀ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ପାଚେର ଗ୍ରାମର ଗଣେଶ ପଧାନ(୪୪) ସାଇବର ଠକେଇର ଶିକାର ହେବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତିକରି ବଲାଙ୍ଗିର ସାଇବର ପୋଲିସ ତତ୍ପରତାର ସହ ତଦନ୍ତ କରି ଆଜି ସାଇବର ଠକକୁ ଗିରଫ କରିବାରେ ସଫଳ ହୋଇଛି । ଅଭିଯୋଗ ଅନୁସାରେ ଗଣେଶ ପଧାନ ଫେସ୍‌ବୁକ୍‌ରୁ ଦେଖି ସ୍କାଏକାର୍ଟରୁ ସେ ତିନୋଟି ପାଣିଟେପ୍ ଅର୍ଡରର କରିଥିଲେ । ପାଣିଟେପ୍ ଆସିବା ପରେ ତାଙ୍କ ପତ୍ନୀଙ୍କର ତାହା ପସନ୍ଦ ହୋଇନଥିଲା । ତାପରେ ତାହା ଫେରସ୍ତ କରିବାକୁ ସେ କଷ୍ଟମର କେୟାର ନମ୍ବର ଖୋଜିଥିଲେ ଏବଂ ଏକ ଫ୍ରଡ୍ ନମ୍ବର ପାଇଥିଲେ । ସେହି ନମ୍ବରକୁ କଲ୍ କରିବାରୁ ତାଙ୍କୁ ଆଉ ଏକ ଯୋଗାଯୋଗ ନମ୍ବର ଦିଆଯାଇଥିଲା । ସେହି ନମ୍ବରରେ ଗଣେଶ ପଧାନ ଯୋଗାଯୋଗ କରିବା ପରେ ତାଙ୍କୁ ଏକ ଗୁଗୁଲ୍ ଲିଙ୍କ ଦେଇ କ୍ଲିକ୍ କରିବାକୁ କୁହା ଯାଇଥିଲା । ଏହି ଗୁଗୁଲ୍ ଲିଙ୍କ୍‌କୁ କ୍ଲିକ୍ କରିବା ପରେ ତାଙ୍କୁ ୟୁପିଆଇ କୋଡ଼ ଓ ପିନ୍ ନମ୍ବର ଦେବାକୁ ଅପ୍‌ସନ୍ ଆସିବା ପରେ ସେ କିଛି ସମସ୍ୟା ହୋଇପାରେ ବୋଲି ଅନୁଭବ କରି ତାଙ୍କ ଏସ୍‌ବିଆଇ ଆକାଉଣ୍ଟରୁ ବେଙ୍କ ଅଫ୍ ବରୋଦା ଆକାଉଂଟକୁ ସମସ୍ତ ଟଙ୍କା ଟ୍ରାନ୍ସଫର୍ କରି ଦେଇଥିଲେ । ଏହାପରେ ତାଙ୍କୁ ଏକ ରିମୋଟ ଆପ୍ ଡାଉନ୍ ଲୋଡ଼୍ କରିବାକୁ କୁହାଯାଇଥିଲା । ଏହା ଡାଉନ୍‌ଲୋଡ଼୍ କରୁ କରୁ ତାଙ୍କ ମୋବାଇଲ୍ ହେକ୍ ହୋଇଯାଇଥିଲା । ଯେହେତୁ ଗଣେଶ ପଧାନଙ୍କ ଏସ୍‌ବିଆଇ ଆକାଉଂଟ ଓ ବେଙ୍କ ଅଫ୍ ବରୋଦା ଆକାଉଂଟରେ ସମାନ ଗୋଟିଏ ମୋବାଇଲ୍ ନମ୍ବର ଲିଙ୍କ୍ ଥିଲା, ସେଥିପାଇଁ ସାଇବର ଠକ ତାଙ୍କ ବ୍ୟାଙ୍କ ଅଫ୍ ବରୋଦା ଆକାଉଂଟରୁ ୯୯ ହଜାର ୮ ଶହ ୮୯ ଟଙ୍କା ଉଠାଇ ନେବାରେ ସଫଳ ହୋଇଥିଲା । ଏହି ଘଟଣା ସଂପର୍କରେ ଗତ ୨ ତାରିଖ ଦିନ ବଲାଙ୍ଗିର ସାଇବର ଥାନାରେ ଅଭିଯୋଗ କରିଥିଲେ ଗଣେଶ ପଧାନ ।

## କେନ୍ଦ୍ରାପଡ଼ା ଜିଲ୍ଲା ଟ୍ରେଡ ୟୁନିଅନ୍ ମିଳିତ ସମନ୍ୱୟ ବୈଠକ

କେନ୍ଦ୍ରାପଡ଼ା, ୨୪/୦୬ (ନି.ପ୍ର): କେନ୍ଦ୍ରାପଡ଼ା ସହରର ଖଡିଅଙ୍ଗ ସି.ଆଇ.ଟିୟୁ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପ୍ରକାଶ ମହାନ୍ତିଙ୍କ ସଭାପତିତ୍ୱରେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ନିର୍ମାଣ ଶ୍ରମିକ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଶ୍ରମିକମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢେଇ କରିବା ପାଇଁ ଏକ ମିଳିତ ସମନ୍ୱୟ ସମିତି ଗଠନ କରିବାକୁ ନିଷ୍ପତି କରାଯାଇଥିଲା । ଏହି ନିଷ୍ପତି ଅନୁଯାଇ ଜିଲ୍ଲା ଟ୍ରେଡ ୟୁନିଅନ ମିଳିତ ସମନ୍ୱୟ ସମିତିର ସଭାପତି ଭାବରେ ଜଗତଜୀବନ ଦାଶ, ସାଧାରଣ ସମ୍ପାଦକ ଭାବେ ସୌମ୍ୟରଞ୍ଜନ ଧଳ, କାର୍ଯ୍ୟକାରୀ ସଭାପତି ଭାବେ ମୁକ୍ତାର ଖାନ, କୋଷାଧକ୍ଷ ଭାବେ ତ୍ରିଲୋଚନ ଦାସ ଓ ସଂଯୋଗକ ଭାବେ ଶିବ ପ୍ରସାଦ ନାଥଙ୍କୁ ଚୟନ କରାଯାଇଥିଲା । ଏହି ବୈଠକରେ ୪୦ରୁ ଉର୍ଦ୍ଧ ଟ୍ରେଡ ୟୁନିଅନର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଆସନ୍ତା ୨୬ତାରିଖରେ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ମିଳିତ ସାମନ୍ୱୟ ବୈଠକରେ ଏହି କର୍ମକର୍ତାମାନେ ଯୋଗ ଦେବାକୁ ନିଷ୍ପତି ନିଆଯାଇଛି ।

# କୋଇଡା ଅଂଚଳ ଶ୍ରମିକ ଖଣି ସମ୍ମୁଖରେ ବସି ରହିଛନ୍ତି: କେନ୍ଦ୍ରୀୟ ଶ୍ରମ ଓ ଭବିଷ୍ୟନିଧି ଆଇନ କାମ କରୁନି

ରାଉରକେଲା, ୨୪/୦୬ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା କୋଇଡା ଖଣି ଅଂଚଳରେ କେନ୍ଦ୍ରୀୟ ଶ୍ରମ ଓ ଭବିଷ୍ୟନିଧି ଆଇନ ସଠିକ ବାବେ କାମ କରୁନି, ବାବୁ ମାନେ ନିୟମିତ ଖଣି ଅଂଚଳ ପରିଦର୍ଶନରେ ଯାଉ ନାହାନ୍ତି, ଅଫିସରେ ବସି ମାଲିକ ମାନଙ୍କ ସହ ମିଶି ସେମାନଙ୍କୁ ସୁହାଇଲା ଭଳି କାମ କରୁଥିବାରୁ କୋଇଡା ଅଂଚଳରେ ଖଣିରେ କାମ କରୁଥିବା ହଜାର ହଜାର ଖଣି ଶ୍ରମିକଙ୍କ ଜୀବନ ଦୁର୍ବିସହ ହେବା ସହ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଥିବା ଅଭିଯୋଗ ହୋଇଛି । ଫଳ ସ୍ୱରୁପ ୩ ଦିନ ହେଲା ଜେଏସଡବ୍ଲୁ ଲୁହାପଥର ଖଣି ସମ୍ମୁଖରେ ହଜାର ହଜାର ଶ୍ରମିକ ନିଜ ନ୍ୟାର୍ଯ୍ୟଦାବି ନେଇ ବସି ରହି ଅନ୍ଦୋଳନ ଚଳାଇଛନ୍ତି । ସୁନ୍ଦରଗଡ ଜିଲ୍ଲା କୋଇଡା ଅଂଚଳରେ ଅନେକ ଖଣି ରହିଛି, ଖଣି ମାଲିକ ମାନେ ଏହି ସବୁ ଖଣିରୁ ବ୍ୟାପକ ମୁନାଫା ପାଉଥିବା ବେଳେ ରାଜ୍ୟ ସରକାର ମଧ ଏଥିରୁ ରାଜସ୍ୱ ପାଇବା ସହ ଜିଲ୍ଲା ଖଣିଜ ପାଣ୍ଠିକୁ ହଜାର ହଜାର କୋଟି ସହୟତା ଆସୁଛି, କିନ୍ତୁ ଏହି ସବୁ ଖଣିରେ ଦିନ ରାତି ନିଜ ରକ୍ତକୁ ପାଣି କରି ଖଟୁଥିବା ଶ୍ରମିକ ମାନେ ଉଭୟ ଶ୍ରମ ଓ ଭବିଷ୍ୟନିଧି ଆଇନ ଅନୁଶାରେ ଯେଉଁସବୁ ସୁବିଧା ପାଇବା କଥା ତାହା ସେମାନଙ୍କ ଲାଗି ଦିବାସ୍ୱପ୍ନ ପାଲଟିଛି । ଏହିଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଗଣୁଆ ଲୁହାପଥର ଖଣିରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ନିକଟରେ । ଗଣୁଆ ଖଣିରେ ହଜାର ହଜାର ଠିକା ଶ୍ରମିକ କାମ କରୁଛନ୍ତି, କଂପାନୀ ଜେଏସଡବ୍ଲୁ ଏଠାରେ ଠିକାଦାର ମାନଙ୍କୁ ଲଗାଇ କାମ କରୁଛି ଓ ଏହି ସବୁ ଶ୍ରମିକ ମାନେ ସେହି ଠିକାଦାରଙ୍କ ଅଧିନରେ କାମ କରୁଛନ୍ତି । ହେଲେ ଏମାନଙ୍କୁ ସର୍ବନିମ୍ନ ମଜୁରୀ ମିଳୁନଥିବା ବେଳେ ଶ୍ରମିକ ମାନଙ୍କ ନାମ ଏ ଫର୍ମ ରେଜିଷ୍ଟାରରେ ଲେଖାଉନାହିଁ । ଭବିଷ୍ୟନିଧି ଆଇନ ୧୦୫୨ ଅନୁଶାରେ ଦିର୍ଘ ଦିନ ହେବ କାମ କରୁଥିବା ଶ୍ରମିକ ମାନଙ୍କର ଭବିଷ୍ୟନିଧି ଜମା କରାଯାଉନାହିଁ, ଧୁଳିରେ କାମ କରୁଥିବା ଏହି ଶ୍ରମିକ ମାନଙ୍କ ଶରୀରକୁ ସୁରକ୍ଷା ଦେବା ଲାଗି ଆବଶ୍ୟକୀୟ ସରଞ୍ଜାମ ଇତ୍ୟାଦି ଯୋଗା ଯାଉନାହିଁ, ଲୁଗା ସଫା ଲାଗି ସାବୁନ ମଧ ଦିଆଯାଉନାହିଁ, ଆଖପାଖ ଗାଁ ଗୁଡିକରେ ଖଣି କାମ ଲାଗି ପାଣିର ଅଭାବ ରହୁଥିବା ବେଳେ କଂପାନୀ ସେମାନଙ୍କୁ ପାନୀୟ ଜଳ ମଧ ଯୋଗାଉ ନାହିଁ, ଭିଡିଏ ବାବଦକୁ ୨୦୨୧ରୁ ବାକିଥିବା ଅର୍ଥରାଶି ମଧ କଂପାନୀ ଆଜିଯାଏ ଦେଉନଥିବାର ଅଭିଯୋଗ ହୋଇଛି । ସେହିଭଳି ରୋଗରେ ପଡିଲେ ଛୁଟି ମିଳୁନଥିବା ବେଳେ ଜରୁରୀକାଳିନ ଛୁଟୀ ଇଏଲ ସମେତ ଶ୍ରମିକ ମାନଙ୍କୁ ସୁରକ୍ଷା ଲାଗି ମଧ କୌଣସି କିଟ ପ୍ରଦାନ କରାଯାଉନାହିଁ । ମୋଟା ମୋଟି ଏଠି ଆମ ଆଇନ କେବଳ ନାମକୁ ମାତ୍ର ଓ ଭବିଷ୍ୟନିଧି ଆଇନ ହେଉଛି ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଓ ମାଲାମାଲ ହେବା ଲାଗି ରହିଥିବା ଅଭିଯୋଗ ହୋଇଛି । ଏହି ସବୁ ସୁବିଧା ଲାଗି ଜେଏସଡବ୍ଲୁର ଠିକା ଶ୍ରମିକ ମାନେ ଚଳିତ ମାସ ୨୦ ତାରିଖରୁ ଖଣି ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ଏହି ଧାରଣାକୁ ନେତୃତ୍ୱ ଦେଉଥିବା ସିଆଇଟିୟୁର ଶ୍ରମିକ ନେତା ପ୍ରଭାତ କୁମାର ପଣ୍ଡା ଏ ସଂପର୍କରେ ୨୪ ମଇରେ କାର୍ଯ୍ୟରତ ଠିକାଦାର, ଉପଜିଲ୍ଲାପାଳ ବଣେଇ,ଏସଡିପିଓ ବଣେଇ, ଆଂଚଳିକ ଶ୍ରମ କମିଶନର ରାଉରକେଲା, ବିଡିଓ କୋଇଡାଙ୍କୁ ଚିଠିକରି ଜଣାଇଥିଲେ । ତେବେ ଏନେଇ ଠିକାଦାର କିଛି ଶୁଣିନଥିବା ବେଳେ ଜେଏସଡବ୍ଲୁ ଖଣି ମାଲିକ ମଧ କିଛି ଶୁଣି ନାହାନ୍ତି ।

ଏନେଇ ଆଂଚଳିକ ଶ୍ରମ କମିଶନର ରାଉରକେଲା କହିଛନ୍ତି ଯେ, ସର୍ବନିମ୍ନ ମଜୁରୀ ମିଳୁନଥିବା ଅଭିଯୋଗ ଆସିଲେ ସେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ଏନେଇ ଉଭୟ ଶ୍ରମିକ ସଂଗଠନର ରାଜ୍ୟ ମୁଖ୍ୟ ବିଷ୍ଣୁ ମହାନ୍ତି, କୋଇଡା ସିଆଇଟିୟୁ ନେତା ପ୍ରଭାତ ପଣ୍ଡା ଓ ଖଣି କଂପାନୀ ଠିକାଦାରଙ୍କ ସହ ଆଲୋଚନା ଜାରୀ ରହିଛି । ୩ ଦିନ ହେଲା ଶ୍ରମିକ ମାନେ ବସି ରହିବା ବିଷୟରେ ସେ ଜାଣି ନଥିବା କହିଛନ୍ତି । ସେହିଭଳି ଭବିଷ୍ୟନିଧି କମିଶନରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇ ନଥିଲା ।

ଖବରରୁ ଜଣାପଡିଛି ଯେ, କୋଇଡା ଅଂଚଳ ଲାଗି ୨ ଜଣ ପିଏଫ ନିରୀକ୍ଷକ ରହିଛନ୍ତି । ସେମାନେ ରାଉରକେଲାରେ ରହି କାମ କରନ୍ତି, କୋଇଡା ଗସ୍ତ କେବଳ କାଗଜ ପତ୍ରରେ କୁଆଡେ ହୁଏ, ଅତିରିକ୍ତ କମିଶନର ମାସରେ ୧୫ ଦିନ ସମ୍ବଲପୁର ଓ ୧୫ ଦିନ ରାଉରକେଲାରେ ରହୁଛନ୍ତି । ତେଣୁ ଭବିଷ୍ୟନିଧି ଆଇନ ଏଠାରେ ଆଦୌ କାମ କରୁନଥିବା ଯାହା ଅଭିଯୋଗ ହେଉଛି ତାହାର କାରଣ ସ୍ପଷ୍ଟ ହୋଇଯାଇଛି । ଏ ଦିଗରେ ବିଗତ ୩ ବର୍ଷ ଧରି ରାଉରକେଲାରେ ଥିବା କମିଶନର କଣ କରିଛନ୍ତି ତାହା କେନ୍ଦ୍ର ସରକାର ଦୃଷ୍ଟି ଦେବା ଆବଶ୍ୟକ ହୋଇପଡିଛି । କୋଇଡାରେ ଖଣି ଅଂଚଳରେ ଥିବା ଶ୍ରମିକ ମାନେ ଏହି ସବୁ ଆଇନ ସଂପର୍କରେ ଜାଣିପାରୁନଥିବା ବେଳେ ଦାୟିତ୍ୱରେ ଥିବା କେନ୍ଦ୍ର ସରକାରଙ୍କ ବାବୁ ମାନେ ରାଉରକେଲାରେ ରହି ଏସି ରୁମରୁ ସବୁ ନିୟନ୍ତ୍ରଣ କଲେ, ତେଣୁ ସରକାରଙ୍କର ଏହି ଶ୍ରମିକ ମାନଙ୍କ ଲାଗି ରହିଥିବା ମହତ ଉଦ୍ଦେଶ୍ୟ ପୁରଣ ହୋଇପାରୁନାହିଁ । ଅନେକ କ୍ଷେତ୍ରରେ ଶ୍ରମିକ ସଙ୍ଗଠନ ମାନେ ଲଢେଇ କରୁଥିଲେ ମଧ ସରକାରୀ ବାବୁ ମାନଙ୍କ ସାହେବ ଆଦବ କାଇଦା ଶ୍ରମିକ ମାନଙ୍କ ଜୀବନକୁ ଦୁର୍ବିସହ କରିଦେଉଥିବାର ଅଭିଯୋଗ ହେଉଛି ।

## ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସୁବର୍ଣ୍ଣ ଜୟନ୍ତୀ ପାଇଁ ଆଭାସି ବୈଠକ

ବଲାଙ୍ଗିର , ୨୪/୦୬ (ନି.ପ୍ର): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡ଼ିଶା ପଶ୍ଚିମ ପ୍ରାନ୍ତର ଏକ ଅଭାସି କାର୍ଯ୍ୟକାରିଣୀ ବୈଠକ ଆଭାଷୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି । ଆଗାମୀ ୮ ,୯,୧୦ ସେପଟ୍ମେର ୨୦୨୩ ରୁ ଦିଲ୍ଲୀଠାରେ ଆରମ୍ଭ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ବର୍ଷର ଉଦ୍ଘାଟନୀ କାର୍ଯ୍ୟକ୍ରମ ଉପରେ ପ୍ରାନ୍ତ ସଭାପତି ଶଶି ଭୂଷଣ ପୁରୋହିତ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି । ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଡ଼ିଶା ପଶ୍ଚିମ ପ୍ରାନ୍ତ ପ୍ରଭାରୀ ରବିକାନ୍ତ ଜେଉସ୍ୱାଲ , ପୂର୍ବ କ୍ଷେତ୍ର ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ ବୈଠକ ରେ ଯୋଗ ଦେଇ ରୂପରେଖ ପ୍ରସ୍ତୁତି ଦିଗରେ ମାର୍ଗ ଦର୍ଶନ କରିଥିଲେ । ପ୍ରାନ୍ତ ସଂଗଠନ ସମ୍ପାଦକ ସତ୍ୟ ନାରାୟଣ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାନ୍ତ ସାଧାରଣ ସମ୍ପାଦକ ମାଣିକ ଲାଲ ବର୍ମା, ରାଜ୍ୟ ମହିଳା ପ୍ରମୁଖ ସଂଯୁକ୍ତା ମିଶ୍ର, ବଲାଙ୍ଗିର ସଭାପତି ଗୋପବନ୍ଧୁ ଶତପଥୀ, ଉପ ସଭାପତି ସଂଯୁକ୍ତା ମିଶ୍ର, ସହ ସମ୍ପାଦକ ତଥା ମହିଳା ସଂଯୋଜିକ ନିହରିକା ମିଶ୍ର, ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ପତି, ତ୍ରିନାଥ କାଲସାଏ, ରାଉରକେଲା ସଭାପତି ସତ୍ୟନାରାୟଣ ଦାଶ, ପ୍ରମଖ ଯୋଗଦେଇ ପ୍ରାନ୍ତ ରେ ୨୦୨୩-୨୪ ବର୍ଷ ରେ ସୁବର୍ଣ୍ଣ ଜୟନ୍ତୀ ପାଳନ ଉପରେ ଆଲୋଚନା ହୋଇ ୫୦ ବର୍ଷରେ ୫୦ କାର୍ଯ୍ୟ କର୍ତ୍ତା ପ୍ରାନ୍ତ ରୁ ଜିଲ୍ଲା ପ୍ରତ୍ୟେକ ସ୍ତରରେନିର୍ମାଣ କରାଯିବା ଉପରେ ନିଷ୍ପତି ନିଆଯାଇଥିଲା । ଆରମ୍ଭରେ ସଂଗଠନ ମନ୍ତ୍ର ଓ ଶେଷରେ ଶାନ୍ତି ପାଠ ସହିତ ବୈଠକ ସମାପନ ହୋଇଥିଲା ।

## ନାବାଳକଠାରୁ ୧୦ ହଜାର ଲୁଟ୍

ଗଞ୍ଜାମ, ୨୪/୦୬ (ନି.ପ୍ର): ବେଲଗୁଣ୍ଠା ଥାନା ବୁରପଲୀ ଛକରେ ଜଣେ ନାବାଳକକୁ ମାଡମାରି ଦୁର୍ବୃତ ମାନେ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି ।ପନ୍ତୀଖାରି ଗ୍ରାମର ପ୍ରଭୂ ସେଠୀ (୧୬) କଲ୍ୟାଣପୁର ଜିଓସ୍କ ଶାଖାରୁ୧୦ ହଜାର ଟଙ୍କା ଉଠାଇ ସାଇକେଲରେ ଫେରୁଥିବା ବେଳେ ବୁରପଲୀ ଛକରେ ଗୋଟିଏ ବାଇକରେ ୪ ଜଣ ଯୁବକ ଆସି ନାବାଳକକୁ ଧକ୍କାଦେଇ ତା ଠାରୁ୧୦ ହଜାର ଟଙ୍କା ଲୁଟି ନେଇଥିଲେ ।

## ସ୍ମାର୍ଟ ମିଟରିଂ ବ୍ୟବସ୍ଥାରେ ସଂଶୋଧନ ପାଇଁ କରାଯାଇଥିବା ନିୟମାବଳୀ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ସରକାର ସ୍ମାର୍ଟ ମିଟର ସଂଯୋଗ ପାଇଁ ରହିଥିବା ନିୟମାବଳୀକୁ ମଧ ସରଳ କରିଛନ୍ତି । ଅସୁବିଧା/ଉପଭୋକ୍ତାଙ୍କ ଶୋଷଣ ଏଡ଼ାଇବା ପାଇଁ ସର୍ବାଧିକ ଅନୁମୋଦିତ ଚାପ/ଚାହିଦା ଠାରୁ ଉପଭୋକ୍ତାଙ୍କ ଚାହିଦା ବୃଦ୍ଧି ପାଇଲେ ବର୍ତ୍ତମାନର ଜୋରିମାନା ପରିମାଣକୁ ହ୍ରାସ କରାଯାଇଛି । ମିଟର ସଂଯୋଗ ବ୍ୟବସ୍ଥାରେ ସଂଶୋଧନ ଅନୁଯାୟୀ, ଗୋଟିଏ ସ୍ମାର୍ଟ ମିଟର ସଂଯୋଗ ପରେ ଉପଭୋକ୍ତାଙ୍କ ଉପରେ ସଂଯୋଗ ତାରିଖ ପୂର୍ବର ଅବଧି ପାଇଁ ସ୍ମାର୍ଟ ମିଟର ଦ୍ୱାରା ରେକର୍ଡ କରାଯାଇଥିବା ସର୍ବାଧିକ ଚାହିଦାକୁ ଆଧାର କରି କୌଣସି ଜୋରିନାମା ଲାଗୁ ହେବ ନାହିଁ । ଚାପ ବା ଲୋଡ୍? ସଂଶୋଧନ ପ୍ରକ୍ରିୟାକୁ ମଧ ଯୁକ୍ତିସଂଗତ କରାଯାଇଛି । ଗୋଟିଏ ଆର୍ଥିକ ବର୍ଷରେ ଯଦି ଅନୁମୋଦିତ ଚାପ ବା ଲୋଡ୍? ପରିମାଣ ତିନି ଗୁଣା ବୃଦ୍ଧି ପାଏ ତା'ହେଲେ ସର୍ବାଧିକ ଚାହିଦାକୁ ଉପର ଆଡ଼କୁ ସଂଶୋଧନ କରାଯିବ । ଅଧିକନ୍ତୁ, ଗୋଟିଏ ଦିନରେ ଦୂରରୁ ଥାଇ ସ୍ମାର୍ଟ ମିଟର ରିଡିଂ ନିଆଯିବ ଏବଂ ବିଦ୍ୟୁତ ଶକ୍ତି ଉପଯୋଗ ସମ୍ପର୍କରେ ନିଷ୍ପତି ନେବା ପାଇଁ ସେମାନଙ୍କୁ ତଥ୍ୟ ପ୍ରଦାନ କରାଯିବ । ବିଦ୍ୟୁତ ବ୍ୟବସ୍ଥା ଉପଭୋକ୍ତାଙ୍କୁ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ ଏବଂ ଉପଭୋକ୍ତାଙ୍କର ବିଶ୍ୱସନୀୟ ସେବା ଓ ଗୁଣବତ୍ତାପୂର୍ଣ୍ଣ ବିଦ୍ୟୁତ ପାଇବାର ଅଧିକାର ରହିଛି, ଏହି ଅବଧାରଣା ସହିତ ୩୧ ଡିସେମ୍ବର, ୨୦୨୦ରେ ସରକାର ବିଦ୍ୟୁତ (ଉପଭୋକ୍ତା ଅଧିକାର) ନିୟମ ୨୦୨୦ ଲାଗୁ କରିଥିଲେ । ନୂଆ ବିଦ୍ୟୁତ ସଂଯୋଗ, ରିଫଣ୍ଡ ଓ ଅନ୍ୟ ସେବାଗୁଡ଼ିକୁ ଠିକ୍? ସମୟରେ ପ୍ରଦାନ କରିବା ଏବଂ ଉପଭୋକ୍ତାଙ୍କ ଅଧିକାରକୁ ଜାଣିଶୁଣି ଉପେକ୍ଷା କଲେ ସେବା ପ୍ରଦାନକାରୀଙ୍କ ଉପରେ ଜୋରିମାନା ଲାଗୁ କରିବା ତଥା ଉପଭୋକ୍ତାଙ୍କୁ କ୍ଷତିପୂରଣ ପ୍ରଦାନ ସୁନିଶ୍ଚିତ କରିବା ଏହି ନିୟମର ଉଦ୍ଦେଶ୍ୟ । ବିଦ୍ୟୁତ ଉପଭୋକ୍ତାଙ୍କୁ ସଶକ୍ତ କରିବା, ଶସ୍ତା ଦରରେ ୨୪ ଘଣ୍ଟିଆ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଏବଂ ବିଦ୍ୟୁତ କ୍ଷେତ୍ରରେ ନିବେଶ ପାଇଁ ଅନୁକୂଳ ବ୍ୟବସ୍ଥା ବଜାୟ ରଖିବା ଲାଗି ସରକାର ଲଗାତର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ନିୟମରେ ବର୍ତ୍ତମାନର ସଂଶୋଧନ ଏସବୁ ପଦକ୍ଷେପର ଏକ ଅଂଶବିଶେଷ ।

# ଶଶାଙ୍ଗ ଅରଡେଇ ବାଲି ଖଣି ଲିଜ ସୀମା ବାହାରୁ ବେଆଇନ ବାଲି ଉତ୍ତୋଳନ

ଚମ୍ପୁଆ, ୨୪/୦୬ (ନି.ପ୍ର): ଉପାନ୍ତ ଚମ୍ପୁଆ ତହସିଲ ରଜିଆ ପଂଚାୟତ ଅନ୍ତର୍ଗତ ଶଶାଙ୍ଗ ଗ୍ରାମର ଅରଡେଇ ନଦୀ ରେ ଥିବା ଶଶାଙ୍ଗ-୨ ବାଲି ଖଣିରୁ ଚାଲିଛି ବେଆଇନ ବାଲି ଉତୋଳନ । ବାଲି ଖଣି ଲିଜ ସୀମା ବାହାରୁ କରାଯାଉଛି ବାଲି ଉତୋଳନ । ଏପରିକି ନଦୀ ପାଣିରୁ ବାଲି ଉତୋଳନ ପାଇଁ ବ୍ୟବହାର କରାଯାଉଛି ବଡ଼ ବଡ଼ ମେସିନ ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳ ଦ୍ୱାରା ନିର୍ମିତ ଯନ୍ତ୍ର ଚାଳିତ ଡ଼ଙ୍ଗା । ଡଙ୍ଗା ପାଣି ଉପରେ ଭାସୁଥିବା ବେଳେ ଡଙ୍ଗା ରେ ଲାଗିଥିବା ଶକ୍ତି ସମ୍ପନ୍ନ ପମ୍ପ ଜରିଆରେ ନଦୀ ପାଣି ସ୍ରୋତ ଭିତରୁ ବାଲିକୁ ପାଇପ ଯୋଗେ କୂଳକୁ ଅଣା ଯାଇ ମେସିନ ସାହାଯ୍ୟରେ ହାଇୱା ଗାଡ଼ିରେ ବାଲି ଲୋଡ଼ ଦେଇ ବାହାରକୁ ଚାଲାଣ କରା ଯାଉଛି କ୍ଷ ଏପରି ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ନଦୀ ପାଣି ଭିତରୁ ବାଲି ଉତୋଳନ କରିବା ଘଟଣା ଚମ୍ପୁଆ କଣ ସମଗ୍ର କେନ୍ଦୁଝର ଜିଲ୍ଲାରେ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା । ସୁଚନାଯୋଗ୍ୟ କି, ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ ଶଶାଙ୍ଗ ମୌଜାର ଖାତା ନଂ ୧୪୭ ପ୍ଲଟ ନଂ ୫୫୮ ଶଶାଙ୍ଗ-୨ ବାଲି ଘାଟକୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୧୨ ଏକର ପରିସୀମା ମଧରେ ବାଲି ଉତୋଳନ କରିବା ପାଇଁ ଜନୈକ ଲିଜ ଧାରୀଙ୍କୁ ୫ ବର୍ଷ ପାଇଁ ଲିଜ ଦିଆଯାଇଅଛି । କିନ୍ତୁ ଜନୈକ ଲିଜ୍‌ଧାରୀ ଏହି ବାଲି ଘାଟକୁ ଲିଜ ନେବା ପରେ ଓଡ଼ିଶା ମାଇନିଙ୍ଗ ରୁଲ ୨୦୧୬କୁ ଉଲ୍ଲଘଂନ କରି ପୋକଲେନ, ଜେସିବି ପରି ବଡ଼ ବଡ଼ ମେସିନ ଓ ଅତ୍ୟାଧୁନିକ ଜ୍ଞାନ କୌଶଳଯୁକ୍ତ ଉଚ୍ଚ ଶକ୍ତି ସମ୍ପନ୍ନ ପମ୍ପ ଲାଗିଥିବା ଯନ୍ତ୍ର ଚାଳିତ ଡଙ୍ଗା ବ୍ୟବହାର କରି ନଦୀ ଗର୍ଭରୁ ବାଲି ଉତୋଳନ କରିବା ସହିତ ଲିଜ ପରିସୀମା ବାହାରକୁ ଯାଇ ବାଲି ଉତୋଳନ କରୁଥିବା ଦୃଷ୍ଟି ଗୋଚର ହେଉଛି । ମେସିନ ଦ୍ୱାରା ନଦୀ ଗର୍ଭରୁ ବାଲି ଉତୋଳନ କରାଯିବା ଯୋଗୁଁ ନଦୀ ଗର୍ଭରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହେବା ଦ୍ୱାରା ନିକଟରେ ଥିବା ଚାଷ ଜମିରେ ପାଣି ନ ରହି ଜମି ଶୁଖିଲା ପଡିବା ପରିସ୍ଥିତି ସୃଷ୍ଟି ହୋଇଛି । ଯାହାଦ୍ୱାରା ଚାଷ ନଷ୍ଟ ହେବାର ସମ୍ଭାବନା ଥିବା ବେଳେ ସେହି ନଦୀ ରେ ଥିବା ପୋଲ ତଳୁ ମଧ ମେସିନ ଜରିଆରେ ବାଲି ଉତୋଳନ କରାଯିବା ଯୋଗୁଁ ପୋଲ ପ୍ରତି ବିପଦ ସୃଷ୍ଟି ହୋଇଛି । ତେବେ ଲିଜ ଧାରୀ ଏତିକି ରେ ସୀମିତ ନ ରହି ଲିଜ ପାଇଥିବା ଅରଡେଇ ନଦୀ କୂଳ ରେ ଥିବା ଶଶାଙ୍ଗ-୨ ବାଲିଘାଟ ଠାରୁ ପ୍ରାୟ ୨ କିଲୋ ମିଟର ଦୂରରେ ଥିବା ଅରଡେଇ ଓ ବୈତରଣୀ ନଦୀ ମୁହାଣ ପର୍ଯ୍ୟନ୍ତ ମାଡି ଯାଇ ବୈତରଣୀ ନଦୀରୁ ମଧ ଅତ୍ୟାଧୁନିକ ଯନ୍ତ୍ର ଚାଳିତ ଡ଼ଙ୍ଗାରେ ପାଇପ ଯୋଗେ ବେଆଇନ ଭାବେ ବାଲି ଉତୋଳନ କରୁଥିବା ଦେଖିବାକୁ ମିଳିଛି । ବଡ଼ ବଡ଼ ମେସିନ ଦ୍ୱାରା ବାଲି ଉତୋଳନ କାମ କରାଯାଉଥିବାରୁ ସ୍ଥାନୀୟ ଶ୍ରମିକ ମାନେ କାମ ନ ପାଇ କିଛି ଶ୍ରମିକ ଅନ୍ୟତ୍ର କାମ ଅନ୍ୱେଷଣ ରେ ପଳାୟନ କରୁଥିବାବେଳେ ଆଉକିଛି ଶ୍ରମିକ ହାତ ବାନ୍ଧି ଭାଗ୍ୟକୁ ଆଦରି ପଡି ରହିଥିବା ଦେଖିବାକୁ ମିଳୁଛି ।

# ବିଚ୍ଛିନ୍ନାଂଚଳ ଅଭିମୁଖେ ଉତ୍କଳ ପ୍ରସଙ୍ଗର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା ସର୍ବୋପରି ଶ୍ରୀଜଗନ୍ନାଥ ସଂସ୍କୃତିର ମହନୀୟତାକୁ ବଜାୟ ରଖିବା ପାଇଁ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଉତ୍କଳ ପ୍ରସଙ୍ଗ (ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା) ବିତରଣ ନିମନ୍ତେ ଛତିଶଗଡ଼, ଝାରଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ପ୍ରେରଣ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଉତ୍କଳ ପ୍ରସଙ୍ଗ ନେଇ ଯାଉଥିବା ଏକ ଗାଡ଼ିକୁ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ବିଚ୍ଛିନ୍ନାଂଚଳରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ଲୋକଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଥିବା ଶ୍ରଦ୍ଧା, ସମ୍ମାନ ଏବଂ ଆତ୍ମୀୟତାକୁ ସୁଦୃଢ଼ କରିବା ଏବଂ ଓଡ଼ିଶା ସରକାରଙ୍କର ସେମାନଙ୍କ ପ୍ରତି ଥିବା ଭଲପାଇବାକୁ ବଳବତର ରଖିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ଅମାତ ପ୍ରକାଶ କରିଛନ୍ତି । ଉତ୍କଳ ପ୍ରସଙ୍ଗ (ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା) ନେଇ ଯାଉଥିବା ଏହି ଗାଡ଼ିଟି ପ୍ରଥମଥର ପାଇଁ ଛତିଶଗଡ଼ର ରାୟଗଡ଼ ଯାଇ ପୁସ୍ତକ ବିତରଣ କରିବ । ସେଠାରୁ ଝାରଖଣ୍ଡ ଯାଇ ଚାଇଁବସା, ଚକ୍ରଧରପୁର, ସରେଇକଳା ଏବଂ ଖରସୁଆଁ ଆଦି ବିଚ୍ଛିନ୍ନାଂଚଳରେ ପୁସ୍ତକ ବିତରଣ କରିବ । ସେଠାରୁ ଫେରିଲା ପରେ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ୍, ମଞ୍ଜୁଷା, ଟିକାଲି ଏବଂ ବିଶାଖାପାଟଣା ଯାଇ ଏହି ସ୍ୱତନ୍ତ୍ର ସଂଖ୍ୟାକୁ ଓଡ଼ିଆ ଭାଷାଭାଷୀମାନଙ୍କ ମଧ୍ୟରେ ବଂଟନ କରିବ । ଆଜିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର, ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଯାତ୍ରାର ସଫଳତା କାମନା କରିଥିଲେ ।

## ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୨୪/୦୬ (ନି.ପ୍ର): ଜିଲ୍ଲାପାଳ ବଲାଙ୍ଗିର କାର୍ଯ୍ୟାଳୟକୁ ବଲାଙ୍ଗିର ଜିଲ୍ଲାର ୧୦ ଗୋଟି ବ୍ଲକରୁ ଆସିଥିବା ଶତାଧିକ ପୁରୁଷ ମହିଳା ବିକ୍ଷୋକାରୀମାନେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆସିଥିଲେ ଲୋକ ଉନ୍ନତି ସଂଗଠନ ନେତୃତ୍ୱରେ । ସେମାନେ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାରେ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବା ପାଇଁ ଜଳଉତ୍ସର ମରାମତି ସହିତ ସବପିଟ ନିର୍ମାଣ । ଯୋଗ୍ୟ ପରିବାରକୁ ପ୍ରଧାନମନ୍ତ୍ରୀ କିମ୍ବା ବିଜୁ ପକ୍କାଘର ଦେବାକୁ, ବାଦ ପଡ଼ିଥିବା ଘରକୁ ବିଦ୍ୟୁତ୍ ସଂଯୋଗ ଦେବାକୁ, ଯୋଗ୍ୟ ପରିବାରକୁ ଘରଡିହ ଦେବାକୁ, ବୃଦ୍ଧ ବୃଦ୍ଧା ବିଧବା ଶାରୀରିକ ବିକଳାଙ୍ଗ ଭତା ଦିଆଯାଇ ଭତା ପରିମାଣ ୨୦୦୦ ଟଙ୍କାକୁ ବୃଦ୍ଧି କରିବାକୁ, ଯୋଗ୍ୟକୁ ଜଙ୍ଗଲ ଜମି ପଟ୍ଟା ଗ୍ରାମକୁ ସାମୁହିକ ଜଙ୍ଗଲ ପଟ୍ଟା ପ୍ରଦାନ ବ୍ୟବସ୍ଥା କରିବା, ବାଦ ପଡ଼ିଥିବା ପରିବାରକୁ ରାସନ କାର୍ଡଯୋଗାଣପାଇଁ ନାମ ପଞ୍ଜିକରଣ, ବିଦ୍ୟାଳୟ ରେ ରୋଷେଇ ଶାଳ ପିଇବା ପାଣି ଖେଳ ପଡିଆ ଶୌଚାଳୟ ପାଚେରୀ ନିର୍ମାଣ ସହିତ ଶିକ୍ଷକ ନିଯୁକ୍ତି,୧୫୦ ରୁ ଅଧିକ ଜନ ସଂଖ୍ୟା ବିଶିଷ୍ଟ ପଡ଼ା ଗ୍ରାମରେ ମିନି ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ଅଙ୍ଗନୱାଡି କେନ୍ଦ୍ର ଭିତିଭୂମି ଉନ୍ନତି ଯେପରି ପିଇବା ପାଣି ଗୃହ ପାଚେରୀ ନିର୍ମାଣ ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ।

## ଧାରାବାହିକ ଉପନ୍ୟାସ

# ବୈଦେହୀ



### ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସୀତାଙ୍କୁ କାନ୍ଦିବାର ଦେଖି ମୁନିକନ୍ୟାଗଣ ତାଙ୍କୁ ବେଢ଼ିଯାଇ ତାଙ୍କ ଚକ୍ଷୁରୁ ଅଶ୍ରୁ ପୋଛି ଦେଇ କହିଥିଲେ ଦେବୀ ! ଆପଣ ଅତୀତ କଥାକୁ ସ୍ମରଣ କରି ଅଶ୍ରୁମୋଚନ କରନ୍ତୁ ନାହିଁ । ଅତୀତ ଅତୀତ ହୋଇ ରହିଯାଉ । ଆମେ ଆଉ ତାହା ଶୁଣିବାକୁ ଚାହୁଁନା । ଆପଣ ଅଶ୍ରୁମୋଚନ କରନ୍ତୁ ନାହିଁ ।

ମୁନିକୁମାରୀମାନଙ୍କ କଥାଶୁଣି ସୀତା କହିଥିଲେ, ଯେତେ ଯାହା କଲେ ମଧ୍ୟ ଏ ଜୀବନରେ ଏ ଚକ୍ଷୁଦ୍ୱୟରୁ ଅଶ୍ରୁ ଆଉ ଶୁଖିବ ନାହିଁ ସଖୀ । ବରଂ ତୁମେମାନେ ମୋର ଦରଦଭରା କାହାଣୀକୁ ଶୁଣିଥାଅ । ମୋ ଗର୍ଭରେ ବଢୁଥିବା ରଘୁବଂଶର ଆତ୍ମଜକୁ ଜନ୍ମ ଦେଲା ପରେ ମୋର ଯଦି ମୃତ୍ୟୁ ହୋଇଯାଏ, ତୁମେମାନେ ତାକୁ ଏ ଦୁଃଖିନୀ ମାଆର କାହାଣୀ ଶୁଣାଇବ ।

ଦେବୀ ! ସବୁ ମୁନିକୁମାରୀଙ୍କ ଆଖି ଅଶ୍ରୁ ଛଳଛଳ ହୋଇଆସିଲା । ସୁଧାମୟୀ, ପ୍ରୀତିଦା, ତୁମେମାନେ ମୋର ଅନ୍ତରଂଗ ବାନ୍ଧବୀ । ତୁମମାନଙ୍କ ନିକଟରେ ମୋ ମନକଥା ଯଦି ନକହିବି, କହିବି କାହା ନିକଟରେ । ଏଇ ପାଞ୍ଚଦିନ ମଧ୍ୟରେ ତୁମେ ମୋତେ କେତେଥର କହିଲଣି ମୋ ଜୀବନ କାହାଣୀ ଶୁଣିବ ବୋଲି । ମୋ ମନର ବେଦନା, ମନର ଦୁଃଖ, ସୁଖ, ସ୍ନେହ, ପ୍ରେମ ଯାହା ମୁଁ ଅଂଗେ ଲିଭାଇଛି, ଆଜିଠାରୁ ସେସବୁକୁ ମୁଁ ତୁମମାନଙ୍କ ଆଗରେ ବଖାଣି ବସିବି । ତୁମେମାନେ ମନ ଧ୍ୟାନ ଦେଇ ତାହା ଶୁଣିବ ।

ସୀତାଙ୍କ ମୁଖରୁ ଏପରି କଥା ଶୁଣି ମୁନିକନ୍ୟାମାନେ ଅତ୍ୟନ୍ତ ଆନନ୍ଦର ସହିତ ଅନାଇ ରହିଥିଲେ ତାଙ୍କ ମୁଖକୁ । ସେମାନଙ୍କ ମନର ଉତ୍ସୁକତାକୁ ଦେଖି ଅଧରରେ ଦ୍ୱିତୀୟା ଜହ୍ନ ସଦୃଶ ହସର ରେଖାଟିଏ ଟାଣି ସୀତା କହିଥିଲେ, "ଜୀବନ କାହାଣୀ କେଉଁଠାରୁ ଆରମ୍ଭ କରିବି ତାହା ମୁଁ ଭାବିପାରୁ ନାହିଁ । ତଥାପି ମୋ ଜୀବନର ସବୁଠୁଁ ଆନନ୍ଦମୟ, ଭାବମୟ, ପ୍ରେମମୟ ଦିବସରୁ ମୁଁ ମୋ ଅନ୍ତରର ଶିଳାଲିପିକୁ ତୁମ ଆଗରେ ପଢ଼ି ଦେଉଛି ।

ସେଦିନ ଥିଲା ଫାଲ୍‌ଗୁନ ମାସର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି । ବସନ୍ତର ବାସନ୍ତୀ ସ୍ପର୍ଶ ପାଇ ଉଲ୍ଲସିତ ହୋଇ ଉଠୁଥିଲା ମିଥିଳା ନଗରୀ । ଦୀର୍ଘ ପାଞ୍ଚଦିନ ପାଇଁ ବସନ୍ତ ଉତ୍ସବର ଆୟୋଜନ କରିଥିଲେ ମୋ ପିତା ଜନକ । କାହିଁକି ଜାଣ ସଖୀ ? ତାଙ୍କର ଅତି ଅଲିଅଳି ଆଦରର ଝିଅ ସୀତା ପାଇଁ ଆୟୋଜନ କରାଯାଇଥିଲା ସ୍ୱୟମ୍ବର । ସ୍ୱୟମ୍ବରରେ ମୋ ପିତା ପାତିଥିଲେ ଏକ ଅମୋଘ ଧନୁ । ନାମ ତାର ରଖା ଯାଇଥିଲା, 'ଶିବଧନୁ' । ଦେବଦେବ ମହାଦେବଙ୍କର ସେହି ଧନୁକୁ ଟଳୁ ଉତ୍ତୋଳନ କରି ତହିଁରେ ଯିଏ ଗୁଣ ଚଢ଼ାଇ ପାରିବ, ସେହି ବୀରପୁରୁଷ ଗଳାରେ ମୁଁ ଲମ୍ବାଇଦେବି ବରଣମାଳା । ସିଏ ହେବେ ମୋ ଇହକାଳ ପରକାଳର ଦେବତା । ମୋ ସ୍ୱୟମ୍ବର ପାଇଁ ମୋ ପିତା ବହୁ ଦେଶର ରାଜା, ରାଜକୁମାରଙ୍କୁ ନିମନ୍ତ୍ରଣ କରିଥା'ନ୍ତି । ସେମାନଙ୍କର ମନୋରଂଜନ ପାଇଁ ମିଥିଳାରେ କରାଯାଇଥାଏ ବସନ୍ତ ଉତ୍ସବର ଆୟୋଜନ । ମିଥିଳା ନଗରୀକୁ ଏକ ଅନନ୍ୟା ଅପରୂପା ସ୍ୱର୍ଗ ଅପ୍ସରୀ ତୁଲ୍ୟ ସଜାଇ ଦେଇଥାନ୍ତି ମୋ ପିତା ଜନକ । ବସନ୍ତ କାଳରେ ପୁଷ୍ପର ଅଭାବ ନଥାଏ । ସେହି ପୁଷ୍ପରେ ପୁଷ୍ପରେ ମିଥିଳାକୁ ରୂପ ଦିଆଯାଇଥିଲା ପୁଷ୍ପ ନଗରୀରେ । ରାଜଦାଣ୍ଡରେ ଟଙ୍ଗାଇ ଦିଆ ଯାଇଥିଲା ରତ୍ନମୟ ଚାନ୍ଦୁଆ । ତହିଁରେ ହୀରା, ନୀଳା, ମୋତି, ମାଣିକ୍ୟର ଭ୍ରମ ସୃଷ୍ଟି କରୁଥିଲେ ଜାତିଜାତି ଲତାରେ ଫୁଟିଥିବା ପୁଷ୍ପସମୂହ । କୁଶଳୀ କଳାକାର, ଚିତ୍ରଶିଳ୍ପୀଙ୍କୁ ହକାରି ମୋ ପିତା ମିଥିଳା ନଗରୀକୁ ଏମିତି ଲୋଭନୀୟ କରି ତୋଳିଥିଲେ ଯେ, ସ୍ୱୟମ୍ବରକୁ ଆସୁଥିବା ରାଜା ମହାରାଜା ମାନେ ସେ ଦୃଶ୍ୟ ଦେଖି ଅଭିଭୂତ ହୋଇ ପଡୁଥିଲେ । ନୃତ୍ୟପ୍ରବୀଣା ନର୍ତ୍ତକୀମାନେ ନୃତ୍ୟ ପ୍ରଦର୍ଶନ ପୂର୍ବକ ରାଜାମାନଙ୍କୁ ସାଦର ଆମନ୍ତ୍ରଣ ଜଣାଉଥିଲେ । ପରିଚାରିକା ମାନେ ପୁଷ୍ପ, ଚନ୍ଦନ, ଆଳଟ, ଚାମର ପକାଇ ରାଜାମାନଙ୍କୁ ପ୍ରଥମ ଆତିଥ୍ୟ ପ୍ରଦାନ କରୁଥିଲେ । ରାଜଦାଣ୍ଡରେ ବିଛା ଯାଇଥିବା ଫୁଲର ଗାଲିଚା ଉପରେ ପାଦ ଥାପିଥାପି ଅତିଥିମାନେ କହୁଥାନ୍ତି ଧନ୍ୟ ତୁମେ ମିଥିଳା ନରେଶ । ଝିଅର ସ୍ୱୟମ୍ବର ପାଇଁ ଏତେ ଆଡ଼ମ୍ବରପୂର୍ଣ୍ଣ ଆୟୋଜନ କରିଛ । ସ୍ୱୟମ୍ବର ସ୍ଥଳକୁ ଇନ୍ଦ୍ରଭୁବନର ରୂପଦେଇଛ । ତୁମ ସ୍ୱୟମ୍ବରା କନ୍ୟାକୁ ଯେଉଁ ରାଜକୁମାର ଲଭୁନା କାହିଁକି, ଆମେମାନେ କିନ୍ତୁ ଏ ସ୍ୱୟମ୍ବର ସଭା, ମିଥିଳା ନଗରର ମନଭୁଲା ରୂପଦେଖି ନୟନ ମନକୁ ସାର୍ଥକ କରି ନେଉଛୁ ।

ମୋର ସେହି ସ୍ୱୟମ୍ବର ଦେଖିବା ପାଇଁ ସବୁଠୁଁ ବେଶି ଉତ୍ସୁକ ହୋଇ ପଡୁଥାନ୍ତି ମୋର ସାନ ଭଉଣୀ ଶ୍ରୁତକୀର୍ତ୍ତି, ମାଣ୍ଡବୀ ଆଉ ଉର୍ମିଳା । ସେମାନେ ନିଜକୁ ଫୁଲରେ ଫୁଲରେ ସଜାଇ ରଂଗିନ୍ ପ୍ରଜାପତି ତୁଲ୍ୟ ରାଜବାଟୀରେ ଉଡ଼ି ବୁଲୁଥାନ୍ତି । ମୋତେ ମଧ୍ୟ ନାନା ବସ୍ତ୍ର ଅଳଙ୍କାରରେ ସଜାଇ, ପୁଷ୍ପରେ ପୁଷ୍ପରେ ମୋ ଗଭାଠୁଁ ଆରମ୍ଭକରି ପାଦ ପର୍ଯ୍ୟନ୍ତ ସଜାଇ ଦେଇ, ତାଙ୍କ ସହିତ ଘୂରି ବୁଲିବା ପାଇଁ ବାଧ୍ୟ କରୁଥା'ନ୍ତି । ସବୁଠୁଁ ବେଶି ଦୁଷ୍ଟାମୀ କରୁଥିଲେ ମାଣ୍ଡବୀ ଆଉ ଶ୍ରୁତକୀର୍ତ୍ତି । ସବୁ ସମୟରେ ମୋତେ ଟାଣିଟାଣି ନେଇଯାଆନ୍ତି ଅଟ୍ଟାଳିକା ଉପରକୁ । ଛାତ ଉପରେ ରହି ରାଜଦାଣ୍ଡରେ ଯାଉଥିବା ରାଜକୁମାର ମାନଙ୍କୁ ଦେଖାଇ ଦେଇ କହନ୍ତି, "ଏଇ ଦେଖ ଅପା ଏଇ ରାଜକୁମାର ଜଣକ ଭାରି ସୁନ୍ଦର । ଇଏ ଯଦି ଶିବଧନୁ ଭାଂଗିବେ ତୁମେ ୟାଙ୍କୁ ବିବାହ କରିବ ତ ଅପା ? ମାଣ୍ଡବୀ କଥା ଶୁଣି ଶ୍ରୁତକ୍ରୀତ୍ତି କହେ ନାଁ ନାଁ ଅପା ଏ ରାଜକୁମାରଟା ଗେଡ଼ାଟାଏ । ମୋ ଅପା କ'ଣ ଗେଡ଼ା ରାଜକୁମାରକୁ ବାହା ହେବ । ତାପରେ ହୋ ହୋ ହୋଇ ହସିଉଠନ୍ତି ସେମାନେ । ମୁଁ ତାଙ୍କ ଉପରେ ବିରକ୍ତ ହୁଏ । ସେମାନେ ତାଳିମାରି ନାଚି ହସି ଗଡ଼ିଯାଆନ୍ତି । ଏମିତି ଦ୍ୱାଦଶୀରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଯେତେ ରାଜକୁମାର ବାଣରୋଷଣି କରି, ନାନାପ୍ରକାର ବାଦ୍ୟ ବଜାଇ ହାତୀ, ଘୋଡ଼ା ଚଢ଼ି ରାଜଦାଣ୍ଡରେ ଯାଇଛନ୍ତି, ସମସ୍ତଙ୍କ ଉପରେ ସେ ଦୁଇଭଉଣୀ କେତେ ଯେ ଉପମା ଅଳଙ୍କାର ଖଞ୍ଜି ନଦେଇଛନ୍ତି ତାର ତୁଳନା ନାହିଁ । ସେସବୁ ଶୁଣିଶୁଣି ମୁଁ ନିରବ ରହେ । ମୋ ସହିତ ଉର୍ମିଳା ମଧ୍ୟ ନିରବ ରହେ । ଏମିତି ଏମିତିରେ ତିନିଦିନ ବିତିଯିବା ପରେ ଚତୁର୍ଥଦିନ ରାଜବାଟୀରେ ଚହଳ ପଡ଼ି ଯାଇଥିଲା ଅଯୋଧ୍ୟାର ରାଜକୁମାର ରାମଚନ୍ଦ୍ର ମିଥିଳାକୁ ବିଜେ କରୁଛନ୍ତି । ଅଯୋଧ୍ୟାର ରାଜକୁମାର ରାମଚନ୍ଦ୍ରଙ୍କ ନାମଶୁଣି ମାଣ୍ଡବୀ ଆଉ ଶ୍ରୁତକୀର୍ତ୍ତି କହିଥିଲେ ଅପା ସ୍ୱୟଂ କାମଚନ୍ଦ୍ର ଅର୍ଥାତ୍ କାମଦେବ ଆସୁଛନ୍ତି ଯେତେବେଳେ ତୁ ନିଶ୍ଚୟ ତାଙ୍କୁ ବିବାହ କରିବୁ ।

ଶ୍ରୁତକୀର୍ତ୍ତି ମାଣ୍ଡବୀଙ୍କ କଥା ଶୁଣି ଉର୍ମିଳା କହିଥିଲା ଆଲୋ ହୁଣ୍ଡୀଏ କାମଚନ୍ଦ୍ର ନୁହଁନ୍ତି ରାମଚନ୍ଦ୍ର ଆସୁଛନ୍ତି ରାମଚନ୍ଦ୍ର । ଋଷିଶ୍ରେଷ୍ଠ ବିଶ୍ୱାମିତ୍ର ପିତାଙ୍କ ପାଖକୁ ଖବର ପଠାଇଛନ୍ତି ସେ ଅଯୋଧ୍ୟାର ରାଜକୁମାର ରାମ, ଲକ୍ଷ୍ମଣଙ୍କୁ ସାଂଗରେ ଧରି ମିଥିଳାକୁ ଆସୁଛନ୍ତି । ଏକଥା ମିଥିଳାରେ ପ୍ରଚାର ହୋଇଗଲାଣି । ତାଙ୍କୁ ଦେଖିବାପାଇଁ ମିଥିଳା ତଥା ଆଖପାଖ ସମସ୍ତ ଗ୍ରାମ ପାଟଣାର ଲୋକ ଆସି ଭିଡ଼ ଜମାଇଲେଣି । ଏପରି କାହିଁକି ଘଟୁଛି ଜାଣିଛୁ ଅପା, ଲୋକେ କୁହାକୁହି ହେଉଛନ୍ତି ଯେ ରାମଚନ୍ଦ୍ର ଆସିବା ବାଟରେ, ଗୋଟାଏ ପଥର ଉପରେ ତାଙ୍କ ପାଦ ପଡ଼ିବାରୁ ଚାହୁଁଚାହୁଁ ସେ ପଥରଟି ସଂଗେସଂଗେ ଏକ ଦିବ୍ୟ ସୁନ୍ଦରୀ ନାରୀର ରୂପ ନେଲା । ଏ କଥା ସାରା ଆର୍ଯ୍ୟାବର୍ତ୍ତରେ ରାଷ୍ଟ୍ର ହୋଇଗଲାଣି । ସେଇଥିପାଇଁ ତାଙ୍କୁ ଦେଖିବା ନିମିତ୍ତ ମିଥିଳାକୁ ଜନଗଣଙ୍କର ସ୍ରୋତ ଛୁଟିଛି । କିଏ ଜଣେ ସେ ରାମଚନ୍ଦ୍ରଙ୍କୁ କାମଚନ୍ଦ୍ର ବୋଲି କହିଦେଇଛି ଯେ, ଏ ହୁଣ୍ଡୀ ଦୁଇଜଣ ରାମଚନ୍ଦ୍ରଙ୍କୁ କାମଚନ୍ଦ୍ର ବୋଲି କହୁଛନ୍ତି ।

'ରାମଚନ୍ଦ୍ର', କାହିଁକି କେଜାଣି ଏ ନାଁଟି ଶୁଣିବାମାତ୍ରେ ମୋ ଦେହ ଶୀତେଇ ଉଠିଥିଲା । ଶରୀରର ରୋମ ସବୁ ଟାଙ୍କୁରି ଉଠିଲା । ମୋ ଅଜାଣତରେ ମୋ ପାଟିରୁ ବାହାରି ପଡ଼ିଥିଲା କେତୋଟି ଅକ୍ଷର, 'ରାମଚନ୍ଦ୍ର' ।

ହଁ ଅପା ରାମଚନ୍ଦ୍ର । ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ର ।

ତାଙ୍କ ପାଦବାଜି ପଥରେ ପଥରଟିଏ ନାରୀର ରୂପନେଇଛି । ଏହା କ'ଣ ସତ ଉର୍ମିଳା । (କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର

---

# ରହସ୍ୟମୟ ଶ୍ରୀଜଗନ୍ନାଥ

### ଡ. ତ୍ରିନାଥ ପଟ୍ଟନାୟକ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ବାଇଶ ପାହାଚରେ ପିଲାମାନଙ୍କୁ ଗଡ଼ାଇ ଦିଆଯାଏ-

ସିଂହ ଦ୍ୱାର ବାଟେ ମନ୍ଦିରକୁ ପ୍ରବେଶ କଲାବେଳେ ପ୍ରଥମେ ବାଇଶ ପାହାଚ୍ ଅତିକ୍ରମ କରିବାକୁ ହୁଏ। ଗଣିଲେ ୨୨ ପାହାଚ୍ ହେଉ ନାହିଁ। ଏଣୁ ଗବେଷକମାନେ ଭିନ୍ନ ଭିନ୍ନ କଥା କହିଥାନ୍ତି। ଏହି ପାହାଚ୍ ଦେଇ, ଶଙ୍କର, ଚୈତନ୍ୟ, ନାନକ ପ୍ରମୁଖ ବହୁ ମହାପୁରୁଷ ମନ୍ଦିର ଭିତରକୁ ପ୍ରବେଶ କରିଛନ୍ତି। ଲକ୍ଷ ଲକ୍ଷ ଭଗବତ ପ୍ରେମୀଙ୍କ ପାଦ ଏହି ପାହାଚରେ ପଡ଼ିଛି। ସେମାନଙ୍କ ପଦସ୍ପର୍ଶ ରେ ଏହି ପାହାଚ୍ ଶ୍ରେଣୀ ଅତ୍ୟନ୍ତ ପବିତ୍ର ଅଟେ। ଏଠାରେ ଶ୍ରାଦ୍ଧ ତର୍ପଣ ଇତ୍ୟାଦି କରାଯାଇଥାଏ। ପିତୃପୁରୁଷ ଏଠାରେ ଉପସ୍ଥିତ ଥାନ୍ତି ବୋଲି ଲୋକଙ୍କ ଧାରଣା। ମାଆ ମାନଙ୍କର ଧାରଣା ନିଜ ନିଜ ଶିଶୁମାନଙ୍କୁ ବାଇଶ ପାହାଚରେ ଗଡ଼ାଇଲେ ସେମାନେ ନିରୋଗ ରୁହନ୍ତି। ଏହି ପାହାଚରେ ଥିବା ପଥର ଗୁଡ଼ିକରେ ଅଦ୍ଭୁତ ରୋଗ ନିବାରଣ ଶକ୍ତି ଅଛି। ସେଥିପାଇଁ ମାଆମାନେ କତୋଟି ପାହାଚ୍‌ରେ ଶୁଆଇ ଗଡ଼େଇ ଦେଇଥାନ୍ତି। ବଡ଼ମାନେ ମଧ୍ୟ ଗଡ଼ିଥାନ୍ତି। ଏବେ ଅବଶ୍ୟ ଏ ପ୍ରଥା କ୍ରମେ କ୍ରମେ କମୁଛି।

କଳ୍ପବଟ ମୂଳେ ଯାହା ମାଗିବ ମିଳିବ- ଶ୍ରୀମନ୍ଦିର ପରିସରରେ ବହୁପ୍ରାଚୀନ ବଟ ବୃକ୍ଷ ଅଛନ୍ତି ଯାହାକୁ କଳ୍ପବଟ ବୋଲି କୁହାଯାଏ। ଏହି କଳ୍ପ ଦ୍ରୁମ ସ୍ୱର୍ଗରେ ଅଛି ବୋଲି କଳ୍ପନା କରାଯାଏ। କଳ୍ପବୃକ୍ଷ ପ୍ରାର୍ଥୀର କାମନା ପୂରଣ କରିଥାଏ। ଏଣୁ ଯାତ୍ରୀମାନେ ଉକ୍ତ ବଟମୂଳରେ ନିଜର କାମନା ପୂରଣ ନିମନ୍ତେ ଅଭିଳାଷ ପ୍ରକାଶକରି ପତାକା ବାନ୍ଧିଥାନ୍ତି। ବିଶେଷତଃ ପୁତ୍ର କାମନାରେ ବହୁ ନାରୀ ଏଠାରେ ପ୍ରାର୍ଥନା କରିଥାନ୍ତି। ଏହି ବୃକ୍ଷ ମୂଳେ ବସି ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ। ଶଙ୍କରାଚାର୍ଯ୍ୟ ଅଦ୍ୱୈତବାଦ ପ୍ରଚାର କରିଥିଲେ। ବୃକ୍ଷର ବୃଦ୍ଧି ଘଟୁନାହିଁ। କିମ୍ବା ଅବକ୍ଷୟ ମଧ୍ୟ ଘଟୁନାହିଁ। ଶହଶହ ବର୍ଷତଳେ ଯେମିତି ଥିଲା ଏବେ ସେମିତି ଅଛି। ଅନେଶତ ମସିହା ମହା ପ୍ରଳୟରେ ମଧ୍ୟ କଳ୍ପବଟର କୌଣସି କ୍ଷତି ହୋଇ ନଥିଲା। ସର୍ବଦା ସବୁଜ ପତ୍ରରେ ଅଚ୍ଛାଦିତ ଥାଏ। ଏହା ଅନ୍ୟ ଏକ ରହସ୍ୟ।

ନୀଳଚକ୍ର ଓ ପତିତ ପାବନ ବାନାର ବିଶେଷ-

ନୀଳଚକ୍ର ର ଅନ୍ୟ ନାମ ଚକ୍ର ନାରାୟଣ। ନୀଳଚକ୍ରକୁ ଦର୍ଶନ କଲେ ରତ୍ନ ସିଂହାସନସ୍ଥ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନର ଆନନ୍ଦ ଓ ଫଳ ମିଳିଥାଏ। ନୀଳଚକ୍ରକୁ ଚାହିଁ ଯେଉଁ ଭୋଗ ଅର୍ପଣ କରାଯାଏ ତାହାକୁ 'ଚକ୍ର ମଣୋହି' ବୋଲି କୁହାଯାଏ। ଚକ୍ର ମଣୋହି ମହାପ୍ରସାଦର ମାନ୍ୟତା ପାଇଥାଏ। ନୀଳଚକ୍ର ଉପରେ ଯେଉଁ ବାନା ଉଡ଼େ ତାହାର ନାମ 'ପତିତ ପାବନ ବାନା'। ନୀଳଚକ୍ର ଅଷ୍ଟ ଧାତୁରେ ନିର୍ମିତ। ଏହାର ଓଜନ ପ୍ରାୟ ୧୫୦ କି.ଗ୍ରା. ହେବ। ନୀଳଚକ୍ରର ଉଚ୍ଚତା ୧୨ଫୁଟ ପରିଧି ୩୬ ଫୁଟ। ଏଥିରେ ଆଠ ଗୋଟିଏ ଅର ଅଛି। ପୁରୀରନିକଟବର୍ତ୍ତୀ ସ୍ଥାନରେ ଠିଆ ହୋଇ ଯେଉଁ ଦିଗରୁ ଚାହିଁବ, ନୀଳଚକ୍ରର ସମ୍ମୁଖ ଭାଗ ହିଁ ତୁମକୁ ପରିଦୃଶ୍ୟମାନ ହେବ। ଏକାଦଶୀରେ ଚୂନରା ସେବକମାନେ ମହାଦୀପ ଉଠାଇଥାନ୍ତି। ଏହା ହେଉଛି ଚନ୍ଦ୍ର ଉଦିଆ ଦୀପ।

ନୀଳଚକ୍ର ଉପରେ ପତିତ ପାବନ ବାନା ଉଡୁଥାଏ। ଏହିବାନା ନାଲି ହଳଦିଆ କିମ୍ବା ଧଳାରଙ୍ଗର ହୋଇଥାଏ। ପତାକାର ଆକାର ତ୍ରିଭୁଜ ସଦୃଶ। ପତାକା ମଧ୍ୟରେ ଉର୍ଦ୍ଧ୍ୱମୁହାଁ ଚନ୍ଦ୍ର ଓ ମଝିରେ ସୂର୍ଯ୍ୟଙ୍କ ଚିତ୍ର। ଭକ୍ତମାନେ ମାନସିକ କରି ନୀଳଚକ୍ର ଉପରେ ବାନା ବାନ୍ଧିଥାନ୍ତି। ଭକ୍ତଙ୍କ ମାନସିକ ଅନୁସାରେ ବାନାର ଆକାର ନିର୍ଦ୍ଧାରିତ ହୁଏ। ନୀଳଚକ୍ର ଉପରେ ଉଡୁଥିବା ବାନାର ନାମ "ପାଦୁକଶେଷା ବାନା"।

ପତିତ ପାବନ ବାନାର ଏକ ବିଶେଷତ୍ୱ ହେଉଛି ପବନର ବିପରୀତ ଦିଗରେ ଉଡ଼ିବ। ପ୍ରକୃତିର ନିୟମ ହେଉଛି ପବନର ଦିଗରେ ବାନା ଉଡ଼ିବା କଥା ମାତ୍ର ୨୧୫ ଫୁଟ ଉଚ୍ଚରେ ଉଡୁଥିବା ପତିତପାବନ ବାନା ପବନର ବିପରୀତ ଦିଗରେ ଉଡ଼ିଥାଏ। ସମୁଦ୍ର ଦିଗକୁ ମୁହଁକରି ସାଧାରଣତଃ ବାନା ବନ୍ଧାଯାଏ। ଏଭଳି ରହସ୍ୟର ଗନ୍ତାଘର ହେଉଛନ୍ତି ଶ୍ରୀମନ୍ଦିର ଓ ଶ୍ରୀ ଜଗନ୍ନାଥ। ସମୁଦ୍ରର ଗୁରୁଗମ୍ଭୀର ଧ୍ୱନି ପୁରୀର ସର୍ବତ୍ର ଧ୍ୱନିତ ହୁଏ, ମାତ୍ର ଶ୍ରୀମନ୍ଦିର ଭିତରକୁ କିମ୍ବା ସିଂହଦ୍ୱାରକୁ ନୁହେଁ। ସେଥି ନିମନ୍ତେ ମେଘନାଦ ପ୍ରାଚୀର ନିର୍ମାଣ କରାଯାଇଛି। ମେଘନାଦ ପାଚେରୀ ବାହାରର ଧ୍ୱନିକୁ ନିବାରଣ କରିଥାଏ। ବହୁଦିନ ତଳେ ଶ୍ରୀମନ୍ଦିର ଉପରୁ ଏକ ବିରାଟ ପଥର ଖସି ଆସିଲା ଯାହାର ଓଜନ ୧୫ଟନ ହେବ ମାତ୍ର ତାହା ମନ୍ଦିରର କେଉଁ ଅଂଶରୁ ଖସିଲା ଏ ପର୍ଯ୍ୟନ୍ତ ରହସ୍ୟ ହୋଇ ରହିଗଲା ସିନା ଜଣା ପଡ଼ିଲା ନାହିଁ।

ସେହିଭଳି ଅରୁଣସ୍ତମ୍ଭର ଛାଇ, କୌଣସି ଋତୁରେ ମଧ୍ୟ ଦେଖାଯାଏ ନାହିଁ। ଏମିତି ବହୁ ବିଚିତ୍ର ଚିତ୍ର ଚିତ୍ରଶାଳା ହେଉଛି ଶ୍ରୀମନ୍ଦିର। ଗବେଷଣା କଲେ ବହୁ ରହସ୍ୟମୟ ଘଟଣା ଦେଖିବାକୁ ମିଳିବ। ସେଥିପାଇଁ ମଣିଷ ମନରେ ଆଗ୍ରହ ଓ ଧୈର୍ଯ୍ୟ ଆବଶ୍ୟକତା ଅଛି। ସର୍ବୋପରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କରୁଣା ହିଁ ରହସ୍ୟ ଉଦ୍‌ଘାଟନର ପାଥେୟ ହୋଇଥାଏ। (ସମାପ୍ତ)

❤ ସଂପାଦକ, ପୁରାଣ ପତ୍ରିକା
ନିଆଳୀ- ୭୫୪୦୦୪, ଜି- କଟକ
(ମୋ) ୯୯୩୭୮୪୦୩୮୭

---

## ଆମ ସମୟର କବିତା.....

### ॥ ରୁଦ୍ରାକ୍ଷର ଋତୁ ॥



ନକୁଳ ଚଂଦ୍ର ସାହୁ

❤ ଶବ୍‌ଦଘର, ଗୋଡ଼ିସାହି,
କଟକ-୭୫୪୦୦୬

ଆତ୍ମାର ରୁମାଲକୁ ମୋ
ଆର୍ଦ୍ର କରିଦିଅ
ଗାଢ଼ ଅଭୀପ୍ସାର ଗଂଗୋତ୍ରୀର
ଶୀତଳ ଜଳରେ !

ପଦ୍ମକୁ ମୋ
ପ୍ରସ୍ଫୁଟିତ କରାଇ ଦିଅ
ତୁମ କୃପାର ବିସ୍ମୟପୂର୍ଣ୍ଣ
ଦୁଗ୍ଧ ସମୁଦ୍ରରେ !

ପଦ୍ମ ପତ୍ରଟିଏ ମୁଁ
ଭାସୁଛି ପଂକର ଦୁର୍ଗଂଧ ଭର୍ତ୍ତି
ନର୍କର ନୀଳ ସମୁଦ୍ରରେ
ଅଂଧ ତାମସିକ ରାତ୍ରୀର କୋଳରେ !

ମତେ ଉଠାଇ ନେଉ
ତୁମ ପାପୁଲି
ତୁମ ଉଦ୍ଦେଶ୍ୟ ପରିପୂର୍ଣ୍ଣ ଦିଗରେ
ଯେମିତି ଦରକାରୀ ଦ୍ରବ୍ୟଟିଏ

ପରମ ଆବିର୍ଭାବଗୁଡ଼ିକ ମୋ ଭିତରୁ
ଫେରି ନ ଯା'ନ୍ତୁ ପୁରାତନ ଉଷାମାନଙ୍କ ପରି
ଅତିକ୍ରମ କରି ନ ଯା'ନ୍ତୁ ଅତୀତ ପରି, ପ୍ରତୀତ ପରି
ପରାସ୍ତ ଉଦ୍‌ଭାସ ଭିତରୁ କ୍ରମ ବିବର୍ତ୍ତନକୁ

ଅପରାଜେୟ ଆକାଂକ୍ଷା ମୋ ଠିଆ ହୋଇଥାଉ
କର୍ତ୍ତବ୍ୟ ରୂପେ ଜିଜ୍ଞାସା ମୋ କ୍ଷୁଧା ମେଂଟାଉ ଥାଉ
ରୁଦ୍ରାକ୍ଷର ଋତୁଟିଏ ମୁଁ, ମୋ ମନ ଭୂମିରେ
ଶିବରୁ ଅଶିବ ଉତ୍ପନ୍ନ ନହେଉ !

### ॥ ମନ ଉଡ଼ିବୁଲେ ॥

ପ୍ର. ଗିରିଜା ଶଂକର ଶର୍ମା



ଆଜି ଉଡ଼ିବାକୁ ଇଚ୍ଛା ହୁଏ ସାରା ଆକାଶ
ଅଧଃ, ଉର୍ଦ୍ଧ୍ୱ, ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ
ଓ ସମସ୍ତ କୋଣ ଅନୁକୋଣ ।
ତାର ନୀଳ ବକ୍ଷରେ ଭାସୁଥିବା ମେଘ, ଓ
ପହଁରୁ ଥିବା ପକ୍ଷୀଙ୍କ ସହିତ
ଭାସିବାକୁ ଇଚ୍ଛାହୁଏ
ଉଡ଼େଇ ଦେବାକୁ ଇଚ୍ଛାହୁଏ ମନକୁ
ଲଗାମ ଛଡ଼ା ଘୋଡ଼ା ପରି ।

ଏ ବର୍ଷ ନିଦାଘରେ ନିଆଁ ଜଳୁଥିଲା
ସୂର୍ଯ୍ୟରୁ ଝରୁଥିବା ଅଗ୍ନିର ସ୍ଫୁଲିଙ୍ଗ
ସମସ୍ତଙ୍କୁ ରଖିଥିଲା ଉତ୍ତପ୍ତ ଓଭନ ଭିତରେ ।
ପାଣ୍ଡୁର ପୃଥିବୀର ଫଟା ମାଟି
ସତେ ଯେପରି ଅନେଇ ଥିଲା ଉପରକୁ
ପାଣି ପିଇବାକୁ ।
କିନ୍ତୁ ବନ୍ଧ୍ୟା ଆକାଶରେ,
ଟୋପାଏ ପାଣି ବି ନଥିଲା ।

ରାଜରାସ୍ତା ଜନଶୂନ୍ୟ ଦୋକାନ ବଜାର ବନ୍ଦ,
ସୂର୍ଯ୍ୟର ଅଘୋଷିତ କର୍ଫ୍ୟୁରେ,
ପକ୍ଷୀଟିଏ ବି ଦିଶୁନି ଆକାଶରେ ।
ଆଲେକ୍‌ଜାଣ୍ଡାରର ପରାଜିତ ରାଜ୍ୟ ପରି
ସବୁଆଡ଼ ଦୟନୀୟ ।
କୁଆଡ଼େ ବି ସବୁଜିମାର ଚିହ୍ନବର୍ଣ୍ଣ ନାହିଁ ।

ପାଣି ପାଇଁ ହାହାକାର, ଶୁଖି ଯାଇଥିବା ନଈନାଳ
ଏମିତି ଆସିଥାଏ ଦୁର୍ଭିକ୍ଷ ।

ଠିକ୍ ସମୟରେ ପାଣିପାଗ ବଦଳେ ।
ଈଷତ୍ କଳା ମେଘ ଢ଼ାଂକିଦିଏ ଆକାଶକୁ
ଅନେକ ଦିନ ପରେ ବର୍ଷାର ସୂଚନା ।
ମୌସୁମୀର ଆଗମନ ।

ସେଥିପାଇଁ ଉଡ଼ିବାକୁ ଇଚ୍ଛାହୁଏ ଆକାଶରେ ।
ଉଡ଼େଇ ଦେବାକୁ ଇଚ୍ଛାହୁଏ ମନକୁ
ସାରା ଆକାଶ ବୁଲି ବୁଲି
ଆଷାଢ଼ର ଖୁସି ମାପିବାକୁ ।

❤ ଧନକଉଡ଼ା,
ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

### ॥ ସୁନ୍ଦରଗଡ - ୯ ॥

ଡ. ମମତା ପ୍ରିୟଦର୍ଶିନୀ ସାହୁ



'କେନ୍ଦୁପତର୍ ଟୁଲୁଛେଁ .....
ଆମ୍ ଛାଁଛି କରି
ଆମ୍‌ଚୁର୍ ବନେଇକରି ବିକୁଛେଁ' ...

ଯୁକ୍ତଦୁଇ ପରୀକ୍ଷା ପରବର୍ତ୍ତୀ ସମୟେ
ଏତକ ସେମାନଙ୍କ ଉତ୍ତର.......

ଆଖି ତଳେ ଲୁହ
ମନରେ ଉଠିଲା କୋହ ।

ଜୀବନ ପରୀକ୍ଷା ଇଏ
ସାପ୍ତାହିକ, ଷାଣ୍ମାସିକ କି ବାର୍ଷିକ ନୁହେଁ
ଚାଲିଥାଏ ଅବିରତ ।

ମହାବିଦ୍ୟାଳୟ ପ୍ରାଙ୍ଗଣେ
ଖୁବ୍ ଭୟଭୀତ ହୁଏ ମନ
କାଳେ କିଛି ହେଇଯିବକି
କୋମଳମତୀଙ୍କର
ଏ ଖରାରେ ....
'ରୁମ୍‌ରେ ବସି ପଢ
ସେଇଠି ଥାଅ'
ଏତକ ଥାଏ ତାଗିଦ୍
ତତ୍ତ୍ୱାବଧାରିକା ଅଧ୍ୟାପିକା ଭାବେ।

ହେଲେ ....
ସେମାନେ ତ ମାଟିର ମଣିଷ
ଖରା, ବର୍ଷାକୁ ଆଦରି
ମାଟିରେ ଗଢନ୍ତି ଜୀବନାବଶେଷ ।

ଅଳତକ୍ତ ଲାଗେନା ପାଦରେ
ଗଭାରେ ଲାଗେ କୁରେଇଫୁଲ
ପଖାଳ ଆଉ ଚକ୍‌ଡା ପତ୍ର
ପାଚଲଘଣ୍ଟା ପୋଡ଼ା
ବାଡି ଜଙ୍ଗଲର ଶାଗ ଟିକେ
ଆଉ ଲାଉତୁମ୍ବାରେ ପାଣି
ବାସ୍ ଚାଲିଥାଏ ଦିନ ତମାମ କାମ ।

ସୁନ୍ଦରଗଡ଼ୀୟ ମାଟି ପାହାଡ଼
ଜଙ୍ଗଲର ମଣିଷ
ତାକୁ କିଏ ବାନ୍ଧିପାରିବ
ସେଇ ସିମେଣ୍ଟ ଛାତର ଘର ଭିତରେ
ସେ ଉଡେ ଆଉ ବୁଲି ଜାଣେ
ଜୀବନକୁ ଖୋଜି ଜାଣେ
ମାଟିରେ, ଜଙ୍ଗଲରେ
ଗଛ ପତ୍ରରେ ।

ଞ୍ଜଞ୍ଜଞ୍ଜ

❤ ସହକାରୀ ପ୍ରଫେସର,
ଓଡ଼ିଆ ବିଭାଗ, ସୁନ୍ଦରଗଡ଼

### ॥ ଗଣିକା ॥

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ତା ପାଇଁ ନଥାଏ ଇଚ୍ଛା ବୋଲି କିଛି
ନଥାଏ ସ୍ୱାଭିମାନର
ସହ ମୁଣ୍ଡ ଟେକି ବାଟ ଚାଲିବାର ଯୁ',
ସକାଳ ହେଲେ ଭାଗ୍ୟ ପରି
ଝଡ଼ିପଡ଼େ ଦେହ,
ତଥାପି ସେ କଣ୍ ଛାଡ଼ିପାରୁଛି
ଏ କଳଙ୍କର ମୋହ !

ନାହିଁ ତାର ଜାତି, ନାହିଁ ତାର ପରିଚୟ
ପାର୍କ ଷ୍ଟ୍ରିଟରେ ରାତି ହିଁ
ତା ଲାଗି ଏକା ସାର,
ସେଇଠୁ ହିଁ ଆରମ୍ଭେ ଜୀବନ ଆଉ
ଜୀବିକାର ଛକାପଞ୍ଝା ଖେଳ,
କିଏ ଜିତେ କିଏ ହାରେ,
ସାରା ରାତି ତକିଆକୁ ଜାବୁଡ଼ି
ସେ ଖାଲି ଦାନ୍ତ ଚିପେ ।

ଯୌବନ ଖସିଲେ
ଦେହ ଦର ଖସେ,
ନିଅଣ୍ଟିଆ ହେଇପଡେ
ଚାଖଣ୍ଡେ ପେଟ,
ଗତ ରାତିର ବିଛଣାରେ
ବରଫ ପରି ଶୀତଳେଇ ଯାଏ ସାରା ଦେହ,
ତଥାପି ସରେନା ଲୁହ !

ତା ପାଇଁ ନଥାଏ କାଞ୍ଚନର ସ୍ୱପ୍ନ,
ନଥାଏ ପରିବାର,
ପକ୍ଷୀରାଜ ଘୋଡ଼ା ଚଢ଼ି କୋଉ ରାଜା ପୁଅ
ଆସେନା ତା ଲାଗି,
ଫୁଲ ହେଇ ବଞ୍ଚିବାର
ଅଧିକାରରୁ ସେ ବଞ୍ଚିତ
ତମାମ ଜୀବନ।

ତା ଅଗଣାର ମାଟି ହୁଏ ଦେବୀ ଲାଗି ପବିତ୍ର,
ଅଥଚ ସେ ଅସ୍ପୃଶ୍ୟ !

ନାରୀ ହେଇ ଜନ୍ମ ହେବା ତା'ର ଭାଗ୍ୟ,
ଗଣିକା ହେଇ ଜୀବନଟେ ଜୀଇଁବା
ତା'ର ବିଡ଼ମ୍ବନା !
କେଇଟା ଟଙ୍କା ବିନିମୟରେ
ରାତିକ ପାଇଁ ଦେହ ବିକିଲା ବେଳେ,
ସମାଜ ହସି ହସି ତାକୁ ପିନ୍ଧେଇ ଦିଏ
କଳଙ୍କର ଟୀକା,
ସେ ପରା ଗଣିକା !

❤ ସହଦେବଖୁଣ୍ଟା,ବାଲେଶ୍ୱର
ପିନ୍-୭୫୬୦୦୧
ମୋ: ୭୬୮୮୯୭୭୨୭୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୨୫ ଜୁନ୍, ୨୦୨୩



# ଯୋଗର ପ୍ରାରମ୍ଭିକ ପରିଭାଷା

## ସୁଧାଂଶୁ ଶେଖର ଦ୍ୱିବେଦୀ



ଶବ୍ଦକୋଷରେ ଯୋଗର ଅନେକ ଅର୍ଥ ଅଛି। ବ୍ୟବହାରରେ ଯୋଗର ଅର୍ଥ ହେଉଛି ମିଶିବା। ଅନ୍ୟ ଅର୍ଥରେ ଯାହା ବହୁଳ ଭାବେ ପ୍ରଚଳିତ ତାହା ହେଉଛି- ସଂଯୋଗ, ମିଶ୍ରଣ, ସମ୍ପର୍କ, କ୍ରିୟା, ପଦ୍ଧତି, ଗମ୍ଭୀର ଚିନ୍ତନ ଇତ୍ୟାଦି। ଯୋଗ=ଯ+ଅ+ଉ+ଗ। ପ୍ରତ୍ୟକଟି ଅକ୍ଷରରେ ନିୟନ୍ତିତ ରୂପେ ଗୁଢ଼ ଅର୍ଥ ରହିଛି।

ଗତି ପୂର୍ବକ ଅ, ଅର୍ଥାତ ବିଷ୍ଣୁ ଅଥବା ଅନ୍ନ(ଯୋଗ୍ୟ ପଦାର୍ଥ)କୁ ଜୀବନରୁ ବାହାର କରିଦେବା। ଯଥା ଆବରଣ କାଢ଼ିଦେବା। ଯାହା ଦ୍ୱାରା ସ୍ୱୟଂ, ସ୍ୱୟଂ ସହିତ ମିଶିପାରିବା। ବିଷ୍ଣୁ ଯଜ୍ଞ,ସୋମ, ସୃଷ୍ଟି କର୍ତ୍ତା ଏବଂ ସଂସାର ପାଳକ। ଆତ୍ମାକୁ ଅନ୍ନ ପହଞ୍ଚାଇବାର କାର୍ଯ୍ୟ ତାଙ୍କର। ଅନ୍ନ ଉତ୍ପାଦନ ବିଷ୍ଣୁ ହିଁ କରିଥାନ୍ତି। ଏହି କାରଣରୁ ଲକ୍ଷ୍ମୀଙ୍କୁ ଅର୍ଥର ଦେବୀ ବୋଲି କୁହାଯାଏ।

ଯେପର୍ଯ୍ୟନ୍ତ ବ୍ୟକ୍ତି ବାହାରୁ ଅନ୍ନ ନେଉଥିବ ସେପର୍ଯ୍ୟନ୍ତ ତା’ର ଯଜ୍ଞ ଚାଲୁରହିବ। ଏଠି ଅନ୍ନର ଅର୍ଥ କାମନା। କାମନା ପୂର୍ତ୍ତି ନିମନ୍ତେ ଗ୍ରହଣ କରୁଥିବା ସାମଗ୍ରୀକୁ ଅନ୍ନ କୁହାଯାଏ। କାମନା ପୂର୍ତ୍ତିକୁ ଜୀବନର ମୋକ୍ଷ କୁହାଯାଏ। ପୁରୁଷାର୍ଥର ଲକ୍ଷ୍ୟ ମଧ ଏହା ହୋଇଥାଏ। କିନ୍ତୁ ଏହାର ସଫଳତା ଇନ୍ଦ୍ରିୟ ନିଗ୍ରହ ଉପରେ ସ୍ଥିରୀକୃତ ହୋଇଥାଏ। ଇନ୍ଦ୍ରିୟ କାମନା ସୃଷ୍ଟି କରିବାର ମୁଖ୍ୟ ସ୍ରୋତ ଅଟେ। ଇନ୍ଦ୍ରିୟର ବିଷୟ ହିଁ ଆବରଣ ହୋଇଥାଏ। ଯାହା ଅବଚେତନ ମନର ନିର୍ମାଣ କରେ। ନିତ୍ୟ ନୂଆ ନୂଆ ବନ୍ଧନ ସୃଷ୍ଟି କରେ। ବ୍ୟକ୍ତି ବାହାର ବିଷୟ ରେ ଅଟକି ରହି ଆତ୍ମାଠାରୁ ଦୂରେଇଯାଏ।

ଶିକ୍ଷା ଯେମିତି ଶରୀରକୁ ସୁଖ ଏବଂ ଭୌତିକତାର ଉଚ୍ଚ ଶିଖରକୁ ନେଇଯାଏ ପରେ ସେଠାରେ କାମନାର ବ୍ୟାପକ ସଂସାର ଘେରି ଦିଏ। ଅଥଚ ସେହି ଘେରଦକୁ ଭାଙ୍ଗିବା ବ୍ୟକ୍ତି ନିକଟରେ ବଡ଼ କଠିନ ହୋଇପଡେ। ଅତଏବ ବ୍ୟକ୍ତି ସେଠାରେ ନିରର୍ଥକ ହୋଇ ଯାଏ। ତପସ୍ୟା କରିବାର କ୍ଷମତା ମଧ ବିକଶିତ ହୋଇପାରେ ନାହିଁ। ପୂର୍ଣ୍ଣରୂପେ ଜୀବନ ଅହଂକାର ଓ ମୁଁ-କାର ଉପହାରରେ ସମାବେଶ ହୋଇଯାଏ। ସମଷ୍ଟି ଭାବର ଚିନ୍ତନ ଜୀବନରୁ ଅପସରିଯାଏ।

ବ୍ୟକ୍ତି ଏହା ବି ଭୁଲିଯାଏ ସେ କିଏ? ନଶ୍ୱର ଶରୀରରେ ଆତ୍ମା ଶାଶ୍ୱତ ଅଟେ। ଯାହା ଆଜୀବନ ଶରୀର ଭୋଗ କରେ। ଶରୀର ମନୁଷ୍ୟର ଅଟେ। ମା’-ବାପା ଦେଇଥାନ୍ତି। ସେଥିରେ ଅନେକ ପ୍ରକାର ଅଭାବ ଥାଏ। ଯାହାର ନିର୍ମାଣର କାରଣ ସତ-ରଜ-ତମ ଦ୍ୱାରା ଅସନ୍ତୁଳିତ ହୋଇ ରହିଥାଏ। ଏହି ଅସନ୍ତୁଳିତ ସ୍ଥିତି ବାତ-ପିତ-କଫ ଆକାରରେ ଶରୀରର ଆୟୁଷ ନିର୍ଣ୍ଣୟ କରିଥାଏ। ଶରୀର ସ୍ୱୟଂ ଜଡ ଅଟେ। ଆତ୍ମାର ଉପସ୍ଥିତିରେ ଚେତନ ଦେଖାଯାଏ। ଚେତନା ଶରୀର ଏହା ବି ନିର୍ଭର କରେ ଆତ୍ମା କେଉଁ ଶରୀର ଛାଡି ଏହି ଶରୀରକୁ ଆସିଛି? ପେଟରେ ଥିବାବେଳେ ମା’ କଣ କଣ ସଂସ୍କାର ଶିଖାଇଛି? ତାହାରି ଅନୁରୂପେ ଆତ୍ମା ଶରୀରକୁ ଉପଯୋଗ କରିଥାଏ। ଭୌତିକତାର ଅତ୍ୟାକର୍ଷଣ କାରଣରୁ ବ୍ୟକ୍ତି ସଂସ୍କାରକୁ ପରିଷ୍କାର କରିବାରେ ଜାଗ୍ରତ ରହିପାରେ ନାହିଁ। ସେ କେବଳ ପ୍ରବାହରେ ଜିଇଁ ଚାଲେ। ଆକଳନ ନିୟନ୍ତ୍ରଣର ସମୟ ରହେନାହିଁ।

**ଯେବେ ବ୍ୟକ୍ତି ଯୋଗ ଦିଗରେ ଆଗକୁ ବଢେ ସେତେବେଳେ ଏସବୁ ବିଷୟ ଗୋଟେ ପରେ ଗୋଟେ ଚିନ୍ତନରେ ଆସେ। ପ୍ରତ୍ୟେକ ବିଷୟ ଉପରେ ସେ ଦୁଇଟି ମାର୍ଗ ନିର୍ଣ୍ଣୟ କରିପାରେ। ଗୋଟେ ମାୟା ଭାବ ଅନ୍ୟଟି ପୁରୁଷ ଭାବ। ଗୋଟେ ମାର୍ଗ ସଂସାର ପ୍ରତି ଅଗ୍ରସର ହେଲେ ଅନ୍ୟଟି ବ୍ୟକ୍ତି ଭିତରର ଆତ୍ମଜ୍ଞାନ ହୋଇଥାଏ।**

ଯେବେ ବ୍ୟକ୍ତି ଯୋଗ ଦିଗରେ ଆଗକୁ ବଢେ ସେତେବେଳେ ଏସବୁ ବିଷୟ ଗୋଟେ ପରେ ଗୋଟେ ଚିନ୍ତନରେ ଆସେ। ପ୍ରତ୍ୟକ ବିଷୟ ଉପରେ ସେ ଦୁଇଟି ମାର୍ଗ ନିର୍ଣ୍ଣୟ କରିପାରେ। ଗୋଟେ ମାୟା ଭାବ ଅନ୍ୟଟି ପୁରୁଷ ଭାବ। ଗୋଟେ ମାର୍ଗ ସଂସାର ପ୍ରତି ଅଗ୍ରସର ହେଲେ ଅନ୍ୟଟି ବ୍ୟକ୍ତି ଭିତରର ଆତ୍ମଜ୍ଞାନ ହୋଇଥାଏ।ଜୀବନ ଦ୍ୱିତ ଅଟେ ଏବଂ ଏଇଥିରେ ଅଦ୍ୱିତର ମାର୍ଗ ଖୋଜିବାକୁ ପଡେ।

ମୃତ୍ୟୁର ଅର୍ଥ କଣ ହୋଇପାରେ? ଶରୀରରେ ଅଗ୍ନି ଓ ସୋମର ଯୋଗ ବିଚ୍ଛେଦ! ଅଗ୍ନି ଲିଭିଯିବା ପରେ ଶୁଦ୍ଧ ସୋମ ରହିଥାଏ। ବ୍ରହ୍ମ ଏବଂ ମାୟା ଭାବରେ ବି ମାୟା କାରଣରୁ ବ୍ରହ୍ମ ଭାବରୁ ବିଚ୍ଛେଦ ହୋଇଯାଏ। ମାୟାର ସହାୟତାରେ ବ୍ରହ୍ମକୁ ଏକସଙ୍ଗେ ଯୋଗ କରିବା ‘ଅହଂ ବ୍ରହ୍ମସ୍ମି’ରୂପେ ପ୍ରାପ୍ତ ହୋଇଯିବା ଯୋଗର ଲକ୍ଷ୍ୟ ଅଟେ। ଆଜିର ଶିକ୍ଷାର ଲକ୍ଷ୍ୟ ଜ୍ଞାନ ନୁହେଁ। ଜୀବନ ଦର୍ଶନରେ ଏଥିରୁ କିଛି ଯାଏ ଆସେ ନଥାଏ। ବ୍ୟକ୍ତି ଜୀବନ-ଯାପନ ତଥା ନିଜ ଇଚ୍ଛାପୂର୍ତ୍ତିରେ ପୂରା ବୟସ ବ୍ୟସ୍ତରେ ରହିଯାଏ। ନିତ୍ୟ ନୂଆ ନୂଆ ଇଚ୍ଛାର ଜାଲ ବିଛେଇଚାଲେ। ପ୍ରଚାର ସାମଗ୍ରୀର ଶକ୍ତି ଓ ଜୀବନ ଲକ୍ଷ୍ୟର ଅଭାବ ବ୍ୟକ୍ତିର ପ୍ରବାହରେ ରହିଥାଏ। ଯେମିତି ନଦୀ ତରଙ୍ଗରେ ଗୋଟେ କାଠ ଗଡ଼ ସ୍ୱଚ୍ଛନ୍ଦତାରେ ବୋହିଯାଏ ସେମିତି ଜୀବନର ନିୟନ୍ତ୍ରଣ କୌଣସି ପ୍ରକାରେ ହୋଇପାରେନାହିଁ। ପ୍ରବାହ ସବୁବେଳେ ତଳକୁ ତଳକୁ ବୋହିଚାଲେ। ଦୃଢ଼ ସଂକଳ୍ପ ବିନା ଜ୍ଞାନ ବି କିଛି କାମରେ ଆସେନାହିଁ। ସେହି ସମୟରେ ବ୍ୟକ୍ତି ନିରନ୍ତର ନିଜଠାରୁ ଦୂରେଇ ରହିବାକୁ ଚାହିଁଥାଏ। ଅନ୍ୟ ପକ୍ଷରେ ଦେଖିଲେ ଯେଉଁ ବ୍ୟକ୍ତି ଶୁଦ୍ଧ ଜ୍ଞାନ ଭରଷାରେ ଜିଇଁ ଥାଏ, କର୍ମରୁ ପଳାୟନ କରିଥାଏ ସେ ବି ଦିନେ ଅହଂକାରର ପ୍ରବାହରେ ବୋହିଯାଏ। ଏଭଳି ଜ୍ଞାନ ଏବଂ କର୍ମର ଆବରଣ ଆତ୍ମା ଉପରେ କ୍ରତୃତ୍ୱ ଜାହିର କରେ। ଯାହାଫଳରେ ବ୍ୟକ୍ତି ଯଥାର୍ଥତାଠାରୁ ଦୂରେଇଯାଏ।

ଆଜିର ଶିକ୍ଷା ବ୍ୟକ୍ତିର କେରିୟରକୁ ଏତେ ବ୍ୟସ୍ତ କରିଦେଇଛି ଯେ ତାକୁ ନିଜ ବ୍ୟତୀତ ଅନ୍ୟ କାହା ବିଷୟରେ ଚିନ୍ତା କରିବାକୁ ସମୟ ମିଳୁନାହିଁ। ଏଭଳି ବ୍ୟସ୍ତ ଭାବେ ମନୁଷ୍ୟର ଜୀବନ ଧୀରେ ଧୀରେ ସଙ୍କୁଚିତ ହୋଇଯାଉଛି। ଜୀବନରେ କିଛି ବି ହାସଲ କରିହେଉ ନାହିଁ। ଘର ତା ପାଇଁ ପାଠଶାଳାର କାର୍ଯ୍ୟ ହୋଇ ପାରୁନାହିଁ।ଘରେ ଅନ୍ୟ ଲୋକମାନେ ସମ୍ପର୍କୀୟମାନେ, ସ୍ୱଜନମାନେ ନିଜର ହୋଇ ମଧ ନିଜର ହୋଇପାରୁ ନାହାନ୍ତି। ଘରଠାରୁ ଦୂରରେ ରହି ଚାକିରୀ କରିବା ବ୍ୟକ୍ତି ନିମନ୍ତେ ଅନିବାର୍ଯ୍ୟ ହୋଇପଡିଛି। ଏହାବି ବିୟୋଗର ଅନ୍ୟ ଏକ ବିସ୍ତାର ଅଟେ। ଏଥିରେ ଆତ୍ମାର ବିସ୍ତାର ସମ୍ଭବ ନୁହେଁ। ପ୍ରଥମେ ଶରୀରରେ ଯୋଗ ହୁଏ। ସେଥିରୁ ବିଚାର ଏବଂ ଭାବନାର ଯୋଗ ବାହାରେ। ତାପରେ ଏକ ଏଭଳି ବାତାବରଣ ସୃଷ୍ଟି ହୁଏ ଯେଉଁଥିରେ ବ୍ୟକ୍ତି ସମଷ୍ଟି ଭାବେ ଜିଇଁପାରେ। ବୋଧହୁଏ ଏହା ହିଁ ଯୋଗର ପ୍ରାରମ୍ଭିକ ପରିଭାଷା।

♥ ବିସି-୭୪, ସଲଟ ଲେକ, କଲକାତା-୬୪
ମୋ-୯୬୮୧୩୭୩୫୧୨

ଗୋଟେ ଅନୁଭବୀ ଗପ

# ଲାସ ଚିହ୍ନଟ





## ଅରବିନ୍ଦ ଦାସ

**ଶ୍ରାଦ୍ଧ କର୍ମ ପାଇଁ ଲାସର ଆବଶ୍ୟକତା ନଥାଏ, ବରଂ ଶ୍ରଦ୍ଧାରେ ଶ୍ରାଦ୍ଧ କରାଯାଏ। ମୁଁ ଭାବୁଛି ଏ ଲାସ ସିନା ଆମେ ଆଜି ଦେଖୁଛେ, ହେଲେ ଅସଲରେ ପନ୍ଦରବର୍ଷ ତଳୁ ଆମକୁ ଅନ୍ଧାରରେ ରଖି ଅନ୍ୟ ସ୍ତ୍ରୀଲୋକ ସହ ସମ୍ପର୍କ ରଖି ଆଉ ଗୋଟେ ସଂସାର ଗଢି ଆମକୁ ଧୋକା ଦେଇଥିବା ସେ ଲୋକଟା ତ ଆମ ପାଇଁ ପନ୍ଦର ବର୍ଷ ତଳୁ ମରିଯାଇଛି। ଦାମ୍ପତ୍ୟ କେବଳ ଏକ ବନ୍ଧନ ନୁହେଁ, ବରଂ ଏକ ବିଶ୍ୱାସ। ବେଳେବେଳେ ଏକ ଦୁର୍ଘଟଣା ବି ବିଶ୍ୱାସ ଭାଙ୍ଗିଦିଏ। ବିଶ୍ୱାସ ଉଜୁଡ଼ିଗଲେ ସବୁ ଶେଷ। ସତରେ ଚେହେରା ଦେଖି ମଣିଷକୁ ଚିହ୍ନି ହୁଏନା,କେବଳ ଲାସକୁ ଚିହ୍ନଟ କରିହୁଏ ।’**

ଦୁନିଆର ସବୁଠୁ କଷ୍ଟଦାୟକ କାମ ବୋଧେ ନିଜ ମୃତ ସମ୍ପର୍କୀୟଙ୍କ ଲାସକୁ ଚିହ୍ନିବା, ସନାକ୍ତ କରିବା .......

ବିବାହର ତିରିଶ ବର୍ଷ ପରେ ଆଜି, ହସପିଟାଲ ଶବାଗାରରେ ସ୍ୱାମୀ ସୁଧାଂଶୁଙ୍କ ଶବକୁ ଚିହ୍ନଟ କରିବାକୁ ହେବ ମିନତିଙ୍କୁ !!!!

ଦୁଇ ପୁଅ ବିନୁ ଓ ଚିନୁଙ୍କ ସହିତ, ହସ୍ପିଟାଲ ଉଦ୍ଦେଶ୍ୟରେ ଘରୁ କାରରେ ବାହାରିଲା ବେଳେ ବି କାନ୍ଦ ଓ ଆଖିରୁ ଲୁହ ଶୁଖିବା ବନ୍ଦ ହେଉନଥିଲା ମିନତିଙ୍କର।

କାର କାଚ ବାଟେ ବାହାରକୁ ଅନାଉଥିଲେ ମିନତି। ସହରଟା ଯେମିତି ସମ୍ପୂର୍ଣ୍ଣ ବଦଳି ଯାଇଥିଲା ତାଙ୍କ ପାଇଁ।

- ‘ମମି, ଟିକେ ପାଣି ପିଇବ ?’ ଗାଡି ଡ୍ରାଇଭ କରୁଥିବା ବଡ଼ ପୁଅ ବିନୁ ପଚାରିଲା।

ସାନ ପୁଅ ଚିନୁର ଛାତି ଉପରେ ମୁଣ୍ଡ ରଖି ମିନତି ପଛ ସିଟରେ ଜୁଳୁଜୁଳୁ କରି ଅନେଇଥିଲେ। ମୁଣ୍ଡକୁ ଧୀରେ ହଲାଇ ମନା କଲେ। ଭୋକ, ଶୋଷ ସବୁତ ବନ୍ଦ ହୋଇଯାଇଛି ତାଙ୍କର।

କିଛି ଘଣ୍ଟା ତଳ କଥା ମନେ ପକାଉଥିଲେ ମିନତି। ଟିଭିରେ ରେଳ ଦୁର୍ଘଟଣାର ଖବର ଶୁଣି ମିନତିଙ୍କ ହାତଗୋଡ଼ କମ୍ପିବାକୁ ଆରମ୍ଭ କରିବା ସହ ହୃତସ୍ପନ୍ଦନ ବଢିଯାଇଥିଲା।

ସୁଧାଂଶୁ ତ ଏଇ ଟ୍ରେନରେ ଥିଲେ। ତିନିଦିନ ତଳେ କିଛି କାମରେ ସୁଧାଂଶୁ ବାହାରକୁ ଯାଇଥିଲେ। ଟ୍ରେନରେ ଫେରିଲା ବେଳେ ଏ ଦୁର୍ଘଟଣା! ହେ ଭଗବାନ !!

ସବୁ ଠାକୁରଙ୍କୁ ପ୍ରାର୍ଥନା କରି ସ୍ୱାମୀଙ୍କୁ ଫୋନ ଲଗାଇଲେ ମିନତି। ଅନ୍ୟପଟୁ କିଛି ଉତ୍ତର ମିଳୁ ନଥିଲା।

ବ୍ୟସ୍ତ ହୋଇ ଆହୁରି ଅନେକ ଥର ଫୋନ ଲଗାଇଲେ ମିନତି। ଫୋନ ରିଙ୍ଗ ହେଉଥିଲା, ଅଥଚ ସୁଧାଂଶୁ ଉତ୍ତର ଦେଉ ନଥିଲେ। ଦୁଇ ପୁଅ ବି ଫୋନ ଲଗାଇଲେ। ଭୟ ଆଶଙ୍କାରେ ଭରି ଯାଉଥିଲା ମନ।

କିଛି ସମୟ ପରେ ଟିଭିରେ ପ୍ରସାରିତ ହେଉଥିବା ଆକ୍ସିଡେଣ୍ଟ ସ୍ଥଳର ଭୟାବହ ଦୃଶ୍ୟ, ଆହତ ମୃତ ଯାତ୍ରୀଙ୍କ ରକ୍ତାତ ଶରୀର, ଯନ୍ତ୍ରଣା ରେ ଛଟପଟ ହୋଇ ବୁହା ହେଉଥିବା ଯାତ୍ରୀ, ବ୍ୟସ୍ତ ହୋଇ ନିଜ ସହ ଯାତ୍ରା କରୁଥିବା ଆତ୍ମୀୟ ସ୍ୱଜନଙ୍କୁ ବିକଳ ହୋଇ ଖୋଜୁଥିବା ମଣିଷ ତଥା ନିଜ ଅତି ଆପଣାକୁ ହରାଇଥିବା ଲୋକ ଛାତି ଫଟା କ୍ରନ୍ଦନ ଦୃଶ୍ୟ ଦେଖି ବେହୋସ ହୋଇ ଯାଇଥିଲେ ମିନତି।

ଠାକୁର ଘରେ ପଶି ସେ ଖାଲି ପ୍ରାର୍ଥନା କରୁଥାନ୍ତି, ତାଙ୍କ ସୁଧାଂଶୁ ଯେମିତି ବଞ୍ଚି ଥାଆନ୍ତୁ। ଦୁଇ ପୁଅ ତାଙ୍କୁ ଆଶ୍ୱସନା ଦେଇ କହୁଥାନ୍ତି,

- ମମି,ତୁମେ ବ୍ୟସ୍ତ ହୁଅନା। ହୁଏତ ଡ୍ୟାଡିଙ୍କ ଫୋନ କେଉଁଠି ଗଳି ପଡିଥିବ। କିଛି ସମୟ ପରେ ଅନ୍ୟ କେଉଁଠୁ ଫୋନ କରିବେ। ଡ୍ୟାଡ଼ିଙ୍କ ଖବର ମିଳିଯିବ।’

ଶେଷରେ ଖବର ମିଳିଥିଲା.....ସୁଧାଂଶୁଙ୍କ ମୋବାଇଲ ଅନ୍ୟ ଜଣେ କିଏ ଉଠାଇ କହିଥିଲା,

- ଏ ମୋବାଇଲ ଯାହା ପକେଟରେ ଥିଲା, ସିଏ ଆଉ ଏ ଦୁନିଆରେ ନାହାନ୍ତି। ନୀଳ ରଙ୍ଗର ଟି ସାର୍ଟ ଓ କଳା ରଙ୍ଗର ପ୍ୟାଣ୍ଟ ଏ ବାବୁଙ୍କ ଦେହରେ ଅଛି। ଆପଣ ଶୀଘ୍ର ଆସି ଲାସ ସନାକ୍ତ କରନ୍ତୁ।’

ମିନତିଙ୍କ ହାତରୁ ମୋବାଇଲ ତଳେ ଖସି ପଡ଼ିଥିଲା। ହସ୍ପିଟାଲ ସାମ୍ନାରେ ପହଞ୍ଚିଲା ବେଳକୁ ବାହାରେ ଆହତ, ମୃତ ଯାତ୍ରୀଙ୍କ ଆତ୍ମୀୟସ୍ୱଜନ, ପୋଲିସ, ପ୍ରଶାସନ, ମିଡିଆବାଲା, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ତଥା ସ୍ଥାନୀୟ ଦେଖେଣାହାରୀଙ୍କ ପ୍ରବଳ ଭିଡ।

ଭିଡ଼କୁ ଆଡେଇ ଦୁଇ ପୁଅଙ୍କ କାନ୍ଧରେ ହାତ ଭରା ଦେଇ ମିନତି ଆଗେଇ ,ପ୍ରଶାସନ ତରଫରୁ ସ୍ଥାପନ କରାଯାଇଥିବା କାଉଣ୍ଟରରେ ପହଞ୍ଚି , ସେଠାରେ ସୁଧାଂଶୁଙ୍କ ଫଟୋ ଦେଖାଇଲା ପରେ, ହସ୍ପିଟାଲର ଜଣେ କର୍ମଚାରୀଙ୍କ ସହ ସେମାନଙ୍କୁ ଯାଇ ସୁଧାଂଶୁଙ୍କ ଲାସ ସନାକ୍ତ କରିବାକୁ କୁହାଗଲା।

ଲାସ ରଖା ଯାଇଥିବା ହଲ ରଚଟାଣରେ ଥୁଆ ହୋଇଥିବା ସୁଧାଂଶୁଙ୍କ ନିଥର ଶରୀରକୁ ଦେଖି ନିଜକୁ ସମ୍ଭାଳି ପାରିନଥିଲେ ମିନତି।

ହେଲେ ସେମାନଙ୍କ ସହିତ ଯାଇଥିବା ଲୋକର କଥା ଶୁଣି ସେମାନେ ଆବାକାବା ହୋଇଯାଇଥିଲେ।

- ଏ ଲାସ ତ କିଛି ସମୟ ଆଗରୁ ଚିହ୍ନଟ ହୋଇଯାଇଛି। ହେଇ ଦେଖୁ ନାହାନ୍ତି ସେଇ ବଡି ଉପରେ ଘୋଡା ଯାଇଥିବା ଚଦରରେ ଲେଖା ଯାଇଥିବା ୨୭ ନମ୍ବର ଉପରେ ମୁଁ ପରା ନିଜେ ଗୋଲ ବନେଇଛି। ଆପଣମାନେ ବୋଧେ ଭୁଲ ବଡିକୁ ନିଜ ଲୋକର ବଡି ବୋଲି କହୁଛନ୍ତି। ଅନ୍ୟ ବଡି ଦେଖନ୍ତୁ।’

ଦୁଇ ପୁଅ ଓ ମିନତି କାନ୍ଦିବା ବନ୍ଦ କରି, ଚମକିପଡି ଆଶ୍ଚର୍ଯ୍ୟ ହୋଇ ଏକାସାଙ୍ଗରେ ପଚାରିଲେ,

- କିଏ ଚିହ୍ନଟ କରିଛି ଏ ବଡିକୁ ?’

- ଏଇ ବାବୁଙ୍କ ସ୍ତ୍ରୀ। ସାଙ୍ଗରେ ଦୁଇ ଝିଅ ବି ଥିଲେ।’

ରାଗିଯାଇ ଚିନୁ କହିଲା,

- ଯାଙ୍କ ସ୍ତ୍ରୀ ତ ଆମ ମମି। ଇୟେ ହିଁ ଆମ ଡ୍ୟାଡି। ଆମର ଚିହ୍ନିବାରେ କିଛି ଭୁଲ ହେବନି। ହେଇ ଦେଖ ଆମ ଡ୍ୟାଡ଼ିଙ୍କ ଫଟୋ। ଭୁଲରେ ଅନ୍ୟ କେହି ହୁଏତ ଆମ ଡ୍ୟାଡିଙ୍କୁ....

- ଦେଖନ୍ତୁ ଆଜ୍ଞା, ମୋ ସହିତ ଯୁକ୍ତି କରି କିଛି ଲାଭ ନାହିଁ। ଆପଣମାନେ ସେଇ କାଉଣ୍ଟରରେ ଶୀଘ୍ର କମ୍ପ୍ଲେନ କରନ୍ତୁ। ନହେଲେ ଅନ୍ୟ କିଏ ଏ ବଡି ନେଇଯିବ। ଆକ୍ସିଡେଣ୍ଟ ରେ ମରିଥିବା ଲୋକଙ୍କ ପରିବାରକୁ ଯେଉଁ କ୍ଷତିପୂରଣ ଟଙ୍କା ରାଜ୍ୟ ସରକାର, ରେଳବାଇ ଓ କେନ୍ଦ୍ର ସରକାର ଘୋଷଣା କରିଛନ୍ତି, ସେଇ ଟଙ୍କା ଲୋଭରେ କିଛି ବଦମାସ ଲୋକ ଏଭଳି ବି କରୁଛନ୍ତି। ଅନ୍ୟ ଏକ ଲାସକୁ ବି ଜଣେ ସ୍ତ୍ରୀ ଲୋକ ନିଜ ସ୍ୱାମୀ ବୋଲି ଦାବି କରୁଥିଲା, ହେଲେ ପରେ ତା ମିଛ ଧରା ପଡିଲା।’

ବିନୁ କହିଲା,

-ହୁଏତ ସେ ମହିଳା ଭୁଲରେ ଆମ ଡ୍ୟାଡ଼ିଙ୍କୁ...

ମିନତିଙ୍କ ମୁଣ୍ଡଟା ଟିକଟିକ ହୋଇ ବିନ୍ଧିବା ଆରମ୍ଭ କରିଦେଇଥିଲା।

ଜୀବନର ସବୁଠୁ ଦୁଃଖଦ, ଶୋକାପ୍ଳାବିତ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତରେ ଯେ ଏଭଳି ଝଟକା ମିଳିବ ତାହା ସ୍ୱପ୍ନରେ ଭାବି ନଥିଲେ ମିନତି। ସାମାନ୍ୟ କିଛି ଟଙ୍କା ଲୋଭରେ ଜଣେ ଏତେ ତଳକୁ ଖସି ଯାଇପାରେ ?

କାଉଣ୍ଟରକୁ ଆସି ସବୁ କଥା କହିଲା ପରେ ସେଠାରେ ବସିଥିବା ଜଣେ ବାବୁ କହିଲେ,

- ହେଇ ଦେଖନ୍ତୁ, ସେ ବେଞ୍ଚରେ ଦୁଇ ଛୋଟ ଝିଅଙ୍କ ସହ ବସିଥିବା ମହିଳା ଜଣଙ୍କ କିଛି ସମୟ ଆଗରୁ ଏଇ ୨୭ ନମ୍ବର ଲାସକୁ ନିଜ ସ୍ୱାମୀ ବୋଲି କହି ପ୍ରମାଣ ବି ଦେଖାଇଛନ୍ତି। ଆପଣ ଜାଣିଛନ୍ତି ତାଙ୍କୁ ?’

ମିନତି ଆଖି ଲୁହ ପୋଛି, ଚଟକିନା ବୁଲିପଡ଼ି ଦେଖୁଥିଲେ ବେଞ୍ଚରେ ବସି କାନ୍ଦୁଥିବା ଜଣେ ମହିଳାଙ୍କୁ। ପାଖରେ ଦୁଇ ଝିଅ। ଆଶ୍ଚର୍ଯ୍ୟ ହୋଇ ମିନତି ଭାବୁଥିଲେ କିଏ ଏଇ ସ୍ତ୍ରୀ ଲୋକ! କେବେ ତ ଯାକୁ ସେ ଦେଖି ନାହାନ୍ତି।

ଲୋକ ପଠାଇ ସେଇ ମହିଳାଙ୍କୁ ପାଖକୁ ଡକାଇଲେ ପ୍ରଶାସନିକ ଅଧିକାରୀ।

ସବୁ ଶୁଣି ନିର୍ବିକାର ଭାବେ ସେ ମହିଳା କହିଲେ, -ସୁଧାଂଶୁ ହିଁ ମୋ ସ୍ୱାମୀ, ଏଇ ଦୁଇ ଝିଅ ଆମ ଦୁହିଁଙ୍କର। ଏଇ ଦେଖନ୍ତୁ ଆମ ବାହାଘର ଫଟୋ।

ତିନି ଦିନ ହେଲାଣି ସେ ମୋ ସହିତ ମୋ ଘରେ ଥିଲେ ଓ ଘରୁ ବାହାରି ସେ ଟ୍ରେନ ଧରିଥିଲେ। ମୋ ଦୁଇ ଝିଅଙ୍କ ବାର୍ଥ ସାର୍ଟିଫିକେଟ ଓ ସ୍କୁଲ ସାର୍ଟିଫିକେଟରେ ବି ବାପାଙ୍କ ନାଁରେ ସୁଧାଂଶୁଙ୍କ ନାଁ ଅଛି।’

ବିନୁ ଓ ଚିନୁ ରାଗିଯାଇ ପାଟି କରି ଗାଳି ଦେଉଥିଲେ ସେ ମହିଳାଙ୍କୁ। ମିନତି ବି ବିରକ୍ତ ହୋଇ କହିଲେ,

-ଦେଖ, ତୁମକୁ ଆଉ କେହି ମିଳିଲେନି ମିଛ ଦାବି ପାଇଁ ? ଟଙ୍କା ଲୋଭରେ ଏସବୁ ତୁମେ କରୁଛ ? ସୁଧାଂଶୁ ଓ ମୁଁ ତିରିଶ ବର୍ଷ ହେଲା ବିବାହିତ। ମୋ ଦୁଇ ପୁଅଙ୍କୁ ଦେଖ। ହୁଏତ ତୁମ ସ୍ୱାମୀ ସୁଧାଂଶୁଙ୍କ ଭଳି ଅବିକଳ ଦେଖିବାକୁ ହୋଇଥିବେ।’

- ମୁଁ ମିଛ କହୁନି। ମୋ ନାଁ ଅଳକା। ପନ୍ଦର ବର୍ଷ ହେଲାଣି ସୁଧାଂଶୁଙ୍କ ସହ ମୋର ବିବାହ। ସବୁ ପ୍ରମାଣ, ଫଟୋ ମୋ ପାଖରେ ବି ଅଛି।’

ଅଧିକାରୀ ଜଣଙ୍କ ସମସ୍ତଙ୍କୁ ଚୁପ ରହିବାକୁ ଅନୁରୋଧ କରି କହିଲେ,

- ଲାସ ପକେଟରୁ ମିଳିଥିବା ମୋବାଇଲରୁ ଅନେକ ପ୍ରମାଣ ମିଳିଯିବ।’

ଗୋଟେ ପ୍ୟାକେଟ ଭିତରୁ ଏକ ମୋବାଇଲ ବାହାର କରି ଲକ୍ ଖୋଲିବାକୁ ଚେଷ୍ଟା କରି ସେ ଅଧିକାରୀ କହିଲେ,

- ଯାର ପାସ ୱାର୍ଡ ଜାଣିଛନ୍ତି ?’

ବିନୁ ଚଟକିନା କହିଲା,

- ଏଇଟା ଆମ ଡ୍ୟାଡ଼ିଙ୍କ ମୋବାଇଲ। ମମି, ତମେ ଡ୍ୟାଡ଼ିଙ୍କ ମୋବାଇଲ ପାସୱାର୍ଡ ଜାଣିଛ ?’

ମିନତି ଚମକି ପଡି ଭାବିଲେ, ସୁଧାଂଶୁ ନିଜ ମୋବାଇଲ କାହାକୁ ଛୁଇଁବାକୁ ଦିଅନ୍ତିନି। ତା’ଛଡା ତାଙ୍କ ମୋବାଇଲର ଲକ୍, ପାସୱାର୍ଡ ଜାଣିବାକୁ ସେ ନିଜେ କେବେ ଇଚ୍ଛା କରିନାହାନ୍ତି ତଥା ଆବଶ୍ୟକତା ବି ପଡିନି।

ଅଳକା କହିଲା,

- ସାର୍ ମୋତେ ଫୋନ ଦିଅନ୍ତୁ। ମୁଁ ଜାଣେ ପାସୱାର୍ଡ।’

ସତକୁ ସତ ମୋବାଇଲ ଅନ୍‌ଲକ ହୋଇଗଲା। ନିଜ ଫୋନରୁ କଲ କଲା ଅଳକା। ଡାର୍ଲିଂଗ ଅଳକା ବୋଲି ସେଭ ହୋଇଥିବା ନମ୍ବର ବାଜିଲା। ମୋବାଇଲରେ ସେଭ ହୋଇଥିବା ଏକ ଫୋଲଡରରେ ଅଳକା ନିଜ ଦୁଇ ଝିଅଙ୍କ ସହ ସୁଧାଂଶୁଙ୍କ ବିଭିନ୍ନ ସ୍ଥାନରେ ଉଠାଇଥିବା ଫଟ, ଭିଡିଓ ସବୁ ବି ଦେଖାଇଲା।

- ମୋର ଦୁଇ ଦୁଇଟା ଛୋଟ ଝିଅ। ପ୍ରତିମାସ ସୁଧାଂଶୁ ଆମ ସହ ଦୁଇ ତିନି ଦିନ ବିତାନ୍ତି। ଗୋଟେ ପ୍ରାଇଭେଟ କମ୍ପାନୀରେ କାମ କରୁଛି ମୁଁ। ମୋ ଦୁଇ ଝିଅଙ୍କ ଡି ଏନ ଏ ଟେଷ୍ଟ କରାନ୍ତୁ। ଏଇନା ତ ମୋର ଓ ମୋ ପିଲାଙ୍କ ଭବିଷ୍ୟତ ଅନ୍ଧାର। ଯେହେତୁ ସେ ମୋ ସ୍ୱାମୀ, ତାଙ୍କ ବଡି ଓ କ୍ଷତିପୂରଣ ଟଙ୍କା ଉପରେ ମୋର ଓ ପିଲାଙ୍କର ହକ୍ ଅଛି।’

ଆଶ୍ଚର୍ଯ୍ୟ ହୋଇ ସବୁ ଦେଖୁଥିଲେ ମିନତି। ବିନୁ ରାଗିଯାଇ ନିଜ ମୋବାଇଲରେ ଥିବା ଫ୍ୟାମିଲି ଫଟ ସବୁ ଦେଖାଇ କହିଲା,

-ଏଇ ଦେଖନ୍ତୁ ସାର, ଡ୍ୟାଡ଼ିଙ୍କ ସହ ଆମର ଫଟୋ। ଏଇ ବଦମାସ ସ୍ତ୍ରୀ ଲୋକ ବୋଧେ ଫଟୋସପ୍ କରିଛି। ଆମ ଡ୍ୟାଡିଙ୍କ ବଡିକୁ ଅନ୍ୟ ଜଣେ କେମିତି କ୍ଲେମ କରିବ? ମମି ତୁମେ କିଛି କାହିଁକି କହୁନ?’

ଚେଆରରେ ବସି ମିନତି ଭାବୁଥିଲେ ସୁଧାଂଶୁ ପ୍ରତିମାସ ବିଜିନେସ, କ୍ଲାଏଣ୍ଟ ମିଟିଙ୍ଗ ବାହାନାରେ ଦୁଇ ତିନିଦିନ ବାହାରକୁ ଯେମିତି ହେଉ ଯାଆନ୍ତି। ବେଳେବେଳେ ଅଧିକ ଦିନ ବି। କେବେ ମିନତି ସ୍ୱାମୀଙ୍କ ଉପରେ ସନ୍ଦେହ କରି ନାହାନ୍ତି। ହେଲେ ଏ ଫଟୋ ଓ ଭିଡିଓ ତଥା ଦୁଇ ଝିଅ !! ଏତେ କପଟୀ ସୁଧାଂଶୁ !! ନିଜ ଦୁଇପୁଅ, ସ୍ତ୍ରୀ ଥାଉ ଥାଉ......

ମିନତିଙ୍କ ପାଖରେ ଏମିତି କଣ କମ ଥିଲା ଯେ, ଅନ୍ୟ ଗୋଟେ ସ୍ତ୍ରୀ ସହ ସମ୍ପର୍କ ରଖିଥିଲେ ସୁଧାଂଶୁ!! ତା ପୁଣି ଏତେବର୍ଷ ହେଲାଣି?

ମିନତି ପୁଣି ଦେଖୁଥିଲେ ତୋଫା ଗୌରବର୍ଣ୍ଣା ସୁନ୍ଦରୀ ସେ ସ୍ତ୍ରୀ ଲୋକକୁ। ଫିଲ୍ମ ହିରୋଇନ ଭଳି ଚେହେରା।

ମିନତିଙ୍କ ମେଦବହୁଳ ସ୍ୱାସ୍ଥ୍ୟ ଓ ଶ୍ୟାମଳବର୍ଣ୍ଣ ରଙ୍ଗ ଅଳକା ଆଗରେ ଫିକା ଲାଗୁଥିଲା।

ରୂପରେ ଭୋଳ ହୋଇ ସୁଧାଂଶୁ ଏଭଳି ... କାନ୍ଦ ମାଡୁଥିଲା ମିନତିଙ୍କୁ।

ଦୀର୍ଘ ତିରିଶ ବର୍ଷର ବିଶ୍ୱାସ, ଭରସା କ୍ଷଣିକ ଭିତରେ ଏମିତି ମିଳାଇ ଯାଏ? ଏତେ ଛଳନା!

ସ୍ୱାମୀଙ୍କ ଉପରେ ଅଭିମାନ, କ୍ଷୋଭ ବଦଳରେ ଘୃଣା ଆସୁଥିଲା।

ବିନୁ ଓ ଚିନୁ, ମିନତିଙ୍କୁ ଟିକେ ଦୂରକୁ ନେଇ ଯାଇ କହିଲେ,

-ମମି, ତୁମେ ବ୍ୟସ୍ତ ହୁଅନା। ବ୍ଲାକମେଲ କରି ଏ ସ୍ତ୍ରୀ ଲୋକ ବୋଧେ ଡ୍ୟାଡିଙ୍କୁ ଫସେଇ ଥିବ। ଆମେ ଯାହା ହେଲେ ବି ଛାଡ଼ିବାନି। ଡ୍ୟାଡ଼ିଙ୍କ ଲାସ ଆମେ ନେବା।’

ଅସହାୟ ସ୍ୱରରେ ମିନତି କହିଲେ,

- ତୁମ ଡ୍ୟାଡି କଣ ଛୋଟ ପିଲା ଥିଲେ ଯେ ସେ ତାଙ୍କୁ ଫସାଇଦେଲା ? ଏତେ ବର୍ଷ ହେଲାଣି ଆମେ ଟିକେ ସୁରାକ ବି ପାଇନେ ?’

ଧୀର ପାଦରେ କାଉଣ୍ଟର ଆଡ଼କୁ ଆଗେଇ ଯାଇ ମିନତି ଥରେ ସେ ସ୍ତ୍ରୀ ଲୋକ ଓ ଆଉଥରେ ସେଇ ଦୁଇ ଝିଅଙ୍କ ଆଡ଼କୁ ଅନାଇ, ଅଧିକାରୀଙ୍କୁ କହିଲେ,

-ସରି, ସେ ବଡି ମୋ ସ୍ୱାମୀଙ୍କର ନୁହେଁ। ଲାସ୍ ସନାକ୍ତ କରିବାରେ ଆମର ଭୁଲ ହୋଇଯାଇଛି। କ୍ଷତିପୂରଣ ଟଙ୍କା ଓ ବଡି ଆପଣ ସେଇ ମହିଳାଙ୍କୁ ଦେଇ ପାରନ୍ତି।’

ଆବାକାବା ହୋଇ ଅନେଇଥିଲେ ବିନୁ ଓ ଚିନୁ। ବାହାରକୁ ଯାଉ ଯାଉ ବିନୁ ଚିଡିଲା ସ୍ୱରରେ କହିଲା,

-ତୁମ ମୁଣ୍ଡ ବୋଧେ ଠିକ୍ ନାହିଁ ମମି। ଡ୍ୟାଡିଙ୍କ ଲାସକୁ ସତ୍କାର କରିବା ବଦଳରେ ତୁମେ ଅନ୍ୟ ଲୋକକୁ ଦେଇ ଦେଉଛ ?’

ଚିନୁ କହିଲା,

-ମମି, ଆଉଥରେ ଭଲକରି ଚିନ୍ତାକର। ଆମେ ଏଇନା ବିନା ଶବ ସତ୍କାରରେ, ଦଶକର୍ମ, ଶୁଦ୍ଧିକ୍ରିୟା କେମିତି କରିବା ? ତା ଛଡା ଡ୍ୟାଡ଼ିଙ୍କ କ୍ଷତିପୂରଣ ଟଙ୍କାର ଅସଲ ହକଦାର ତ ତମେ।’

ଆଖି ଲୁହ ପୋଛି ମିନତି କହିଲେ,

-ମୋ ଦୁଃଖ, ଯନ୍ତ୍ରଣାକୁ କଣ ସେ କ୍ଷତିପୂରଣ ଟଙ୍କା ଭରଣ କରି ପାରିବ ? ବରଂ ସେଇ ଟଙ୍କା ଆଣିଲେ ମୋତେ ଲାଗିବ ସୁଧାଂଶୁ ନିଜ ଭୁଲ ପାଇଁ ମୋତେ ଯେମିତି କିଛି ପାରିତୋଷିକ ଦେଇଗଲେ। ସୁଧାଂଶୁଙ୍କୁ ମୁଁ କେବେ କ୍ଷମା କରି ପାରିବିନି। ସେ ସ୍ତ୍ରୀ ଲୋକ ଓ ଦୁଇ ସାନ ଝିଅଙ୍କ ବେଶୀ କାମରେ ଲାଗିବ ସେ କ୍ଷତିପୂରଣ ଟଙ୍କା। ନିଅନ୍ତୁ ସେମାନେ। ଭଗବାନ ଆମକୁ ବହୁତ ଦେଇଛନ୍ତି।’ ଆକାଶକୁ ଅନାଇ ଦୀର୍ଘନିଶ୍ୱାସ ଛାଡି ମିନତି ପୁଣି କହିଲେ,

- ଶ୍ରାଦ୍ଧ କର୍ମ ପାଇଁ ଲାସର ଆବଶ୍ୟକତା ନଥାଏ, ବରଂ ଶ୍ରଦ୍ଧାରେ ଶ୍ରାଦ୍ଧ କରାଯାଏ। ମୁଁ ଭାବୁଛି ଏ ଲାସ ସିନା ଆମେ ଆଜି ଦେଖୁଛେ, ହେଲେ ଅସଲରେ ପନ୍ଦରବର୍ଷ ତଳୁ ଆମକୁ ଅନ୍ଧାରରେ ରଖି ଅନ୍ୟ ସ୍ତ୍ରୀଲୋକ ସହ ସମ୍ପର୍କ ରଖି ଆଉ ଗୋଟେ ସଂସାର ଗଢି ଆମକୁ ଧୋକା ଦେଇଥିବା ସେ ଲୋକଟା ତ ଆମ ପାଇଁ ପନ୍ଦର ବର୍ଷ ତଳୁ ମରିଯାଇଛି। ଦାମ୍ପତ୍ୟ କେବଳ ଏକ ବନ୍ଧନ ନୁହେଁ, ବରଂ ଏକ ବିଶ୍ୱାସ। ବେଳେବେଳେ ଏକ ଦୁର୍ଘଟଣା ବି ବିଶ୍ୱାସ ଭାଙ୍ଗିଦିଏ। ବିଶ୍ୱାସ ଉଜୁଡ଼ିଗଲେ ସବୁ ଶେଷ। ସତରେ ଚେହେରା ଦେଖି ମଣିଷକୁ ଚିହ୍ନି ହୁଏନା,କେବଳ ଲାସକୁ ଚିହ୍ନଟ କରିହୁଏ।’

♥ ବିଶାଖାପାଟଣା
(ମୋ) ୯୧୭୭୬୦୫୧୦୫

# ଗିଲଗିଟ୍ ଓ ବଲଟିସ୍ଥାନ

**ଭୁବନାନନ୍ଦ ତ୍ରିପାଠୀ**

ଓଡ଼ିଆ ପାଠକମାନଙ୍କ ପାଇଁ ଉପରୋକ୍ତ ସ୍ଥାନ ଦୁଇଟି ନୂଆ ମନେ ହୋଇପାରେ। କାଶ୍ମୀରର 'ପିଓକେ' ଅଞ୍ଚଳ ଯେପରି ଅନେକଙ୍କ ପାଇଁ ଏକ ଅଜଣା ବିଷୟ ସେହିପରି ଗିଲଗିଟ୍ ଓ ବଲଟିସ୍ଥାନ। ସଂଯୋଗକୁ ଭାରତ ମାନଚିତ୍ରର ଉତ୍ତର ଭାଗରେ ପିଓକେ ସହିତ ଗିଲଗିଟ୍ ଓ ବଲଟିସ୍ଥାନ ଲାଗାଲାଗି ହୋଇ ରହିଛି।

କାଶ୍ମୀର ବିଷୟରେ ଚର୍ଚ୍ଚା କରିବାବେଳେ ଆମେ ଜାଣିଥାଉ ଯେ ଏହାର ଏକ ତୃତୀୟାଂଶ ପାକିସ୍ତାନ ଅଧିନରେ ରହିଛି ଏବଂ ଏହି ଅଞ୍ଚଳକୁ ପାକ୍ ଅଧିକୃତ ଅଞ୍ଚଳ ବା ପିଓକେ ନାମକରଣ କରାଯାଇଛି। କେହି କେହି ଏ ଅଞ୍ଚଳକୁ ଆଜାଦ୍ କାଶ୍ମୀର ବୋଲି କହିଥାନ୍ତି ଯଦିଓ ଆଜାଦ ଶବ୍ଦର ବ୍ୟବହାର ପାକିସ୍ତାନବାସୀଙ୍କ ପାଇଁ ପ୍ରଯୁଜ୍ୟ।

ଦେଶ ସ୍ୱାଧୀନ ହେବା ସମୟରେ କାଶ୍ମୀର ରାଜ୍ୟ ସହିତ ଗିଲଗିଟ ଓ ବଲଟିସ୍ଥାନ ନାମକ ଏହି ଦୁଇଟି ପାହାଡ଼ିଆ ଅଞ୍ଚଳ ସଂଲଗ୍ନ ରହିଥିଲା। ଗିଲଗିଟ୍‌ର ଉତ୍ତରାଞ୍ଚଳକୁ ଗିଲଗିଟ୍ ଏଜେନ୍ସି କୁହାଯାଉଥିଲା ଏବଂ ମୂଳତଃ କାଶ୍ମୀରର ଅଂଶ ଥିଲେ ସୁଦ୍ଧା ଏହା ଜଣେ ଇଂରେଜ ପ୍ରଶାସକଙ୍କ ଅଧିନରେ ଥିଲା। ସେ ଶ୍ରୀନଗର ମାଧ୍ୟମରେ ଦିଲ୍ଲୀ ମୁଖ୍ୟାଳୟ ସହିତ ଯୁକ୍ତ ହୋଇଥିଲେ। ମାତ୍ର ଗିଲଗିଟର ଦକ୍ଷିଣାଞ୍ଚଳ ନାମ ଥିଲା ଦର୍ଦ୍ଦିସ୍ଥାନ ଏବଂ ଏହା ସହିତ ବଲଟିସ୍ଥାନ ଅଞ୍ଚଳ କାଶ୍ମୀର ମହାରାଜାଙ୍କ ଶାସନାଧିନ ହୋଇ ରହିଥିଲା। ଉଭୟ ଗିଲଗିଟ୍ ଏବଂ ବଲଟିସ୍ଥାନ କାଶ୍ମୀରର ଉତ୍ତର ଦିଗରେ କାରାକୋରମ ପର୍ବତମାଳା ମଧ୍ୟରେ ଅବସ୍ଥିତ। ଭୌଗୋଳିକ ଦୃଷ୍ଟିରୁ ଏହି ଅଞ୍ଚଳଟି ଚାରିଦିଗରୁ ଚାରୋଟି ବିଦେଶୀ ରାଷ୍ଟ୍ରର ସୀମା ଭାବେ ରହିଅଛି। ଗୋଟିଏ ପାଖରେ ଭାରତର ଲଦାଖ ଅଞ୍ଚଳ, ଅନ୍ୟପାଖରେ ପାକିସ୍ତାନର ଖାଇବର ପାଖତୁନଖ୍ୱା ଅଞ୍ଚଳ, ଆଉ ଏକ ପାଖରେ ଆଫଗାନିସ୍ତାନର ୱାଖାନ ଜିଲ୍ଲା ଏବଂ ଉତ୍ତର ପୂର୍ବ ଦିଗରେ ରହିଛି ଚୀନର ଉଇଘର ଅଞ୍ଚଳ। ସ୍ୱାଧିନତାର ପରବର୍ତ୍ତୀ ସମୟରେ ଯେତେବେଳେ ଗଡ଼ଜାତ ରାଜ୍ୟଗୁଡ଼ିକର ଭାରତ ସହିତ ବିଲୟ ହୋଇଥିଲା ସେତେବେଳେ ଗିଲଗିଟ୍ ଓ ବଲଟିସ୍ଥାନ ମଧ୍ୟ ଭାରତ ବର୍ଷରେ ମିଶ୍ରଣ ହୋଇଯିବାର ଯଥାର୍ଥତା ରହିଥିଲା। ମାତ୍ର ଜାମୁକାଶ୍ମୀରର ମିଶ୍ରଣ ପ୍ରସଙ୍ଗ ବିଳମ୍ବ ହେଉଥିବାରୁ ସମୟର ସୁଯୋଗ ନେଇ ପାକିସ୍ତାନ ସରକାର ଏ ଅଞ୍ଚଳକୁ ଦଖଲ କରିନେଇଛି। ଏବେ ଜାମ୍ମୁକାଶ୍ମୀରରୁ ୩୭୦ଧାରା ହଟିଯିବାପରେ ଯେତେବେଳେ 'ପିଓକେ'ର ମିଶ୍ରଣ ପାଇଁ ଆମ ଦେଶରେ ଦାବୀ ହେଉଛି, ସେତେବେଳେ ସ୍ୱଭାବିକ ଭାବେ ଗିଲଗିଟ୍ ଓ ବଲଟିସ୍ଥାନର ଭାରତ ସହିତ ମିଶ୍ରଣ ବିଷୟ ଚର୍ଚ୍ଚାର ପ୍ରସଙ୍ଗ ହୋଇ ଠିଆ ହୋଇଛି।

ଏହି ପାହାଡ଼ିଆ ଅଞ୍ଚଳ ଦୁଇଟି ଅଲଗା ଅଲଗା ପ୍ରଦେଶ ଭାବେ ପରିଚିତ ହେଲେ ସୁଦ୍ଧା ଏହାର ଭୌଗୋଳିକ ସ୍ଥିତି ଏବଂ ରାଜନୈତିକ ସମସ୍ୟା ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏ ଅଞ୍ଚଳର କ୍ଷେତ୍ରଫଳ ୭୨,୯୭୧ ବର୍ଗ କିଲୋମିଟର। ମାତ୍ର କ୍ଷେତ୍ରଫଳ ତୁଳନାରେ ଜନସଂଖ୍ୟା ବହୁତ କମ୍। ମୋଟ ଜନସଂଖ୍ୟା ୧୪ଲକ୍ଷ ୪୨ହଜାର (ଆଧାର ୨୦୧୧ ଜନଗଣନା ରେ)। ଏ ଅଞ୍ଚଳର ସମସ୍ତ ଅଧିବାସୀ ହେଉଛନ୍ତି ମୁସଲମାନ। ମାତ୍ର ଏଠିକା ବାସିନ୍ଦାମାନେ ସିହା ସମ୍ପ୍ରଦାୟର ହୋଇଥିବାରୁ ସୁନ୍ନି ସମ୍ପ୍ରଦାୟ ବହୁଳ ପାକିସ୍ତାନ ସହିତ ଏମାନଙ୍କର ପ୍ରେମଭାବ ନାହିଁ ବରଂ ଦୁଇ ଗୋଷ୍ଠୀ ମଧ୍ୟରେ ଅନେକ ସମୟରେ ଝଗଡ଼ା, ମାରପିଟ ଆଦି ହିଂସାତ୍ମକ ଘଟଣାମାନ ଘଟି ଚାଲିଛି। ଏହି କାରଣରୁ ଗିଲଗିଟ୍ ଓ ବଲଟିସ୍ଥାନବାସୀ ପାକିସ୍ତାନ ମୁହାଁ ନହୋଇ ଭାରତମୁହାଁ ହେଉଥିବାର ଦେଖାଯାଉଛି।

ଚୀନ ସରକାର କାରାକୋରମ ରାଜପଥର ବିସ୍ତାର ପାଇଁ ବଲଟିସ୍ଥାନର କିଛି ଅଞ୍ଚଳକୁ ପାକିସ୍ତାନର ସହମତିରେ ଦଖଲ କରିନେଇଛି। ଏହି ନୂତନ ରାଜପଥ ନିର୍ମାଣ ଫଳରେ ପାକିସ୍ତାନ ଆଡୁ ଗିଲଗିଟ ଓ ବଲଟିସ୍ଥାନ ସହିତ ଯାତାୟତର ସୁବିଧା ବୃଦ୍ଧି ପାଇଛି ମାତ୍ର ଉଭୟ ପକ୍ଷ ମଧ୍ୟରେ ଆନ୍ତରିକ ଶତ୍ରୁତା ଥିବାରୁ ଗିଲଗିଟବାସୀ କାରଗିଲ ବାଟଦେଇ କାଶ୍ମୀର ଯିବା ଆସିବାକୁ ଅଧିକ ପସନ୍ଦ କରିଥାନ୍ତି।

ଗିଲଗିଟ୍ ସ୍କାଉଟ୍ ନାମକ ଏକ ସୈନ୍ୟଦଳର ମୁଖ୍ୟ ଥିଲେ ମେଜର ବ୍ରାଉନ୍ ଏବଂ ସେ ଇଂରେଜ ସରକାରଙ୍କ ପ୍ରତିନିଧିଭାବେ ଗିଲଗିଟ୍ ଏଜେନସିର ପ୍ରଶାସକ ଥିଲେ। ଦେଶ ସ୍ୱାଧୀନ ହେବାପରେ ଇଂରେଜ ସରକାର ଗିଲଗିଟ୍ ଏଜେନସିର ଶାସନଭାର କାଶ୍ମୀର ମହାରାଜାଙ୍କୁ ହସ୍ତାନ୍ତର କରି ଦେଇଥିଲେ ଏବଂ କାଶ୍ମୀର ମହାରାଜା ବ୍ରିଗେଡ଼ିୟର ଘନସାରା ସିଂହଙ୍କୁ ଏ ଅଞ୍ଚଳର ନୂତନ ଗଭର୍ଣ୍ଣର ଭାବେ ନିଯୁକ୍ତ କରି ପଠାଇଥିଲେ। ଏହି ସମୟରେ ସ୍ଥାନୀୟ କର୍ମଚାରୀଗଣ ପାକିସ୍ତାନରେ ମିଶ୍ରଣ ସପକ୍ଷରେ ଅଫିସ କାମ ବନ୍ଦ କରିଦେଇଥିଲେ। ଏହା ସହିତ ବେତନ ବୃଦ୍ଧି ପାଇଁ ସେମାନଙ୍କର ଦାବୀ ଥିଲା। ଇତିମଧ୍ୟରେ ଏ ଅଞ୍ଚଳର ସମସ୍ତ ସରକାରୀ ଭଣ୍ଡାର ଏବଂ ଟ୍ରେଜେରୀ ଖାଲି ହୋଇଯାଇଥିଲା। ସୈନ୍ୟ, ଷ୍ଟାଫ୍, ଅର୍ଥ ତଥା ଖାଦ୍ୟପଦାର୍ଥ ପଠାଇବା ପାଇଁ କାଶ୍ମୀରକୁ ଅନୁରୋଧ କରାଗଲା। ମାତ୍ର ତିନି ମାସ ପାରିହେବା ପରେ ସୁଦ୍ଧା କିଛି ସାହାଯ୍ୟ ମିଳିପାରିନଥିଲା। ପରିସ୍ଥିତିର ସୁଯୋଗ ନେଇ ଗିଲଗିଟ୍ ସ୍କାଉଟ ପାକିସ୍ତାନ ପକ୍ଷ ସମର୍ଥନ କରିଥିଲା। ୧୯୪୭ମସିହା ନଭେମ୍ବର ୪ତାରିଖ ଦିନ କାଶ୍ମୀର ଉପତ୍ୟକାର ଅଶାନ୍ତ ପରିସ୍ଥିତିକୁ ଦେଖି ଏବଂ ସ୍ଥାନୀୟ ମୁସଲମାନ ସମାଜର ମନସ୍ଥିତିକୁ ଆକଳନ କରି ମେଜର ବ୍ରାଉନ୍ ପାକିସ୍ତାନ ସହିତ ଗିଲଗିଟ ଏଜେନ୍ସି ମିଶିଯିବାର ଘୋଷଣା କରିଥିଲେ। ଏହି ସମୟରେ ଦକ୍ଷିଣ ଗିଲଗିଟ୍‌ରେ ଥିବା ହୁଞ୍ଜା ଓ ନାଗର ନାମକ କ୍ଷୁଦ୍ର ରାଜ୍ୟ ଦୁଇଟି କାଶ୍ମୀର ରାଜାଙ୍କ ଅଧିନତା ଛାଡ଼ି ପାକିସ୍ତାନରେ ମିଶିବା ପାଇଁ ଘୋଷଣା କରିଥିଲେ। ମେଜର ବ୍ରାଉନ୍‌ର ପାକିସ୍ତାନ ପ୍ରେମ ପାଇଁ ପରବର୍ତ୍ତୀକାଳରେ ପାକିସ୍ତାନ ସରକାର ତାଙ୍କୁ 'ଷ୍ଟାର ଅଫ୍ ପାକିସ୍ତାନ' ଉପାଧି ପ୍ରଦାନ କରିଥିଲା।

ଗିଲ୍‌ଗିଟ ଅଞ୍ଚଳକୁ ଦଖଲ କରିବାପରେ ବଲଟିସ୍ଥାନ ଦଖଲ ପାଇଁ କ୍ୟାପଟେନ୍ ଏହସାନ ଅଲ୍ଲିଙ୍କ ନେତୃତ୍ୱରେ ସୈନ୍ୟଦଳ ସ୍କାର୍ଡୋ ଆସିଥିଲେ। ସ୍କାର୍ଡୋରେ ସ୍ଥାପିତ ରେଜିମେଣ୍ଟର ମୁଖ୍ୟ କର୍ଣ୍ଣେଲ ଶେରଜଙ୍ଗ ଥାପା ଏହି ଆକ୍ରମଣକୁ ଛଅ ମାସ ପର୍ଯ୍ୟନ୍ତ ପ୍ରତିହତ କରିଥିଲେ। ଭାରତ ପକ୍ଷରୁ କିଛି ସୈନ୍ୟ ଏବଂ ଅର୍ଥ ସାହାଯ୍ୟ ଦିଆଯାଉଥିଲେ ସୁଦ୍ଧା ତାହା ଯଥେଷ୍ଟ ନଥିଲା। ଶେଷରେ ୧୯୪୮ ମସିହା ଅଗଷ୍ଟ ମାସରେ ଥାପା ପରାଜୟ ସ୍ୱୀକାର କରିଥିଲେ ଏବଂ ବଲଟିସ୍ଥାନ ପାକିସ୍ତାନ ଅଧିନକୁ ଚାଲିଯାଇଥିଲା। ଏହାପୂର୍ବରୁ ପାକିସ୍ତାନ ଏହି ଅଞ୍ଚଳକୁ "ପିପୁଲ୍‌ସ ରିପବ୍ଲିକ ଅଫ୍ ଗିଲଗିଟ-ବାଲଟିସ୍ଥାନ" ନାମରେ ଘୋଷଣା କରି ରାଇସ ଖାନ୍ ନାମକ ଜଣେ ସ୍ଥାନୀୟ ଲୋକଙ୍କୁ ଏହାର ନେତୃତ୍ୱ ପ୍ରଦାନ କରଥିଲା। ତାଙ୍କ ସହିତ ମେଜର ବ୍ରାଉନ୍, କ୍ୟାପଟେନ ଏହସାନ ଅଲି ଏବଂ ଅନ୍ୟ ତିନିଜଣଙ୍କୁ ମନୋନୀତ ସଦସ୍ୟ ଭାବେ ରଖାଯାଇ ଗୋଟିଏ ଅସ୍ଥାୟୀ ସରକାର ପ୍ରତିଷ୍ଠିତ ହୋଇଥିଲା।

ପାକିସ୍ତାନର ଅଧିନ ଥିଲେ ସୁଦ୍ଧା ଏ ଅଞ୍ଚଳକୁ ପାକିସ୍ତାନର ପାର୍ଲିଆମେଣ୍ଟରେ ପ୍ରତିନିଧିତ୍ୱ ଏପର୍ଯ୍ୟନ୍ତ ଦିଆଯାଇନାହିଁ। କିମ୍ବା ଏ ଅଞ୍ଚଳରେ ଲୋକପ୍ରତିନିଧି ଶାସନ ଲାଗୁ ହୋଇନାହିଁ। ପାକିସ୍ତାନ ସରକାର ଜଣେ ବ୍ୟକ୍ତିଙ୍କୁ ଉତ୍ତରାଞ୍ଚଳର ମନ୍ତ୍ରୀ ଭାବେ ମନୋନୀତ କରି ଏ ଅଞ୍ଚଳର ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି। କିଛି ବର୍ଷ ତଳେ ସ୍ଥାନୀୟ ଲୋକମାନଙ୍କର ଆନ୍ଦୋଳନ ଫଳରେ ଏ ଅଞ୍ଚଳ ପାଇଁ ଗୋଟିଏ ଆସେମ୍ବ୍ଲି ଗଠନ କରାଯାଇଛି। ଏହି ଆସେମ୍ବ୍ଲିର ନିର୍ବାଚିତ ପ୍ରତିନିଧିମାନେ ବିଭିନ୍ନ ବିଷୟରେ ଚର୍ଚ୍ଚା କରିବାର ସୁଯୋଗ ପାଇଛନ୍ତି, ମାତ୍ର ନିଷ୍ପତ୍ତି ନେବାର କ୍ଷମତା ପ୍ରଶାସକ ବା ଗଭର୍ଣ୍ଣରଙ୍କ ହାତରେ ରହିଛି। ସେହିପରି ନିକଟରେ ସେ ଅଞ୍ଚଳ ପାଇଁ ଗୋଟିଏ ସ୍ୱତନ୍ତ୍ର ବିଚାର ବିଭାଗ ଗଠନ କରାଯାଇଛି।

ଗିଲଗିଟ୍ ଅଞ୍ଚଳରେ ୫ଟି ଡ଼ିଭିଜନ ରହିଛି ଯଥା ଗିଲଗିଟ୍ ଦିଆମର, ଘିଜର, ହୁଞ୍ଜା ନାଗର ଏବଂ ଆଷ୍ଟୋରେ। ଅନ୍ୟପାଖରେ ବଲଟିସ୍ଥାନରେ ୨ଟି ଡ଼ିଭିଜନ ରହିଛି ଯଥା ସ୍କାର୍ଡୋ ଏବଂ ଘାଞ୍ଚେ। ବର୍ତ୍ତମାନ ପାକିସ୍ତାନର ଖାଇବର ପାଖତୁନଖ୍ୱା ଅଧିନଥିବା ଚିତ୍ରଳ ଜିଲ୍ଲା ପୂର୍ବେ କାଶ୍ମୀର ରାଜାଙ୍କ ଅଧିନ ଥିଲା। ଏବେ ସେହି ଜିଲ୍ଲାର ସୁନ୍ନୀ ଲୋକମାନେ ଗିଲଗିଟ-ବାଲଟିସ୍ଥାନର ସିହା ମାନଙ୍କର ବଡ଼ ଶତ୍ରୁ ପାଲଟିଛନ୍ତି।

ଏହି ଦୁଇ ଅଞ୍ଚଳରେ ମାଉଣ୍ଟ ଏଭରେଷ୍ଟ ଏବଂ କାଞ୍ଚନଜଙ୍ଗା ପରି ସୁଉଚ୍ଚ ଗିରିଶୃଙ୍ଗ ରହିଛି। ଏ ଅଞ୍ଚଳରେ ପୃଥିବୀ ପ୍ରସିଦ୍ଧ (ଗ୍ଲେସିଅର) ବରଫ ସ୍ରୋତ ରହିଛି, ଯଥା ବ୍ୟାଫୋ ଗ୍ଲେସିଅର ଏବଂ ବାଲ୍ଟୋରେ ଗ୍ଲେସିଅର। ପାକିସ୍ତାନରେ ପ୍ରବାହିତ ମୁଖ୍ୟ ନଦୀଗୁଡ଼ିକର ଉଦ୍‌ଗମସ୍ଥଳ ହେଉଛି ଏହି ଗିଲଗିଟ୍‌ର ଗିରିଶୃଙ୍ଗ। ଏହାର ଉପତ୍ୟକା ଅଞ୍ଚଳ ଥଣ୍ଡା ଏବଂ ଶୀତଦିନେ ବରଫାବୃତ ରହେ ମାତ୍ର ପର୍ବତାଞ୍ଚଳ ଗୁଡ଼ିକର ତାପମାତ୍ରା ଅଧିକ। ବାର୍ଷିକ ବୃଷ୍ଟିପାତ ମାତ୍ର ୨୦ମି.ମି.। ଏସବୁ ସତ୍ତ୍ୱେ ଗିଲଗିଟ୍ ଓ ବଲଟିସ୍ଥାନରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛି। ମୁଖ୍ୟତଃ ପାକିସ୍ତାନର ଅନ୍ୟ ପ୍ରଦେଶରୁ ସୁନ୍ନି ମୁସଲମାନମାନଙ୍କର ପ୍ରବେଶ କାରଣରୁ ଏ ଅଞ୍ଚଳର ସାମାଜିକ ସ୍ଥିତି ବଦଳିଛି। ଏ ଅଞ୍ଚଳରେ ଅନେକ ପଥର ଖଣି ରହିଛି। ମୂଲ୍ୟବାନ ମାର୍ବଲ ତଥା ଅନେକ ପ୍ରକାର ରତ୍ନ ପଥର ଏ ଅଞ୍ଚଳରୁ ବହୁ ପରିମାଣରେ ମିଳିଥାଏ। ଅଳ୍ପ କିଛି ସମତଳ ଅଞ୍ଚଳରେ ମକା, ବାଜରା ଓ ଗହମ ଆଦି ଖାଦ୍ୟାନ୍ନ ଉତ୍ପନ୍ନ ହୋଇଥାଏ। ବଲଟିସ୍ଥାନ ଅଞ୍ଚଳ ଅଧିକ ଅନୁର୍ବର ଏବଂ ଲଦାଖ ପରି ଶୁଷ୍କ ମରୁ ଅଞ୍ଚଳ। ଏ ଅଞ୍ଚଳର ଆର୍ଥିକ ସ୍ଥିତି ବହୁତ ଦୁର୍ବଳ। ପଡ଼ୋଶୀ ଅଞ୍ଚଳ ଲଦାଖ ଏବଂ କାରଗିଲବାସିନ୍ଦାମାନଙ୍କ ତୁଳନାରେ ଏ ଅଞ୍ଚଳର ଆର୍ଥିକ ସ୍ଥିତି ଅନେକ ଦୁର୍ବଳ।

ଏ ଅଞ୍ଚଳ ଜବତ କରିବା ପାଇଁ ପାକିସ୍ତାନ ସରକାର ଜାଣି ବୁଝି ସୁନ୍ନି ଆତଙ୍କବାଦୀମାନଙ୍କୁ ପଠାଇ ସ୍ଥାନୀୟ ଲୋକମାନଙ୍କୁ ଆକ୍ରମଣ କରୁଛି। ଅନ୍ୟପକ୍ଷରେ ଏହାର ପ୍ରତିବାଦ ଫଳରେ ଦୁଇଗୋଷ୍ଠୀ ଭିତରେ ଅନେକବାର ହିଂସାକାଣ୍ଡମାନ ଘଟୁଥିବା ଦେଖାଯାଉଛି। ସ୍ଥାନୀୟ ଲୋକମାନେ ପାକିସ୍ତାନ ସରକାରଙ୍କ ବୈମାତୃକ ଭାବ ଦେଖି ମନଦୁଃଖରେ ରହିଛନ୍ତି। ସେମାନେ କହୁଛନ୍ତି, ଗୋରା ଲୋକମାନେ ଗଲେ, ଏବଂ ତାଙ୍କ ବଦଳରେ କଳାଲୋକମାନେ ଆସିଲେ, ମାତ୍ର ଆମର କିଛି ପରିବର୍ତ୍ତନ ହେଲା ନାହିଁ।

ଗିଲଗିଟ୍ ଓ ବଲଟିସ୍ଥାନ ଅଞ୍ଚଳର ଅବସ୍ଥିତି ଭାରତ ପାଇଁ ଗୁରୁତ୍ୱ ବହନ କରେ। ଏହାର ଐତିହାସିକ ପୃଷ୍ଠଭୂମିକୁ ଲକ୍ଷ୍ୟକଲେ ଜଣାଯାଏ ଯେ 'ପିଓକେ' ପରି ଏଇ ଦୁଇ ଅଞ୍ଚଳ କାଶ୍ମୀର ରାଜ୍ୟର ଅଂଶବିଶେଷ ଥିଲା। ଏଣୁ କାଶ୍ମୀର ମିଶ୍ରଣ ସହିତ ଏହି ଦୁଇ ଅଞ୍ଚଳ ଭାରତ ସହିତ ମିଶ୍ରଣ ହୋଇଯିବା ଉଚିତ୍। ଏବେ କାଶ୍ମୀର ସମସ୍ୟା ସମାଧାନ ହେବାପରେ ଭାରତବାସୀ ସ୍ୱଭାବିକ ଭାବେ ଏହି ଦାବୀ କରୁଛନ୍ତି ଯେ ପିଓକେକୁ ଦଖଲ କରି ପୂର୍ଣ୍ଣାଙ୍ଗ କାଶ୍ମୀର ପ୍ରଦେଶ ନିର୍ମାଣ କରାଯାଉ ଏବଂ ଗିଲଗିଟ୍ ଓ ବାଲଟିସ୍ଥାନକୁ କାଶ୍ମୀରର ଅଂଶ ଭାବେ ଭାରତ ସହିତ ମିଶ୍ରଣ କାରଯାଇ ଦେଶର ଆନ୍ତର୍ଜାତିକ ସୀମାକୁ ସୁଦୃଢ଼ କରାଯାଉ।

+୦୨, ଜ୍ୟୋତି ଏନ୍‌କ୍ଲେଭ, ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ,
ଭୁବନେଶ୍ୱର-୭୫୧୦୦୫
ମୋ.-୮୮୯୫୫୨୩୫୬୧

# ପ୍ରତିବର୍ଷ ରଥ ନିର୍ମାଣ କାହିଁକି ?

**ନାରାୟଣ ଚନ୍ଦ୍ର ବିଶ୍ୱାଳ**



ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଶ୍ରୀଗୁଣ୍ଡିଚା ରଥଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜନ୍ମସ୍ଥାନ ପୁରୀରେ କେବଳ ସୀମାବଦ୍ଧ ହୋଇ ରହିନାହିଁ । ଏହା ସମଗ୍ର ଭାରତବର୍ଷ, ଏପରିକି ସାରା ପୃଥିବୀରେ ପ୍ରସିଦ୍ଧି ଲାଭ କରି ଅନ୍ତର୍ଜାତୀୟ ମହୋତ୍ସବରେ ପରିଣତ ହେବାକୁ ବସିଲାଣି। ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ପାଇଁ ତିନିଗୋଟି ରଥ ପ୍ରତିବର୍ଷ ନୂତନ କାଠରେ ନିର୍ମାଣ କରାଯାଇଥାଏ । ଏଥିପାଇଁ ପୁରୀ ନିକଟବର୍ତ୍ତୀ ନୟାଗଡ଼ ଓ ଦଶପଲ୍ଲା ଜଙ୍ଗଲରୁ ନୂତନ କାଠ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସଂଗ୍ରହ କରାଯାଇଥାଏ। ଗତବର୍ଷ ଠିକ୍ ସମୟରେ ଉପଯୁକ୍ତ ମାନର କାଠ ନପହଞ୍ଚିବା ଏବଂ ଆବଶ୍ୟକ କାଠର ଅଭାବ ପରିଲକ୍ଷିତ ହେବା; କାର୍ଯ୍ୟରେ ବିଳମ୍ବ ଘଟିବା ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା। ଏସବୁ ସମସ୍ୟାକୁ ଆଖି ଆଗରେ ରଖି ଆସନ୍ତା ବର୍ଷମାନଙ୍କରେ କାଠର ଅଭାବ ନିଶ୍ଚିତ ବୋଲି ଧରିନେବାକୁ ପଡ଼ିବ। ଦୈବ ଓ ମନୁଷ୍ୟକୃତ ଜଙ୍ଗଲ ଧ୍ୱଂସ, ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଶ୍ରୀଜଗନ୍ନାଥ ବନପ୍ରକଳ୍ପ ବିଶେଷ ଫଳପ୍ରଦ ନହେବା ଇତ୍ୟାଦିରୁ ଭବିଷ୍ୟତର ଚିତ୍ର ସ୍ପଷ୍ଟ ଜଣାପଡୁଛି। ବିଶେଷକରି ଲିମ୍ବବୃକ୍ଷ ବିପୁଳ ଭାବରେ ବୃକ୍ଷରୋପଣ କରିବାକୁ ଆଧାତ୍ମିକ ପରାମର୍ଶ ଦେଇଛନ୍ତି ଏହା ନିଶ୍ଚିନ୍ତ ଭାବରେ ଗ୍ରହଣୀୟ। ପ୍ରଥମତଃ କୌଣସି ସୌଭାଗ୍ୟବାନଙ୍କ ଲିମ୍ବ ଦାରୁ ପାଇଁ ମହାପ୍ରଭୁଙ୍କ କୃପା ପାଇପାରେ ଏବଂ ଦ୍ୱିତୀୟ କଥା ହେଉଛି ଏହା ପରିବେଶରେ ଏକ ସ୍ୱାସ୍ଥ୍ୟକାରୀ ବାତାବରଣର ଭାରସାମ୍ୟ ସୃଷ୍ଟି କରିଥାଏ। ରଥ ନିର୍ମାଣ ପ୍ରସଙ୍ଗରେ ଏହି ଲେଖକ ଭାରତ



ଏପରିକି ଗତ ୬ବର୍ଷ ଭିତରେ ଅସନ, ଫାସି, ଧଉରା ନାମକ ଗଛ ଲାଗିପାରିଲା ନାହିଁ ବୋଲି କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏ ଅଭାବନୀୟ ପରିସ୍ଥିତିକୁ ନେଇ ଏବଂ ରଥଯାତ୍ରା ବ୍ୟାହତ ହେବାକୁ ନଦେଇ ଚଳି ଆସୁଥିବା ପରମ୍ପରାରେ କିଛିଟା ପରିବର୍ତ୍ତନ ଆଣିବାକୁ ଦେଇଥିବା ସୁଚିନ୍ତିତ ମତ ଗ୍ରହଣୀୟ ବୋଲି ମନେକରେ । ତାହାହେଲା ସମ୍ପୂର୍ଣ୍ଣ ନୂତନ କାଠର ରଥ ନିର୍ମାଣ ନକରି ପୁରାତନ ଓ ନୂତନ କାଠର ମିଶ୍ରଣରେ ରଥ ତିଆରି କରିବା । ଚଳିତବର୍ଷ ଦାରୁ ସଂଗ୍ରହ ହୋଇଥିବା ସ୍ଥାନ ମାନଙ୍କୁ ଗତବର୍ଷ ରଥଯାତ୍ରାର ଶ୍ରୀଚକ ପୂଜା ନିମିତ୍ତ ପ୍ରଦାନ କରାଯିବା ସହ କିଛି ଚକ ଓ ରଥର ଅନ୍ୟାନ୍ୟ ଜିନିଷ ପ୍ରଥମଥର ଭାବରେ ଶ୍ରୀମନ୍ଦିର ପ୍ରଶାସନ ବିକ୍ରି କରି କିଛି ରାଜସ୍ୱ ପାଇଥିବାର ଖବର ପ୍ରକାଶ ପାଇଛି। ଏହା ନିଶ୍ଚିନ୍ତ ଭାବରେ ଏକ ଭଲକଥା କିନ୍ତୁ ତିନି ତିନୋଟି ରଥ ପାଇଁ ଯେଉଁ ପରିମାଣର କାଠ ଦରକାର ତାହାର ସୃଷ୍ଟି ପ୍ରତି ଚିନ୍ତା ସବୁଠାରୁ ବଡ଼କଥା। ତେବେ ପ୍ରତି ନବକଳେବର ବେଳକୁ କେବଳ ନୂତନ କାଠରେ ରଥ ନିର୍ମାଣ କରାଯାଇ ନୂତନ ପରମ୍ପରା ସୃଷ୍ଟି କରାଯାଇ ପାରେ । ଏ ବିଷୟରେ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ, ପଣ୍ଡିତ ମଣ୍ଡଳୀ, ସେବାୟତ ବୃନ୍ଦ, ମନ୍ଦିର ପ୍ରଶାସନ ଓ ସର୍ବୋପରି ଗଜପତି ମହାରାଜାଙ୍କ ସହିତ ବିଚାରବିମର୍ଶ କରାଯାଇ ଏବେଠାରୁ ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ ।

> ଏପରିକି ଗତ ୬ବର୍ଷ ଭିତରେ ଅସନ, ଫାସି, ଧଉରା ନାମକ ଗଛ ଲାଗିପାରିଲା ନାହିଁ ବୋଲି କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏ ଅଭାବନୀୟ ପରିସ୍ଥିତିକୁ ନେଇ ଏବଂ ରଥଯାତ୍ରା ବ୍ୟାହତ ହେବାକୁ ନଦେଇ ଚଳି ଆସୁଥିବା ପରମ୍ପରାରେ କିଛିଟା ପରିବର୍ତ୍ତନ ଆଣିବାକୁ ଦେଇଥିବା ସୁଚିନ୍ତିତ ମତ ଗ୍ରହଣୀୟ ବୋଲି ମନେକରେ ।

ଆମ ରାଜ୍ୟରେ ପ୍ରତିବର୍ଷ ବନମହୋତ୍ସବ ପାଳିତ ହେଉଅଛି । ଚଳିତବର୍ଷ ମଧ୍ୟ ରାଜ୍ୟରେ ଗ୍ରାମପଞ୍ଚାୟତ, ସ୍କୁଲ, ପ୍ରତିଷ୍ଠାନ ଓ ସହରାଞ୍ଚଳରେ ଚାରାରୋପଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ । ରଥକାର୍ଯ୍ୟରେ ବ୍ୟବହୃତ ହେଉଥିବା କାଠ ସମୂହ, ଯଥା - ଫାସି, ଧାଉରା, ଅସନ ପ୍ରଭୃତି ଗଛର ଚାରା ଯଦି ବହୁଳ ଭାବରେ ରୋପଣ କରାଯାଆନ୍ତା ତା'ହେଲେ ଭବିଷ୍ୟତରେ କାଠର ଅଭାବ ରୁହନ୍ତା ନାହିଁ । ଏହା ଜଗନ୍ନାଥ ସଂସ୍କୃତିର ପ୍ରସାର ସହ ଆଧାତ୍ମିକ ବାତାବରଣ ସୃଷ୍ଟିରେ ସହାୟକ ହୁଅନ୍ତା । ତେବେ ସବୁଠାରୁ ବଡ଼କଥା ହେଉଛି ଆମପରି ଗୁଣୀଜ୍ଞାନୀ, ଚନ୍ଦ୍ରପୃଷ୍ଠରେ ଜାଗା କିଣି ଘର କରିବାକୁ ଉତ୍କର୍ଷ ପ୍ରଯୁକ୍ତି ଜ୍ଞାନ ରଖିଥିବା ଏହି ମଣିଷମାନେ ଭଲ ଭାବେ ଜାଣିଛନ୍ତି ଶ୍ୱାସପ୍ରଶ୍ୱାସ ଠାରୁ ନିଜ ଖାଦ୍ୟ, ବାସଗୃହ, ବୃତ୍ତି, ପରିପାର୍ଶ୍ୱିକ କ୍ଷେତ୍ର ଠାରୁ ସବୁକ୍ଷେତ୍ରରେ ଗଛର ଅପରିହାର୍ଯ୍ୟ ଭୂମିକା ରହିଛି। କିନ୍ତୁ ଏହାକୁ ଅନ୍ତଃ ମନରେ ଭାବୁଛି କିଏ? ଏବଂ ଏହାକୁ କାର୍ଯ୍ୟରେ ପରିଣତି କରିବା ପାଇଁ ପ୍ରଚେଷ୍ଟା କରୁଛି ବା କିଏ? କିଛି ବେସରକାରୀ ଓ ଆଧାତ୍ମିକ ସଂଗଠନମାନେ ଶ୍ରୀମହାପ୍ରଭୁଙ୍କ ରଥ ପାଇଁ ବୃକ୍ଷରୋପଣ ନିମିତ୍ତ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ଯାହାକି ପ୍ରେରଣାଦାୟକ। ଚଳିତବର୍ଷ ମହାପ୍ରଭୁଙ୍କ ଦାରୁ ଚୟନ ପରେ ଗଜପତି ମହାରାଜ ଓଡ଼ିଶାବାସୀମାନେ ବର୍ଷର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କର ହେଉ ବା ଅନ୍ୟ ଦେବତାଙ୍କ ରଥଯାତ୍ରା ପାଇଁ ପ୍ରତିବର୍ଷ ସେଠାରେ ରଥ ନିର୍ମାଣ ହୋଇନଥାଏ। ପୂର୍ବ ରଥକୁ ସେମାନେ ବ୍ୟବସ୍ଥିତ ଭାବରେ ସୁରକ୍ଷିତ କରି ରଖିଥାନ୍ତି ହୁଏତ ଏହା କିଛି ମରାମତି ଆବଶ୍ୟକ କରିଥାଏ। ଯାହାକି ଏକ ବଡ଼ ସମସ୍ୟା ବା ବ୍ୟୟବହୁଳ ପ୍ରସଙ୍ଗ ନୁହେଁ। ଆମର ଶ୍ରୀମନ୍ଦିରରେ ରଥରେ ବ୍ୟବହୃତ କାଠ ପରବର୍ତ୍ତୀ ସମୟରେ ଏହାର କିଛି ଅଂଶ ସେବାୟତମାନେ ଗ୍ରହଣ କରିଥାନ୍ତି ଏବଂ ଆଉ କିଛି ଶ୍ରୀମନ୍ଦିର ରୋଷଘରର ଜାଳେଣୀ ଭାବରେ ବ୍ୟବହୃତ ହୋଇଥାଏ। ସ୍ୱୟଂ ରଥ ଦେବତୁଲ୍ୟ ହୋଇଥିବାରୁ ଏହାର ଖଣ୍ଡିଏ ଅଂଶ ବାହାର ସ୍ଥାନରେ ଅସମ୍ମାନିତ ହେଲେ ବା ଅପୂଜ୍ୟ ହୋଇପଡ଼ିଲେ ଏହା ଆମ ମାନଙ୍କ ପାଇଁ କଷ୍ଟକର କଥାନୁହେଁ କି ? ଚଳିତବର୍ଷର ଦାରୁ ଚୟନ ଠାରୁ ବ୍ରହ୍ମ ବିଭ୍ରାଟ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜଙ୍କ ମୂଲ୍ୟବାନ ମତାମତ ସହ ମାନ୍ୟବର ହାଇକୋର୍ଟଙ୍କ ରଥଚଢ଼ା ଓ ନବଯୌବନ ଦର୍ଶନ ପାଇଁ ଐତିହାସିକ ରାୟ ପରେ ପ୍ରତିବର୍ଷ ରଥ ନିର୍ମାଣ ପାଇଁ ଏହି ଲେଖକର ପ୍ରତିବେଦନ ସହୃଦୟ ପାଠକଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ମତାମତର ଆଶା ରଖେ।

+ ଧ୍ୱନି, କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ,
(ମୋ) : ୯୪୩୮୨୭୬୭୬୦

# ସଂରକ୍ଷଣରେ ବ୍ୟତିକ୍ରମ ଓ ଉଦାସୀନ ସଂରକ୍ଷିତ ବର୍ଗ



**ଅଧ୍ୟାପକ ଗୋପବନ୍ଧୁ**

ସାମ୍ବିଧାନିକ ବର୍ଗଙ୍କ ସଂରକ୍ଷଣ ଏକ ସାମ୍ବିଧାନିକ ବ୍ୟବସ୍ଥା। ସମ୍ବିଧାନ ପ୍ରଣୟନ ସଭା ବହୁ ତଥ୍ୟଭିତ୍ତିକ ତର୍ଜମା ଓ ଦୀର୍ଘ ଆଲୋଚନା ପରେ ଅନୁସୂଚିତ ଜାତି(ଏସସି) ଓ ଜନଜାତି(ଏସଟି) ପାଇଁ ରାଜନୀତି, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ବିଧାନରେ ସ୍ଥାନିତ କରିଥିଲା। ସେହିପରି ସ୍ୱାଧୀନତା ପରେ ସଂସଦ ଦ୍ୱାରା ନିୟୋଜିତ ମଣ୍ଡଳ କମିଶନଙ୍କ ପ୍ରସ୍ତୁତ ଏବଂ ସଂସଦରେ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନରେ ଅନୁମୋଦିତ ପ୍ରସ୍ତାବ ରାଷ୍ଟ୍ରପତିଙ୍କ ମୋହର ବାଜି ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିଙ୍କ ପାଇଁ ସଂରକ୍ଷଣ ନିୟମରେ ପରିଣତ ହୋଇଛି। ଏସଟି ଓ ଏସସିଙ୍କ ପାଇଁ ତାଙ୍କ ସଂଖ୍ୟା ଅନୁପାତରେ ସଂରକ୍ଷଣ ଦେବାର ବ୍ୟବସ୍ଥା ରହିଛି। ତେଣୁ ଏମାନେ ଅନ୍ୟ କାହାର ଭାଗ ନେଇଯାଉଛନ୍ତି କହିବା ଅମୂଳକ। ସେହିପରି ମଣ୍ଡଳ କମିଶନଙ୍କ ସୁପାରୀଶ ମୁତାବକ ଓବିସିମାନେ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ପାଇବାକୁ ହକଦାର। ଯଦିଓ ୧୯୩୧ ମସିହାର ଜାତିଭିତ୍ତିକ ଜନଗଣନା ଅନୁଯାୟୀ ଦେଶରେ ଓବିସିଙ୍କ ସଂଖ୍ୟା ୫୨% ଓ ଓଡ଼ିଶାରେ ସାମାନ୍ୟ ଅଧିକ ତାହା ୫୪%। ଏବେ ଓଡ଼ିଶାରେ ଯେଉଁ ଏସଇବିସିଙ୍କ ସର୍ଭେ ହୋଇଛି ସେଥିରେ ସଂଖ୍ୟା ଆହୁରି ଅଧିକ ହେବା କଥା, କାରଣ କେନ୍ଦ୍ରର ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ରାଜ୍ୟରେ ଏସଇବିସି ତାଲିକା ପ୍ରସ୍ତୁତ କରାଯାଇଛି। ଓବିସିମାନେ ତାଙ୍କ ସଂଖ୍ୟାଠାରୁ ବହୁତ କମ ସଂରକ୍ଷଣ ସୁବିଧା ପାଉଛନ୍ତି। ୫୨% ଓବିସି/ଏସଇବିସିଙ୍କୁ ୨୭% ସଂରକ୍ଷଣ, ପୁଣି ଚାକିରୀ ଓ ଶିକ୍ଷାରେ। ରାଜନୀତି କ୍ଷେତ୍ରରେ ଏମାନଙ୍କ ସଂରକ୍ଷଣ ନାହିଁ। ଯାହାବି ପଞ୍ଚାୟତ ଓ ପୌର ନିର୍ବାଚନରେ ଥିଲା ତାହାର ଉଚ୍ଛେଦ ହୋଇଛି। ସଂରକ୍ଷଣକୁ ନେଇ ଯେଉଁସବୁ ସାମ୍ବିଧାନିକ ନିୟମ ତିଆରି ହୋଇଛି ସେଗୁଡିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ସାମ୍ବିଧାନିକ ବିଧି। ଉଲଂଘନ ଅର୍ଥ ସମ୍ବିଧାନର ଅବମାନନା।

ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦% ସଂରକ୍ଷଣ ଦିଆଯାଉଛି, ଯଥାକ୍ରମେ ୮% ଓ ୧୨%। ତାଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ୩୮.୭୫% ମିଳିବା କଥା। ଯଦିଓ ତାଙ୍କ ସଂଖ୍ୟା ୨୦୧୧ ମସିହା ଜନଗଣନା ଅନୁଯାୟୀ ପାଖାପାଖି ୪୦% ହୋଇଯାଇଛି। ଏହା ଏବେ ଆହୁରି ଅଧିକ ହେବା ନିଶ୍ଚିତ। ଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ସଂରକ୍ଷଣ ୩୮.୭୫% ପ୍ରଦାନ ପାଇଁ ୨୦୧୪ ମସିହାରେ ବିଜେଡି ସରକାର ଘୋଷଣା କରିଥିଲେ। ଏବାବଦକୁ ପ୍ରକ୍ରୀୟା ମଧ୍ୟ ଆରମ୍ଭ ହୋଇଥିଲା, କିନ୍ତୁ ପ୍ରଶାସନିକ ପେଞ୍ଚରେ ଏହା ଏବେବି ଫାଇଲ ଭିତରେ ବନ୍ଧା ହୋଇ ପଡିରହିଛି। ଏଦିଗରେ ସରକାରତ ନିଷ୍କ୍ରୀୟ, ଏହା ସହିତ ଏସଟି ଓ ଏସସି ଲୋକ ପ୍ରତିନିଧିମାନେ ମଧ୍ୟ ମୌନ। ନିଜ ଲୋକମାନଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଏମାନେ ରାଜନୈତିକ ସଂରକ୍ଷଣ ଉପଭୋଗ କରୁଛନ୍ତି, କିନ୍ତୁ ଦୁଃଖର କଥା ଏଦିଗରେ ତାଙ୍କ କ୍ଷୋଭ ଓ ପ୍ରତିକ୍ରୀୟା ନାହିଁ। ଏମାନେ ସଂରକ୍ଷଣ ହାର କମ୍ ପାଇବା ଦ୍ୱାରା ଗତବର୍ଷ ପ୍ରାୟ ୪୦୦ ଏମବିବିଏସ ଆଡମିଶନ ଆସନ ହରାଇଛନ୍ତି। ବିଗତ ଦଶ ବର୍ଷରେ ପ୍ରାୟ ୨୦୦୦ ରୁ ଅଧିକ ଆସନ ହରାଇଛନ୍ତି। ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନ ସମେତ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ କେତେ ଆସନ ଏଯାଏଁ ହରାଉଛନ୍ତି ତାହାର ହିସାବ ହେବା ଉଚିତ।

ରାଜ୍ୟରେ ଓବିସି/ଏସଇବିସିଙ୍କ ଅବସ୍ଥା ଆହୁରି ସଙ୍ଗୀନ। ଏମାନଙ୍କୁ ଦିଆଯାଉଥିବା ସଂରକ୍ଷଣ ଉପହାସ। ଓଡ଼ିଶାରେ ଏମାନଙ୍କ ସଂଖ୍ୟା ପ୍ରାୟ ଶତକଡା ୫୪ ଭାଗ, କିନ୍ତୁ ସଂରକ୍ଷଣ ସୁବିଧା ମିଳୁଛି କେବଳ ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫%। ଶିକ୍ଷା କ୍ଷେତ୍ରରେ କାହିଁକି ଏ ସୁବିଧା ରାଜକ୍ର ସରକାର ଦେଇନାହାଁନ୍ତି ତାହାର ତର୍ଜମା ହେବା ଉଚିତ୍। ଏହା ଯେ ଆନ୍ତରିକତାର ଅଭାବ ତାହାହିଁ ସୂଚୀତ କରୁଛି। ମଣ୍ଡଳ କମିଶନଙ୍କ ସୁପାରୀଶ ମୁତାବକ ଏମାନେ ଶତକଡା ୨୭% ସଂରକ୍ଷଣ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ପାଇବାକୁ ହକଦାର, ତାହା ଦେବା ପାଇଁ ରାଜ୍ୟ ସରକାର କାହିଁକି ପଦକ୍ଷେପ ନେଉନାହାଁନ୍ତି ତାହା ଅନ୍ୟ ଏକ ନମୁନା ଓବିସିମାନଙ୍କ ପ୍ରତି ଉଦାସୀନ ଭାବର। ରାଜ୍ୟରେ ଚାକିରୀ କ୍ଷେତ୍ରରେ ଏମାନଙ୍କୁ ୨୭% ସଂରକ୍ଷଣ ସୁବିଧା ନଦେଇ ମାତ୍ର ୧୧.୨୫% ସଂରକ୍ଷଣ ଦେବା ଯୋଗୁଁ ବିଗତ ୧୫ ବର୍ଷରେ ଅଦ୍ୟାବଧି ଏମାନେ ପ୍ରାୟ ପାଞ୍ଚ ଲକ୍ଷ ଚାକିରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ସଂରକ୍ଷଣ ୨୦୦୫ରୁ ଲାଗୁ ହୋଇଛି। ଶିକ୍ଷା କ୍ଷେତ୍ରରେ ଏମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିବା ଯୋଗୁଁ ଏମାନେ ଅଦ୍ୟାବଧି ପ୍ରାୟ ଚାରି ହାଜର ଏମବିବିଏସ ଆସନ ହରାଇଛନ୍ତି। ଗତବର୍ଷ ପ୍ରାୟ ୭୦୦ ଆସନ ହରାଇଛନ୍ତି।ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରୀ ତଥା ସାଧାରଣ ଶିକ୍ଷାନୁଷ୍ଠାନରେ କେତେ ଆସନ ଏମାନେ ହରାଇଛନ୍ତି ତାହାର ହିସାବ କରାଯାଇ ପାରେ। ଏହି ବର୍ଗର ଅନେକ ଲୋକ ପ୍ରତିନିଧି ବିଧାନସଭା ଓ ଲୋକସଭା ତଥା ସରକାରରେ ଅଛନ୍ତି, ସେମାନେ ବି ଏଦିଗରେ ନୀରବ।

ଯେତେବେଳେ ସରକାର ନୀରବ, ବିରୋଧି ଦଳ ନୀରବ, ଲୋକ ପ୍ରତିନିଧିମାନେ ନୀରବ ଓ ବୁଦ୍ଧିଜୀବୀ ବର୍ଗ ମଧ୍ୟ ନୀରବ ସେ ସମୟରେ ସାଧାରଣ ଜନତା ଅଧିକାର ଦାବୀରେ ରାସ୍ତାକୁ ଓହ୍ଲାଇବା ସ୍ୱାଭାବିକ। ରାଜ୍ୟରେ ତାହାର ପୂର୍ବାଭାସ ମିଳିବା ଆରମ୍ଭ ହେଲାଣୀ। ବିକ୍ଷିପ୍ତ ଓ ଅସନ୍ତୁଷ୍ଟ ଜନତା କ୍ରମେ ତାଙ୍କ ସ୍ୱରକୁ ଅଧିକ ଶାଣିତ କରୁଛନ୍ତି। ସଙ୍ଗଠିତ ମଧ୍ୟ ହେଉଛନ୍ତି। ଆଗାମୀ ଦିନରେ ଏହା ଏକ ଭୀଷଣ ଆନ୍ଦୋଳନକୁ ଜନ୍ମ ଦେଇପାରେ। ଯାହା ସମ୍ବିଧାନ ଦ୍ୱାରା ସ୍ୱୀକୃତି ଲାଭ କରିଛି, ତାହାର ଉଲ୍ଲଂଘନ ଅର୍ଥ ସମ୍ବିଧାନକୁ ଅବମାନନା। ଏହା ଆଦୌ ସମୀଚୀନ ନୁହେଁ। ଅନ୍ୟ ରାଜ୍ୟମାନେ ସାମ୍ବିଧାନିକ ନୀତିନିୟମ ମଧ୍ୟରେ ସଂରକ୍ଷଣ ସୁବିଧା ପ୍ରଦାନ କରୁଥିବା ବେଳେ, ଓଡ଼ିଶାରେ ଏହାର ବ୍ୟତିକ୍ରମ ସାଧାରଣ ଜନତାଙ୍କ ପାଇଁ ଅସନ୍ତୋଷର କାରଣ। ଜନତା ଜାଗିବା ପୂର୍ବରୁ ଏ ଅସଙ୍ଗତିକୁ ହଟାଇବା ଯୁକ୍ତିସଙ୍ଗତ ହେବ। ସ୍ୱତନ୍ତ୍ର ନିଯୁକ୍ତି ମାଧ୍ୟମରେ ଓବିସିମାନେ ହରାଇଥିବା ଚାକିରିକୁ ପୂରଣ କରିବା ଏବଂ ଶିକ୍ଷା କ୍ଷେତ୍ରରେ ସମସ୍ତ ସଂରକ୍ଷିତ ବର୍ଗ ହରାଇଥିବା ଆସନକୁ ବର୍ଦ୍ଧିତ ହାରରେ ପ୍ରଦାନ କରି କ୍ଷତିକୁ ଭରଣା କରିବାକୁ ଚେଷ୍ଟା କଲେ ହୁଏତ ସାଧାରଣ ଜନତାଙ୍କ ଅସନ୍ତୋଷକୁ ପ୍ରଶମିତ କରାଯାଇ ପାରିବ। ଅନ୍ୟଥା ଏ ବିଷୟ ହିଁ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ।

♥ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ହାଡିଦାସ

## ଡକ୍ଟର ଶ୍ରୀହରି ପଣ୍ଡା



ଭାରତୀୟ ଆଧ୍ୟାତ୍ମିକତାର ପ୍ରତୀକ, ସାରା ଜଗତର ନାଥ ଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ମତବାଦର ଦେବତା ନୁହଁନ୍ତି ବରଂ ସମସ୍ତ ମତବାଦ ତାଙ୍କୁ ନିଜର କରିବାକୁ ଚେଷ୍ଟାକରି ତାହାରି ଭିତରେ ଏକାକାର ହୋଇଛନ୍ତି । ତାଙ୍କ ନିକଟରେ ଧର୍ମଭାବର କୌଣସି ସଂକୀର୍ଣ୍ଣତା ନାହିଁ । ତାଙ୍କର ପ୍ରତିଟି ରାଜନୀତି, ପର୍ବପର୍ବାଣୀ, ପୂଜାପଦ୍ଧତି, ମନ୍ଦିର, ପ୍ରସାଦ ସବୁକିଛି ନିଆରା; ସ୍ୱତନ୍ତ୍ରଭାବେ ବାରି ହୋଇପଡୁଥିବା ଏକ ଦର୍ଶନ । ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଚତୁର୍ଦ୍ଧା ମୂର୍ତ୍ତି ମନକୁ ସ୍ପର୍ଶ କରିବା ମାତ୍ରେ କେତେକଥା,କାହାଣୀ, ବ୍ୟାଖ୍ୟା, ଅଖ୍ୟାନ-ଉପାଖ୍ୟାନ ଓ କିମ୍ବଦନ୍ତୀ ମନକୁ ଛୁଇଁଯାଏ । ପୃଥିବୀର ପ୍ରତ୍ୟେକ ଧର୍ମଗ୍ରନ୍ଥରେ ପରମେଶ୍ୱରଙ୍କ ସମ୍ପର୍କରେ ଭିନ୍ନ ଭିନ୍ନ ତଥ୍ୟ ଓ କିମ୍ବଦନ୍ତୀ ଲିପିବଦ୍ଧ ହୋଇ ରହିଛି । ଏହି କିମ୍ବଦନ୍ତୀ ଗୁଡିକ ସେହି ଧର୍ମ ଓ ସଂସ୍କୃତିକୁ ସମାଜର ସବୁ ସ୍ତରରେ ନିବିଡ ଭାବେ ପରିଚିତ କରାଇବାର ପ୍ରମୁଖ ଭୂମିକା ବହନ କରିଥାଆନ୍ତି । ଲୋକ ବିଶ୍ୱାସରୁ ଓ ଲୋକ ମାନସିକତାରୁ କୀମ୍ବଦନ୍ତୀର ସୃଷ୍ଟି । ଲୋକ ମାନସିକତା ଏଭଳି ଏକ ଶକ୍ତିଶାଳୀ ଉପାଦାନ ଯାହା ସ୍ୱତଃ ଗଢିଦିଏ କାହାଣୀ ଅଲୌକିକ ପ୍ରସଙ୍ଗକୁ ନେଇ ଓ ତାହା ହୋଇଯାଏ କିମ୍ବଦନ୍ତୀ । ବାସ୍ତବ ଦୃଷ୍ଟିରେ ପରମେଶ୍ୱର ଅନନ୍ତ, ଅସୀମ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ । କିନ୍ତୁ ସର୍ବ ସାଧାରଣଙ୍କ ପାଇଁ ତାଙ୍କର ରୂପ, ଗୁଣ ଓ ଆକାରର ପରିକଳ୍ପନା କରାଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ-ସଂସ୍କୃତିକୁ ନେଇ ଲୋକ ମୁଖରେ ପ୍ରଚଳିତ କିମ୍ବଦନ୍ତୀ ଗୁଡିକ ଆମ ସାଂସ୍କୃତିକ ପରମ୍ପରାରେ ଅମୂଲ୍ୟ ରତ୍ନ ରୂପେ ଗୃହୀତ ହୋଇଛି । ଶ୍ରୀଜଗନ୍ନାଥଙ୍କୁ ନେଇ କିମ୍ବଦନ୍ତୀର ଅଭାବ ନାହିଁ । ଶ୍ରୀଜଗନ୍ନାଥ ଭାବର ଠାକୁର ;ଏଣୁ ଯିଏ ତାଙ୍କୁ ଯେମିତି ପାଇବାକୁ ଚାହିଁଛି ସେ ତାଙ୍କୁ ସେମିତି ପାଇଛି । ସେହି ଅମୃତ ଅନୁଭବ ସମସ୍ତଙ୍କ ନିକଟରେ ଅଛି । ସେହିଭଳି ପାଇଥିବା ମହାପ୍ରଭୁଙ୍କର କିଛି ଅନନ୍ୟ ଭକ୍ତ ମଧ୍ୟରୁ ଶ୍ରୀଚୈତନ୍ୟ, ପଞ୍ଚସଖା, ଦାସିଆ ବାଉରୀ, ବଂଧୁ ମହାନ୍ତି, ସାଲବେଗ, ମାଧବେନ୍ଦ୍ର ପୁରୀ, ସନ୍ଥ କବୀର, ଗୁରୁ ନାନକ, ସନ୍ଥ ତୁଳସୀ ଦାସ, ଠାକୁର ଅନୁକୂଳ ଚନ୍ଦ୍ର,ରଘୁ ଅରକ୍ଷିତ, ମହାତ୍ମା ହାଡିଦାସଙ୍କ ପରି କେତେ ମହାନ ଭକ୍ତ ପ୍ରବରମାନେ । ଆତ୍ୟନ୍ତିକ ଭକ୍ତି ବଳରେ ଶ୍ରୀଚୈତନ୍ୟଙ୍କ ହାତ ସ୍ପର୍ଶରେ ଗରୁଡ ସ୍ତମ୍ଭର ଗୋଟିଏ ସ୍ଥାନ ତରଳିଗଲା ଯାହା ଏଯାବତ୍ ପରିଦୃଶ୍ୟମାନ । ସେହିପରି ନାନକ ମନ୍ଦିରକୁ ପ୍ରବେଶ ନକରିପାରି ବାହାରେ ଧ୍ୟାନରତ ହେବାରୁ ଭଗବାନଙ୍କ ଆରତୀ ଥାଳି ନାନକଙ୍କ ସ୍ଥାନକୁ ଚାଲିଯାଇଥିଲା । ଗଜପତି ସେବକମାନଙ୍କୁ ନିଜ ହାତରେ ତ୍ରିମୂର୍ତ୍ତିଙ୍କ ପ୍ରକଟିତ କରାଇଥିଲେ । ଭକ୍ତ କବୀର ସମୁଦ୍ର ଲହରୀକୁ ରୋକିଥିବାର କଥା ଲୋକମୁଖରେ ପ୍ରଚଳିତ । ସେହିପରି ଅନନ୍ୟ ଭକ୍ତ ଜୟଦେବଙ୍କ କାବ୍ୟରେ ସ୍ୱୟଂ ଜଗନ୍ନାଥ ସାକାର ରୂପ ହୋଇ ପଦ ପୂରଣ କରିଥିବାର କଥା ସମସ୍ତଙ୍କୁ ଜ୍ଞାତ । ଦାସିଆ ବାଉରୀ ହେଲା ଆପଣାର, ଆପଣାର ହେଲା ବଂଧୁ ମହାନ୍ତି ; ଜଣେ ଭକ୍ତ ଓ ଜଣେ ବଂଧୁ । କେବେ ଯବନ ହରିଦାସଙ୍କୁ କୋଳେଇ ନେଇଛନ୍ତି ତ କେବେ ସାଲବେଗଙ୍କ ପାଇଁ ବଡଦାଣ୍ଡରେ ରଥ ଅଟକିଯାଇଛି ପୁଣି କେତେବେଳେ ବଳରାମଙ୍କ ବାଲିରଥ ଆରୋହଣ କରିଛନ୍ତି । ନୀଳା କୁମ୍ଭାରୁଣୀ ପାଇଁ ରଥର ମୁହଁ ବୁଲାଇ ଦେଇଛନ୍ତି ତ କେତେବେଳେ ଭକ୍ତ ପାଇଁ ନିଜେ ମାଡ ଖାଇଥାଆନ୍ତି । ଯେଉଁମାନଙ୍କ ଭକ୍ତିରେ ଭଗବାନଙ୍କ ଭକ୍ତବସ୍ଲତାର ପରିଚୟ ବହୁ କିମ୍ବଦନ୍ତୀ ପ୍ରଦାନ କରୁଅଛନ୍ତି । ପଞ୍ଚସଖା ସମୟରେ ଏହିଭଳି ମାଳମାଳ କିମ୍ବଦନ୍ତୀ ମାଦଳା ପାଞ୍ଜି ଓ ଦାର୍ଢ୍ୟତା ଭକ୍ତିରେ ଦେଖିବାକୁ ମିଳେ । ଏହି ସବୁ ସେହି ସରଳ ଭକ୍ତିପ୍ରାଣ ଲୋକମାନସିକତାରୁ ସୃଷ୍ଟି ହୋଇଛି । ସେହିପରି ଜଣେ ଅନନ୍ୟ ସାଧକ ଥିଲେ ହାଡି ଦାସ ।

> ଯାଜପୁରର ଛତିଆ ନିକଟବର୍ତ୍ତୀ ଚମ୍ପାପୁର ଗ୍ରାମରେ ୧୭୭୨/ ୧୭୮୫ ଖ୍ରୀ.ରେ ଚମ୍ପେଇ ଓଝା ଏବଂ ମାତା ଦେବକୀଙ୍କ ଗର୍ଭରୁ କମାର କୁଳରେ ମକର ସଂକ୍ରାନ୍ତି ଦିନ ଭୂମିଷ୍ଠ ହୁଅନ୍ତି ହାଡିଦାସ । ପାଠ ପଢିବାର ସୁଯୋଗ ତାଙ୍କୁ ମିଳି ନଥିଲା, କେବଳ ଅକ୍ଷର ପରିଚୟ ଛଡା । ଈଶ୍ୱରଙ୍କ ଆଶୀର୍ବାଦରୁ ତାଙ୍କ ନିକଟରେ କବିତ୍ୱର ସ୍ଫୁରଣ ହେଲା ।

ଯାଜପୁରର ଛତିଆ ନିକଟବର୍ତ୍ତୀ ଚମ୍ପାପୁର ଗ୍ରାମରେ ୧୭୭୨/ ୧୭୮୫ ଖ୍ରୀ.ରେ ଚମ୍ପେଇ ଓଝା ଏବଂ ମାତା ଦେବକୀଙ୍କ ଗର୍ଭରୁ କମାର କୁଳରେ ମକର ସଂକ୍ରାନ୍ତି ଦିନ ଭୂମିଷ୍ଠ ହୁଅନ୍ତି ହାଡିଦାସ । ପାଠ ପଢିବାର ସୁଯୋଗ ତାଙ୍କୁ ମିଳି ନଥିଲା, କେବଳ ଅକ୍ଷର ପରିଚୟ ଛଡା । ଈଶ୍ୱରଙ୍କ ଆଶୀର୍ବାଦରୁ ତାଙ୍କ ନିକଟରେ କବିତ୍ୱର ସ୍ଫୁରଣ ହେଲା । ସେ ଜୀବିକାର୍ଜନରେ ଅସମର୍ଥ ହେବାରୁ ନିଜର ପୈତୃକ ଗ୍ରାମ ପରିତ୍ୟାଗ କରି ଛତିଆ ଚାଲିଆସନ୍ତି ଏବଂ ସେଠାରେ ପାହାଡ ଉପରେ ଥିବା ବଟବୃକ୍ଷ ମୂଳରେ ସାଧନ ଓ ଭଜନରେ ମଗ୍ନ ରହନ୍ତି । ସେ ମସ୍ତରାମ ନାମକ ଜଣେ ପଶ୍ଚିମା ସାଧୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିଥାନ୍ତି । ତାଙ୍କୁ ଯେତେବେଳେ ୨୧ବର୍ଷ ସେ ଚମ୍ପାପୁରସ୍ଥ ଦାମୋଦର ମହାରଣାଙ୍କ କନ୍ୟା ପଦ୍ମାବତୀକୁ ବିବାହ କରନ୍ତି ଏବଂ ଗୃହୀ ଭାବରେ ଜୀବନ ଅତିବାହିତ କରନ୍ତି । ଉତ୍କଟ ଦାରିଦ୍ର୍ୟ ତାଙ୍କୁ ଖୁବ ଯନ୍ତ୍ରଣା ଦେଉଥିଲେ ମଧ୍ୟ ସାଧନାରେ ବ୍ୟାଘାତ ଘଟାଇ ପାରୁନଥାଏ । ସାଧନାର ସିଦ୍ଧି ସ୍ୱରୂପ ସେ ନିଜ ମାତାଙ୍କୁ ଛତିଆଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇ ପାରିଥିଲେ । ସେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦୀକ୍ଷା ପ୍ରଦାନ ପୂର୍ବକ ଶିଷ୍ୟତ୍ୱ ପ୍ରଦାନ କରୁଥିଲେ । ତାଙ୍କର ଅଲୌକିକ ପ୍ରତିଭାର ସୂଚନା ପାଇ ଦର୍ପଣୀର ତତ୍କାଳୀନ ଯବନ ରାଜା ଗୁଲଜାର ହୋସେନ ବର୍ତ୍ତମାନ ଛତିଆ ବଟ ସ୍ଥାନଟିକୁ ପ୍ରଦାନ କରିଥିଲେ । ସେହିଠାରେ ସେ ସାଧନାରେ ମଗ୍ନ ରହି ବହୁ କାବ୍ୟ କବିତା, ଭଜନ, ଚଉତିଷା, ଜଣାଣ, ମାଳିକା ଲେଖିଯାଇଛନ୍ତି । ସେଥି ମଧ୍ୟରୁ ଓଡିଶାର ପୁରପଲ୍ଲୀରେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଛି ହାଡିଦାସ ମାଳିକା । ତାଙ୍କ କୃତିମାନଙ୍କ ମଧ୍ୟରେଭାବନାବର, ଲକ୍ଷ୍ମୀଧର ବିଳାସ, କ୍ଷେତ୍ରମାହାତ୍ମ୍ୟ, ନୀଳମାଧବ ଗୀତା, ଗୃହସମ, ଶଙ୍ଖନାଭି, ବ୍ୟାସବିକ୍ଷେ ଆଦି ପ୍ରଧାନ । ସେ ସନାତନ ଧର୍ମକୁ ମାନୁଥିବାରୁ ଏବଂ ପଞ୍ଚସଖାଙ୍କ ଜ୍ଞାନମିଶ୍ରା ଭକ୍ତିର ଅନୁଗାମୀ ଥିବାରୁ ତାଙ୍କର ସମସ୍ତ କୃତିରେ ତାର ଝଲକ ମିଳିଥାଏ । ଅଚ୍ୟୁତାନନ୍ଦ ଦାସଙ୍କ ଭଳି ସେ ଭବିଷ୍ୟଦ୍ରଷ୍ଟା ଥିବାରୁ ଏବଂ ଜାତିସ୍ମର ହୋଇଥିବାରୁ ତାଙ୍କୁ ବହୁ ସମାଲୋଚକ ଅଚ୍ୟୁତଙ୍କ ପୁନର୍ଜନ୍ମ ବୋଲି ବିଶ୍ୱାସ କରନ୍ତି ।

ସିଦ୍ଧ ସାଧକ ହାଡିଦାସଙ୍କୁ ନେଇ ବହୁ କଥା ଶ୍ରୁତିଗୋଚର ହୁଏ । ତାଙ୍କର ଅଲୌକିକ କଥା ଓ କାହାଣି ପ୍ରାୟତଃ ପ୍ରତ୍ୟେକଟି ଓଡିଆଙ୍କ ନିକଟରେ ପରିଚିତ । ସେହି ଭଳି କିଛି କାହାଣୀର ଅବତାରଣା ନକଲେ ଆମର ଆଲୋଚନାଟି ସମ୍ପୂର୍ଣ୍ଣ ହେବନାହିଁ । ଏକଦା କୌଣସି କାରଣରୁ ଦର୍ପଣୀ ରଜା ଗୁଲଜାର ଉତ୍ତେଜିତ ହୋଇଥାନ୍ତି । ଠିକ୍ ସେହିଦିନ ହାଡିଦାସ କାହାକୁ କିଛି ନ ପଚାରି ଦରବାର ମଧ୍ୟକୁ ପ୍ରବେଶ ପୂର୍ବକ ରାଜା ଗୁଲଜାରଙ୍କ ସାମ୍ନାରେ ଉପସ୍ଥିତ ହୁଅନ୍ତେ ଭୟଙ୍କର କ୍ରୋଧରେ ରାଜା ତାଙ୍କୁ ପରିଚୟ ପଚାରନ୍ତି । ବିନମ୍ରତାର ସହ ହାଡିଦାସ ନିଜର ପରିଚୟ ଦିଅନ୍ତେ ରାଜା ତାଙ୍କୁ ଟିକସ ନ ଦେବା ଏବଂ ଦୀର୍ଘ ସାତବର୍ଷ ହେଲା ଛତିଆରେ ସସ୍ତ୍ରୀକ ବାସକରି ଜାତି, ଅଜାତି, ଛୁଆଁଛୁଇଁ ନମାନି ସମସ୍ତଙ୍କ ସହିତ ମିଶିବା, ସମସ୍ତଙ୍କ ସହ ଭୋଜନାଦି କରିବା ପ୍ରଶ୍ନ ପଚାରନ୍ତି । କହିବା ବାହୁଲ୍ୟ ଯେ ସେଠାକାର ବ୍ରାହ୍ମଣମାନେ ଏହା ପୂର୍ବରୁ ହାଡିଦାସ ହିନ୍ଦୁଧର୍ମ ବିରୋଧୀ କାର୍ଯ୍ୟ କରୁଥିବାର ଅଭିଯୋଗ ରାଜାଙ୍କୁ କରିଥିଲେ । ତେଣୁ ରାଜା ହାଡିଦାସଙ୍କୁ ବ୍ରାହ୍ମଣ ଗୋସାଇଁମାନେ ସନ୍ଧ୍ୟାରେ ଆସିବା ପର୍ଯ୍ୟନ୍ତ ବାହାରେ ଖରାରେ ପାଣିକୋଡ ମୁଣ୍ଡାଇ ଛିଡାହେବାକୁ ଆଦେଶ ଦେଲେ ।(କ୍ରମଶଃ)

♥ ଗୌଡଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ- ୮୭୫୮୫୦୫୯୭୮

# ସ୍ମୃତି ଶତଦଳ





## ପ୍ରଭୁଙ୍କର ପରିବାର

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍‌, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅନନ୍ତ, ଅବ୍ୟକ୍ତ ଅତୁଳନୀୟ, ଅବର୍ଣ୍ଣନୀୟ କୋଟି କୈବଲ୍ୟନାଥ ଶ୍ରୀ ଶ୍ରୀ ଜଗନ୍ନାଥ ହେଉଛନ୍ତି ନିରାକାର ବ୍ରହ୍ମ କିନ୍ତୁ ସେ ଅଚଳ ଦାରୁବ୍ରହ୍ମ ସଚଳ ଓ ଚଳଚଂଚଳ ହୋଇ ରତ୍ନସିଂହାସନରୁ ସ୍ୱୟଂ ଓହ୍ଲାଇ ଆସନ୍ତି ସ୍ନାନଯାତ୍ରା ଓ ଶ୍ରୀ ଗୁଣ୍ଡିଚା ଯାତ୍ରାରେ । ସାରା ବିଶ୍ୱରେ ସେ ଏମିତି ଏକ ମାତ୍ର ଦେବତା ଯିଏ ଶ୍ରୀବତ୍ସ ଖଣ୍ଡଶାଳର ରତ୍ନସିଂହାସନରେ ଥାନ୍ତି ସ୍ୱଜନ ପରିବୃତ୍ତ ହୋଇ ।

ନୀଳାଦ୍ରୌ ଶଙ୍ଖ ମଧ୍ୟେ ଶତଦଳ
କମଳେ ରତ୍ନସିଂହାସନ ସ୍ଥଂ
ସର୍ବାଲଙ୍କାର ଯୁକ୍ତଂ ନବଘନଂ
ରୁଚିରଂ ସଂଯୁତଂ ଚାଗ୍ରସେନ
ଭଦ୍ରାୟା ବାମଭାଗେ ରଥଚରଣ ଯୁତଂ
ବ୍ରହ୍ମ ରୁଦ୍ରେନ୍ଦ୍ର ବଂଦ୍ୟ ବେଦାନାଂ ସାରମୀଶଂ
ସ୍ୱଜନ ପରିବୃତ୍ତଂ, ବ୍ରହ୍ମଦାରୁଂ ନମାମି ।

ସେମିତି ତାଙ୍କର ସ୍ୱୟଂଲୀଳା ଓ ଶ୍ରୀଗୁଣ୍ଡିଚା ଯାତ୍ରାରେ ମଧ୍ୟ ଅଗ୍ରଜ ବଳଭଦ୍ର, ଅନୁଜା ମା' ସୁଭଦ୍ରା ଓ ଆୟୁଧ ରାଜ ଶ୍ରୀ ଶ୍ରୀ ସୁଦର୍ଶନଙ୍କ ସହ ସାତ ପାହାଚଠାରେ ଟାହିଆ ଲଗାଇ ପହଣ୍ଡିପରେ ପହଣ୍ଡି ପକାଇ ତରତରରେ ବାଇଶି ପାହାଚ ଦେଇ ଓହ୍ଲାଇ ଆସନ୍ତି ବଡଦାଣ୍ଡକୁ । ତାଙ୍କର କ୍ରିବୟା ଶକ୍ତି ଶ୍ରୀ ସୁଦର୍ଶନ କ୍ଷିପ୍ର ପହଣ୍ଡିରେ, ଭଉଣୀ ମା' ସୁଭଦ୍ରା ଶୂନ୍ୟ ପହଣ୍ଡିରେ ଅଗ୍ରଜ ପ୍ରଭୁ ବଳଭଦ୍ର ରୁଦ୍ର ପହଣ୍ଡିରେ ଏବଂ ଶେଷରେ ଗହଳ ଲଗାଇ ଝୁଲା ପହଣ୍ଡିରେ ପହୁଣ୍ଡ ପରେ ପହୁଣ୍ଡ ପକାଇ ଧାଡି ପହଣ୍ଡିରେ ପ୍ରଭୁ ନୀଳାଜଂନ ନିଜେ ଓହ୍ଲାଇ ଆସନ୍ତି ।

'ସ୍ନାନ ଗୁଣ୍ଡିଚା ବେନି ସ୍ୱୟଂ ଲୀଳା ଯା'ର ପତିତ ପାବନ ଅର୍ଥେ ପାସାଦୁଁ ବାହାର' 'ଲୀ' ଅର୍ଥ ଆଲିଙ୍ଗନ କରିବା 'ଳା' ଅର୍ଥ ଗ୍ରହଣ କରିବା । ଯେତେବେଳେ ପରମାତ୍ମା ଜୀବାତ୍ମା ସହ ମିଳିତ ହେବାକୁ ଆସନ୍ତି ସେତେବେଳେ ତାଙ୍କୁ ତର ସହେ ନାହିଁ । ସେ ଆସନ୍ତି ଧାଡି ପହଣ୍ଡିରେ । ପୁଣି ଜୀବାତ୍ମାଠାରୁ ଦୂରେଇ ଗଲେ ସେ ଖୁବ୍ ମନଦୁଃଖରେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ ହୁଅନ୍ତି ।

> ଶ୍ରୀମନ୍ଦିରରେ ଐଶ୍ୱର୍ଯ୍ୟ ଲୀଳାରେ ଥିଲେ ପ୍ରଭୁ କିନ୍ତୁ ଯେତେବେଳେ ସେଠାରୁ ଓହ୍ଲାଇ ଆସି ଗୁଣ୍ଡିଚା ମନ୍ଦିର ଯିବାପାଇଁ ରଥରେ ଆସୀନ ହେଲେ, ରଥର ସନ୍ଧିନୀ ଶକ୍ତ ସହ ସଂଯୁକ୍ତ ହୋଇ ପାଲଟିଗଲେ ଔଦାର୍ଯ୍ୟ ଓ ପାବନୀ ଶକ୍ତିର ଅବତାର । ତାଙ୍କର ଦର୍ଶନ ହିଁ ସମସ୍ତଙ୍କୁ ସାଯୁଜ୍ୟ ମୁକ୍ତି ପ୍ରଦାନ କରେ ।

ପ୍ରଭୁଙ୍କର ପରିବାର ବିଶାଳ କିନ୍ତୁ ଶ୍ରୀମନ୍ଦିରରେ ସେ ଥା'ନ୍ତି ଭାଇ ଭଉଣୀଙ୍କ ସହ । ଯେମିତି ଗୋଟିଏ ସୁନ୍ଦର ମନ୍ତ୍ର ଉଚ୍ଚାରଣ କରି ସାରା ପୃଥିବୀକୁ ସେ ଏଇ ସନ୍ଦେଶ ଦିଅନ୍ତି,

'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପରେ ସ୍ନେହ ଯହିଁ ଥାଏ ନିରଂତର ।'

ପରୋକ୍ଷରେ କହିଥାନ୍ତି ନିଜ ପରିବାରରେ ନିଜ ନିଜ ଭିତରେ ସ୍ନେହ ଓ ଶ୍ରଦ୍ଧା ରହିଲେ ସବୁବେଳେ ସୁଖ ଶାନ୍ତି ବିରାଜମାନ କରିବ । ତେଣୁ ଏକାକୀ ନରହି ନିଜ ପରିବାରକୁ ଭଲ ପାଅ । ମୁଁ ଯେମିତି ଅଗ୍ରଜ ବଳଭଦ୍ରଙ୍କୁ ସମ୍ମାନ ଦେଉଛି, ସେମିତି ଭାଇମାନଙ୍କୁ ଶ୍ରଦ୍ଧା, ସ୍ନେହ ଓ ଭଲପାଇବା ଦିଅ । ସେହିଭଳି ଆମେ ଦୁଇଭାଇ ଯେମିତି ନିଜ ଭଉଣୀକୁ ଅଗ୍ରାଧିକାର ଦେଇ, ଦୁଇଭାଇଙ୍କ ମଝିରେ ସସମ୍ମାନେ ରଖିଛୁଁ, ଠିକ୍ ସେମିତି ସମସ୍ତେ ନିଜ ଭଉଣୀଙ୍କୁ, ଝିଅମାନଙ୍କୁ, ପତ୍ନୀଙ୍କୁ ଏବଂ ମା'ଙ୍କୁ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଦିଅନ୍ତୁ । ତାଙ୍କୁ ସୁରକ୍ଷା ଦିଅନ୍ତୁ । ପ୍ରଭୁ ଶ୍ରୀମନ୍ଦିରରୁ ଏଇ ଶିକ୍ଷା ଜନ ସାଧାରଣଙ୍କୁ ଦେଇଥାନ୍ତି ।

ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ସବୁଠାରୁ ବର୍ଣ୍ଣାଳୀମୟ, ବୈଚିତ୍ର୍ୟମୟ, ବୈଭବମୟ, ମଙ୍ଗଳମୟ ଓ ଲାଳିତ୍ୟମୟ ଯାତ୍ରା । ଏଯାତ୍ରା ମଧ୍ୟ ସର୍ବଶ୍ରେଷ୍ଠ ଯାତ୍ରା । ଠାକୁରଙ୍କ ତିନୋଟି ଯାକ ଦିବ୍ୟରଥ ଯଥା- ନନ୍ଦିଘୋଷ ରଥ ତାଳଧ୍ୱଜ ରଥ ଏବଂ ଦର୍ପଦଳନ ରଥର ବୟାଳିଶ ଚକ ଯେତେବେଳେ ଆନନ୍ଦରେ ଘର୍ଘର ନାଦରେ ବଡଦାଣ୍ଡରେ ଚାଲନ୍ତି, ସେଥିରୁ ଉତ୍ପନ୍ନ ହେଉଥିବା ଆନନ୍ଦମୟ ଧ୍ୱନି ସବୁ ଅମଙ୍ଗଳ ତକ ଦୂର କରିଦିଏ ।

ଶ୍ରୀମନ୍ଦିରରେ ଐଶ୍ୱର୍ଯ୍ୟ ଲୀଳାରେ ଥିଲେ ପ୍ରଭୁ କିନ୍ତୁ ଯେତେବେଳେ ସେଠାରୁ ଓହ୍ଲାଇ ଆସି ଗୁଣ୍ଡିଚା ମନ୍ଦିର ଯିବାପାଇଁ ରଥରେ ଆସୀନ ହେଲେ, ରଥର ସନ୍ଧିନୀ ଶକ୍ତ ସହ ସଂଯୁକ୍ତ ହୋଇ ପାଲଟିଗଲେ ଔଦାର୍ଯ୍ୟ ଓ ପାବନୀ ଶକ୍ତିର ଅବତାର । ତାଙ୍କର ଦର୍ଶନ ହିଁ ସମସ୍ତଙ୍କୁ ସାଯୁଜ୍ୟ ମୁକ୍ତି ପ୍ରଦାନ କରେ । ରତ୍ନ ସିଂହାସନରେ ସେ ସନ୍ଧିନୀ ଶକ୍ତି ଯୁକ୍ତା କାଞ୍ଚନବର୍ଣ୍ଣା ସତ୍ ସ୍ୱରୂପିଣୀ ମା' ଶ୍ରୀ ଦେବୀ ଓ ସମ୍ବନ୍ଧିନୀ ଶକ୍ତି ଯୁକ୍ତା ଶ୍ୱେତବର୍ଣ୍ଣା ଚିତ୍ ସ୍ୱରୂପିଣୀ ମା' ଭୂଦେବୀଙ୍କ ସହ ସଂଯୁକ୍ତା ଥାଆନ୍ତି । କିନ୍ତୁ ଗୁଣ୍ଡିଚା ମନ୍ଦିରରେ ସେ ମିଳିତ ହୁଅନ୍ତି ଆହ୍ଲାଦିନୀ ଶକ୍ତି ଯୁକ୍ତା ମା' ରାଧାଙ୍କ ସହିତ । ଗୁଣ୍ଡିଚା ମନ୍ଦିର ପାଲଟିଯାଏ ବୃନ୍ଦାବନ । ଷଷ୍ଠୀ ଦିନଠାରୁ ସଂଧ୍ୟା ସମୟରେ ମଦନମୋହନ ରାସମଣ୍ଡପକୁ ବିଜେ ହୁଅନ୍ତି ଏବଂ ସଂଯୁକ୍ତ ହୁଅନ୍ତି ରାଧା ଓ ଗୋପୀ ମାନଙ୍କ ସହିତ । ସେ ନିଜେ ରାଧା ଓ କୃଷ୍ଣଙ୍କର ମିଳିତ ବିଗ୍ରହ । ତେଣୁ ନବମୀ ସନ୍ଧ୍ୟାଯାଏ ସେଠି ରାସଲୀଳା ହୋଇଥାଏ । ଯାହା ପ୍ରଭୁଙ୍କର 'ମାଧୁର୍ଯ୍ୟ ଲୀଳା ।' ନବମୀ ସନ୍ଧ୍ୟା ଦର୍ଶନ ପରେ ଆଷାଢ ଶୁକ୍ଳ ଦଶମୀ ଦିନ ଗୁଣ୍ଡିଚା ମଣ୍ଡପରୁ ତାଙ୍କର ବାହୁଡା ଯାତ୍ରା ଆରମ୍ଭ ହୋଇଥାଏ । (କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୨୭)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୮)

ମାଆ ଏବେ ବହୁତ ଥକି ପଡିଲାଣି, କଥାବାର୍ତ୍ତା ଭିତରେ ଏକଥା ଥରେ କହିଥିଲେ ମାମୁଁ । ମାମୁଁ ଏକଥା ବି କହିଥିଲେ ଯେ ମାଆର ଓଜନ କମିବାରେ ଲାଗିଛି । ମୁଁ ମୋର ପତ୍ନୀକୁ କହିଲି, "ତୋର ତ ଏବେ ଛୁଟି ଅଛି । ତୁ ଯାଇ ମାଆକୁ କିଛି ଦିନପାଇଁ ଏଠିକି ନେଇ ଆ' ।"

ସିଏ ମାଆକୁ ଆଣିବାକୁ ଗଲା । ହେଲେ ମାଆ ଆସିବାକୁ ରାଜି ହେଲାନାହିଁ । ମୋ ସ୍ତ୍ରୀ ତାକୁ ବହୁତ ଅନୁରୋଧ କଲା । ହେଲେ ସିଏ ଯେମିତି ଠିକ୍ କରି ନେଇଥିଲା ଯେ ସିଏ କାହାରି କଥା ଶୁଣିବନି । ଶେଷରେ ଯେତେବେଳେ ସିଏ କହିଲା ଯେ ତୁମର ନାତିମାନେ ତୁମକୁ ଖୁବ୍ ମନେ ପକାଉଛନ୍ତି, ସେତେବେଳେ ଯାଇ ସିଏ ଆସିବାକୁ ରାଜି ହେଲା । କୋହ୍ଲାପୁରରୁ ବାହାରି ନାସିକ୍‌ରେ ଆସି ପହଞ୍ଚି ଗଲା ମାଆ । ଘରେ ପହଞ୍ଚିଲା ପରେ ସିଏ ମୋର ହାତକୁ ନିଜର ଦୁଇ ହାତର ପାପୁଲି ମଧ୍ୟରେ ଚାପି ଧରି କହିଲା "କେମିତି ଅଛୁରେ ତୁ ? ଏକଦମ୍ ଦୁର୍ବଳ ହୋଇଯାଇଛୁ ।" ଏତିକି କହିସାରି ସିଏ ନିଜର ଦୁଇ ନାତିଙ୍କୁ ଛାତିରେ ଜାବୁଡ଼ି ଧରିଲା । ଆଉ ସେମାନଙ୍କର ମୁଣ୍ଡକୁ ଆଉଁସିବାକୁ ଲାଗିଲା ।

ଆମେ ସବୁ ମାଆକୁ କହୁଥିଲୁ ଯେ, ଏଠାରେ ସବୁ କିଛି ଠିକ୍‌ଠାକ୍ ଚାଲିଛି । ଏସବୁ ଶୁଣି ତାର ଚେହେରା ଖୁସିରେ ଉଜ୍ଜ୍ୱଳି ଉଠୁଥିଲା । ମାଆ ଛୋଟିଆ ବଗିଚା ଉପରେ ବି ଦୃଷ୍ଟି ବୁଲେଇ ଆଣିଲା । କଣ କଣ ନୂଆ ଗଛ ସବୁ ଲାଗିଛି । ସେ କଥା ବି ପଚାରି ବୁଝିଲା । 'ଆତ, ଲିଚୁ ଆଉ ସେଓ ଗଛ କାହିଁକି କାଟି ଦେଲୁ ? ମାଆ ପଗୁଥିଲା । ଆମେ ଖୁବ୍ ଉତ୍ସାହରେ ନିଜ ନିଜ ବିଷୟରେ କହୁଥିଲୁ । ହେଲେ ତା'ର ଦେହ କେମିତି ଅଛି, ସେ କଥା ପରିବାକୁ ଆମେ ଭୁଲି ଯାଇଥିଲୁ । ଶେଷରେ ମୁଁ ପଚାରିଲି ତାକୁ "ମାଆ ତୁ କେମିତି ଅଛୁ ?"

ସିଏ କହିଲା, "କେମିତି ଅଛି କଣ ? ଏବେ ଗୋଟେ ଜୀବନ୍ତ ଲାସ ହୋଇ ବଞ୍ଚି ରହିଚି ଯାହା । ଦେଖିବୁ ମୁଁ ଆଉ ବେଶୀ ଦିନ ବଞ୍ଚିବିନାହିଁ । ଖାଇବାର ଇଚ୍ଛା ଯେମିତି ପୁରା ଶେଷ ହୋଇଯାଇଛି । ରାତିସାରା ଶ୍ୱାସ ରୋଗଟା ହଇରାଣ କରୁଛି । କୌଣସି କାମରେ ମନ ଲାଗୁନି ।

ଟିକେ ସମୟ ପରେ ଡାକ୍ତର ସଂଜୟ ଯାଦବ ଘରେ ଆସି ପହଞ୍ଚିଲେ । ସିଏ ମାଆ ସହିତ ବହୁତ ଗପସପ କଲେ । କଥାବାର୍ତ୍ତା ହେଉ ହେଉ ତାର ଦେହ କଥା ବି ପଚାରି ବୁଝିଲେ । "ମାଆ ଏବେ ତୁମକୁ ତୁମର ଦେହ କଥା ଚିନ୍ତା କରିବାକୁ ପଡ଼ିବ । ଭଲ ଚିକିତ୍ସା ବି କରେଇବାକୁ ହେବ । କିଛି ଭୟ କରିବାର ନାହିଁ । ମୁଁ ଆପଣଙ୍କ ଦେହ ପୁରାପୁରି ଭଲ କରିଦେବି ।"

ଏକଥା ଶୁଣି ମାଆ କହିବାକୁ ଲାଗିଲା, 'ଏବେ କାହିଁକି ଏଇ ଲାସ୍ ଉପରେ ତୁମୋନେ ପଇସା ଖର୍ଚ୍ଚ କରୁଛ ? ଏବେ ଆଉ ମୋତେ କେତେଦିନ ବା ବଞ୍ଚିବାର ଅଛି ? ଯେତେ ପଇସା ଖର୍ଚ୍ଚ କଲେ ବି ଏଇ ଲାସ୍ ଆଉ ସୁସ୍ଥ ହୋଇ ଉଠିବନାହିଁ ।"

ଡାକ୍ତର ଯାଦବ: ଆମେ ଆପଣଙ୍କର ଭଲ ଚିକିତ୍ସା କରେଇବୁ । ଆପଣ ଜମାରୁ ସେ ବିଷୟରେ ଚିନ୍ତା କରନ୍ତୁ ନାହିଁ ।

ଦ୍ୱି'ପ୍ରହର ସମୟରେ ମୁଁ, ମାଆ, ମୋର ପତ୍ନୀ ଓ ଡାକ୍ତର ଯାଦବ ମିଶି ଡାକ୍ତର ଏନ.ଏଚ. ପାଓ୍ୱଇକରଙ୍କ ଡାକ୍ତରଖାନାକୁ ଗଲୁ । ସିଏ ମାଆର ଦେହ ପରୀକ୍ଷା କଲେ । ଛାତିର ଏକ୍ସରେ କଲେ । କିଛି ଔଷଧ ଲେଖି ଦେଲେ । କାଲି ରକ୍ତ ପରୀକ୍ଷା କରେଇ ନେବାକୁ ବି କହିଲେ । ଆମେ ସବୁ ଘରକୁ ଫେରିଲୁ । ରାତିରେ ମାଆ ମୋର ପତ୍ନୀକୁ କହିଲା "ଏବେ ତୁ ଶିଘ୍ର ନେଇ ମୋତେ ଗାଁରେ ଛାଡ଼ି ଦେଇଆସିବୁ । ତୋର ସ୍ୱାମୀ ଏମିତି ଦିନ ଗଡ଼େଇବାର ବିଭିନ୍ନ ବାହାନା ବାହାର କରିବ । ଆଜି ଏଇ ଡ଼ାକ୍ତରଖାନା ତ କାଲି ସେଇ ଡାକ୍ତରଖାନା ନେଇକି ଯିବ ମୋତେ । ତାର ଦେହ ବି କେଉଁ ଠିକ୍ ରହୁଛି ଯେ ? ଆଉ ତୁ ତ ଚାକିରିଆ ବୋହୂ । ମୁଁ ତୋର ଗୋଡ଼ ଧରୁଛି, ମୋତେ ନେଇ ଗାଁରେ ଛାଡ଼ି ଦେଇ ଆସ । ପରଦିନ ରକ୍ତପରୀକ୍ଷା ପାଇଁ ରକ୍ତର ସାମ୍ପଲ ନେବାକୁ ପାଥୋଲୋଜିବାଲା ଘରକୁ ଆସିଲା । ରକ୍ତ ନେଲାବେଳେ ମାଆ ତାକୁ କହିଲା, "ଆରେ ବାପା... ଆଉ ଶାମୁକାରେ ଶାମୁକାଏ ରକ୍ତ ଅଛି ଏଇ ଶିରାମାନଙ୍କରେ, ଲାଗୁଛି ସେତିକି ବି ତୁ ନେଇ ଯିବୁ । ଆଉ ମୋର ଏଇ ପୁଅର ଟିକେ ହେଲେ ବୁଦ୍ଧିବୁଦ୍ଧି ନାହିଁ । ତା' କଥା କାହିଁ ଶୁଣୁଛୁ ? କାହିଁ ମୋ ଦେହରେ ଛୁଞ୍ଚି ଫୁଟଉଛୁ ?"

ସନ୍ଧ୍ୟାବେଳେ ରକ୍ତପରୀକ୍ଷାର ରିପୋର୍ଟ ବାହାରିଲା । ସିଏ ଡାକ୍ତର ଯାଦବଙ୍କ ନିକଟକୁ ରିପୋର୍ଟ ପଠାଇଦେଲେ । ମୁଁ ତାଙ୍କୁ ପଚାରିଲି 'କଣ ଅଛି ଏଇ ରିପୋର୍ଟରେ ?"

ଡାକ୍ତର ଯାଦବ କହିଲେ, "ସବୁ କିଛି ଠିକ୍ ଅଛି । ଆମେମାନେ ରାତିରେ ଏ ବିଷୟରେ କଥା ହେବା ।"

ଏଇ ଡାକ୍ତର ଯାଦବଙ୍କୁ ମୁଁ ସଂଜୟ କୁମାର ବୋଲି କୁହେ । ସିଏ ଗୋଟେ ବାର୍ଷିକ ବା ବର୍ଷକୁ ଥରେ ଭାଡିଆ ପାଉଥିବା ଲୋକର ପୁଅ । ଏକ ଦୀର୍ଘ ସଂଘର୍ଷମୟ ପଥ ଅତିକ୍ରମ କରି ସିଏ ଅସ୍ଥିରୋଗ ବିଶେଷଜ୍ଞ ହୋଇ ପାରିଥିଲା । ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ପାଇ ସିଏ ନିଜର ଡାକ୍ତରଖାନା ଖୋଲିଥିଲା । ସିଏ ଡାକ୍ତର କମ୍ -ଅଧିକ ସମାଜସେବୀ ଥିଲା । ଗରିବମାନଙ୍କର ଡାକ୍ତର, ଭାବରେ ଖୁବ୍ କମ୍ ସମୟ ମଧ୍ୟରେ ସିଏ ଖୁବ୍ ଖ୍ୟାତି ଅର୍ଜନ କରିଥିଲା । ରାତିରେ ସିଏ ଆସି ପହଞ୍ଚିଲା । ଆମେମାନେ ବଗିରେ ବସିଥିଲୁ । ଜଳଖିଆ ପର୍ବ ସରିଲା ପରେ ସିଏ ଗମ୍ଭୀର ଭାବରେ କହିବାକୁ ଲାଗିଲା, "ସାର୍ କଥା କଣ କି, ମାମଲା ଖୁବ୍ ଗମ୍ଭୀର ଆଉ ନୁହେଁ ବି । କାରଣ ଆଜିକାଲି ବିଜ୍ଞାନ ଏତେ ଅଗ୍ରଗତି କରିସାରିଲାଣି ଯେ ତୁରନ୍ତ ଚିକିତ୍ସା ଆରମ୍ଭ କରି ଦେଲେ ସବୁ କିଛି ଠିକ୍ ହୋଇଯିବ ।"

ସଂଜୟ କୁମାର ଗୋଲକଧନ୍ଦା ପରି ଭାଷା କହୁଥିଲା । ତାର ସ୍ୱର ଧୀରେ ଧୀରେ ଗମ୍ଭୀର ହୋଇଯାଉଥିଲା । ମୁଁ ତାର ମାନସିକ ପକ୍ଷ କମ୍ କରିବାକୁ ଚେଷ୍ଟା କରୁଥିଲି । ହେଲେ ତାକୁ ଏପରି ଗମ୍ଭୀର ହୋଇଯାଉଥିବାର ଦେଖି ମୁଁ ବି ଚାପଗ୍ରସ୍ତ ହୋଇ ଯାଇଥିଲି । ବେଶୀ ଚାପଗ୍ରସ୍ତ ହୋଇଗଲେ ମୋତେ ଲାଗୁଥିଲା ଯେମିତି ମୋର ସୁଗାର ଲେଭେଲ୍ କମି ଯାଉଛି । ଅଧିକ ସମୟ ଯାଏଁ ମାନସିକ ଚାପକୁ ବରଦାସ୍ତ କରିପାରୁ ନଥିଲି । ନିଜକୁ ଚାପମୁକ୍ତ କରିବା ପାଇଁ ଏବେ ମୁଁ ହାଲ୍‌କାଫୁଲକା କଥା କହିବା ପାଇଁ ଚେଷ୍ଟା କରୁଥିଲି । ଦୁଃଖଭରା ପ୍ରସଙ୍ଗଟିଏ ଥିଲେ ବି ସେଥିରୁ କାଣିଏ ହସର ଖୋରାକ ଖୋଜିବାକୁ ମୁଁ ଭରପୂର ପ୍ରୟାସ କରୁଥିଲି । ଏବେ ଏହା ମୋର ଅଭ୍ୟାସରେ ପଡ଼ି ଯାଇଥିଲା । ଯଦିଓ ଏ ସବୁ ଥିଲା କୃତ୍ରିମ ଓ ଯୋଜନାବଦ୍ଧ...

ସଂଜୟ କୁମାରକୁ ମୁଁ ହିଁ କିଛିଟା ଚାପମୁକ୍ତ କଲି । ସିଏ କହିଲା ସମସ୍ୟାଟା ଅନ୍ୟ ରକମର, ଆଉ ତାଙ୍କୁ ଅର୍ଥାତ୍ କାମ୍ବଲେ ମ୍ୟାଡ଼ମ୍ ଅର୍ଥାତ୍ ଭାଉଜଙ୍କୁ ଯଦି ଏ କଥା ଜଣାପଡ଼ିଗଲା ତେବେ ?"

ମୁଁ : କ'ଣ ଜଣାପଡ଼ିଗଲା ?

ସଂଜୟ କୁମାର : ଏଇଆ ଯେ ମାଆକୁ ଟିବି ହୋଇଛି ।

ମୁଁ : ଓଃ !... ଟିବି।

ମୋତେ ଗୋଟେ ବଡ଼ ଧକ୍କା ଲାଗିଥିଲା । ମୋ ମାଆକୁ ଏଇ ରୋଗ ହେବା ଉଚିତ୍ ନୁହେଁ । ଏମିତି କଣ ଅପରାଧ କରିଦେଇଛି ସିଏ ? ତାକୁ କଣ ଜୀବନରେ କେବେ ହେଲେ ସୁଖ ମିଳିବନି ?

ଏବେ କ'ଣ କହିବି... ମୁଁ କିଛି ବୁଝି ପାରୁନଥିଲି । ଅତି ବ୍ୟାକୁଳ ହୋଇ ଉଠି ମୁଁ ପଚାରିଦେଲି । ସଂଜୟ କୁମାର ... ସତକୁ ସତ କଣ ମାଆକୁ ଟିବି ହେଇଛି ?

ସଂଜୟ କୁମାର : ହଁ... ହେଲେ ଏଥିରେ ଚିନ୍ତା କରିବାର କିଛି ନାହିଁ । ହେଲେ ଭାଉଜଙ୍କୁ ଜଣାପଡ଼ିଗଲେ କଣ ହେବ ?

ମୁଁ: କଣ କରିବ ସିଏ ?

ସଂଜୟ କୁମାର : କିଛି କରିବେନି । ହେଲେ ଏଇ ରୋଗକୁ ନେଇ ସମାଜରେ ଅନେକ କୁସଂସ୍କାର ଆଉ ଅପବାଦ ସବୁ ରହିଛି ।

ମୁଁ : କଣ ସବୁ ?

ସଂଜୟ କୁମାର : ଯେ ଟିବି ଏ କ ସଂକ୍ରାମକ ରୋଗ । ଶାଶୁମାଆଙ୍କ ଯୋଗୁଁ ପିଲାମାନଙ୍କୁ ବି ଟିବି ରୋଗ ହୋଇଯିବ, ସ୍ୱାମୀଙ୍କୁ ବି ହେବ, ଭାଉଜ ଏମିତି ଭାବି ପାରନ୍ତି । ସତକଥା କହିବି ...ଏବେ ଟିବି ରୋଗ ଉପରେ କାବୁ ପାଇବା ପାଇଁ ଖୁବ୍ ପ୍ରଭାବଶାଳୀ ଔଷଧ ସବୁ ଉପଲବ୍ଧ ହେଲାଣି । ସେଇ ଔଷଧ ଖାଇଲେ ତିନି-ପାଞ୍ଚ ମାସ ମଧ୍ୟରେ ରୋଗ ପୁରାପୁରି ଭଲ ହୋଇଯିବ । ସାର୍, ଆମେ ଆଜିଠାରୁ ହିଁ ଏଇ ଔଷଧ ଆରମ୍ଭ କରିବାକୁ ସ୍ଥିର କରିଛୁ । ଆମେମାନେ ମାଆଙ୍କୁ ଏ ବିଷୟରେ କିଛି କହିବାନାହିଁ । ମ୍ୟାଡ଼ମ୍‌ଙ୍କୁ ବି ନୁହେଁ । ମାଆଙ୍କୁ ଏଇଠି ଆପଣଙ୍କ ପାଖରେ ରହି ଟ୍ରିଟ୍‌ମେଣ୍ଟ୍ ହେବାକୁ ପଡ଼ିବ । ଆଉ ଯଦି ସିଏ ଗାଁକୁ ଯିବା ପାଇଁ ବେଶୀ ଜିଦ୍ କରନ୍ତି ତେବେ ସବୁ ଔଷଧ ତାଙ୍କ ସହିତ ପଠେଇବାକୁ ପଡ଼ିବ । ପ୍ରଶ୍ନ ଏବେ ଭାଉଜଙ୍କର ? ଯଦି ତାଙ୍କୁ ଏ ବିଷୟରେ ଜଣାପଡ଼ିଗଲା ତେବେ ସିଏ କିପରି ରିଆକ୍ଟ କରିବେ ?

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଓ୍ୱାଡସି ନିଗମ କର୍ତ୍ତୃପକ୍ଷଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା



ବାରିପଦା , ୨୪/୦୬ (ନି.ପ୍ର): ଆଜି ମୟୂରଭଞ୍ଜ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓ୍ୱାଡସିର ଓଭର ସାଇଟ କତୃପକ୍ଷ ଜଷ୍ଟିସ ଏ. କେ ପଟ୍ଟନାୟକଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଭିନିତ ଭରଦ୍ୱାଜ ଓ୍ୱାଡସି ଉନ୍ନୟନ ନିଗମଙ୍କ ଅଧୀନରେ ଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଅଗ୍ରଗତି ଏବଂ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପ ମଧ୍ୟରେ ବିଶେଷ କରି ମେଗା ପାନୀୟଜଳ ଯୋଗାଣ, ଜିଲ୍ଲାର ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଦୁର୍ଗମ ଅଞ୍ଚଳର ଗମନାଗମନ, ବିଦ୍ୟୁତ୍ ଯୋଗାଣ ଏବଂ ଜୀବନ ଜୀବିକା ଆଦି ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଜିଲ୍ଲାର ସମସ୍ତ ଅପହଞ୍ଚ ଅଞ୍ଚଳରେ ଆମ୍ବୁଲାନ୍ସ ସେବା ମୁଖ୍ୟତଃ ବାଇକ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା, ୫ଞ ରେ ଅନ୍ତର୍ଭୁକ୍ତ ସମସ୍ତ ବିଦ୍ୟାଳୟର ସାମଗ୍ରିକ ବିକାଶ ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ. ଏତଦବ୍ୟତୀତ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଦୁର୍ଗମ ଅଞ୍ଚଳକୁ ଟେଲିଫୋନ ସେବା ଯୋଗାଇ ଦେବା ପାଇଁ ସମସ୍ତ ପ୍ରକଳ୍ପ ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ଜଷ୍ଟିସ ଶ୍ରୀ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ସଦସ୍ୟ ମାନେ ବିଭିନ୍ନ ପ୍ରକଳ୍ପର ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଅସମ୍ପୂର୍ଣ୍ଣ କାର୍ଯ୍ୟର ଅଗ୍ରଗତି ନିମନ୍ତେ ଆଗାମୀ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ. ଏହି ବୈଠକ ପୂର୍ବରୁ ମାନନୀୟ ଜଷ୍ଟିସ ଶ୍ରୀ ପଟ୍ଟନାୟକ ବାରିପଦା ମ୍ୟୁନିସିପାଲଟି ଅନ୍ତର୍ଗତ ୱାର୍ଡ ୨୪ରେ ଥିବା ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ ଆଣ୍ଡ ମିନି ଟୁଲ ରୁମ୍, ଟିଟିଆଇ ପରିଭ୍ରମଣ ରେ ଯାଇ, ସେଠାକାର ସ୍ଥିତି ସମିକ୍ଷା କରିଥିଲେ । ଏହା ସହିତ ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ୨୫ରେ ଥିବା ୨୪ ଘଣ୍ଟିଆ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି ବିଷୟରେ ଅନୁଧ୍ୟାନ କରିଥିଲେ । ଆଜିର ସମୀକ୍ଷା ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ଓ୍ୱାଡସି ର ଅଧିକାରୀ ଶ୍ରୀ ନଇମୁଦିନ, ଶ୍ରୀ ଦିପାୟନ୍ ପଟ୍ଟନାୟକ, ଶ୍ରୀ ଜି. ରଘୁ, ଶ୍ରୀ ସୁଧାକର ବୁର୍ଗି, ଶ୍ରୀ ଜୟନ୍ତ କୁମାର ଦାସ, ଶ୍ରୀ ଅମ୍ବୁଜ ପ୍ରସାଦ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ର କାର ପ୍ରମୁଖ ଯୋଗ ଦେଇଥବା ବେଳେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ର ଅଧିକାରୀ ମାନେ ସଭାରେ ଉପସ୍ଥିତ ରହି ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ନେହେରୁ ଯୁବ କେନ୍ଦ୍ର, ଭଦ୍ରକ ତରଫରୁ ସଫେଇ ସଚେତନତା ଅଭିଯାନ

ବାସୁଦେବପୁର, ୨୪/୦୬ (ନି.ପ୍ର): 'ଜାଗରଣ' ଅନୁଷ୍ଠାନ ଖାଣ୍ଟଖୁଆଡ ଓ ନେହେରୁ ଯୁବ କେନ୍ଦ୍ର, ଭଦ୍ରକ ଦ୍ୱାରା ଏଡାତଳ ଗ୍ରାମ ସନି ମନ୍ଦିର ପ୍ରାଙ୍ଗଣ ରେ ଏକ ସଚେତନତା ଧର୍ମ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ରେ ଗ୍ରାମର ଯୁବକ ମାନେ ଏଡଟାଲ ସନି ପୋଖରୀ ଦଳ ସଫା କରି ସମାଜ କୁ ଏକ ଦୃଢ଼ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ଜାଗରଣ ଅନୁଷ୍ଠାନ ର ସଭାପତି ସୁଶାନ୍ତ କୁମାର ଦାସ, ଯୁବ ଆଇକନି ଯିବି ଉତ୍କଳ କେଶରୀ ନାୟକ, ସମାଜ ସେବୀ ଅଶୋକ କୁମାର ସାହୁ ଓ ଦୁଷ୍ମନ୍ତ କୁମାର ମଲ୍ଲିକ ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ସଫେଇ କାର୍ଯ୍ୟକ୍ରମ ରେ ବିଜୟ, ରାମାନନ୍ଦ, ଜ୍ୟୋତିପ୍ରକାଶ, ଅଭିନସ, ହେମନ୍ତ, ବିନୋଦ, ଭକ୍ତାହରି, ହୃଷୀକେଶ, ରୀଙ୍କୁନ ଓ ଅନ୍ୟମାନେ ସାହାଯ୍ୟ କରିଥିଲେ।

## କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ୨୦୨୩ ଯୁବ ପ୍ରତିଭା ପୁରସ୍କାରରୁ ବଂଚିତ ହେଲା ଓଡ଼ିଆ ଭାଷା ଓ ସାହିତ୍ୟ

### ଏହା ଆମ ଭାଷା ଓ ସାହିତ୍ୟ ପ୍ରତି ଅସମ୍ମାନ ନୁହେଁକି ?: ଡ. ରାଧାରଂଜନ

ବାଲେଶ୍ୱର, ୨୪/୦୬ (ନି.ପ୍ର): ସାହିତ୍ୟ ଜଗତରେ ଘଡିକେ ଘୋଡା ଛୁଟୁଛି । ପୁରସ୍କାର ପାଇଁ ଲବି ଆଉ ଛବିର ଖେଳ ଚାଲିଛି, ଫଳରେ କିଛି ଖଳ ପ୍ରକୃତିର ମଣିଷ ଧସେଇ ପଶୁଛନ୍ତି । ସେମାନଙ୍କର ଚେର ବର ଗଛ ଓହଳ ପରି ମାଟି କାମୁଡି ଧରିଛି। ଫଳରେ ନୂଆ ଲେଖୁଥିବା ଏବଂ ନିଜ କୀର୍ତ୍ତିର କୀର୍ତ୍ତନ କରିନଥିବା ସାରସ୍ୱତ ସ୍ରଷ୍ଟା ଉଧେଇ ପାରୁନାହାନ୍ତି । ତଥାକଥିତ ଷ୍ଟାମ୍ପ ମରା ମୁଷ୍ଟିମେୟ ସାହିତ୍ୟିକ କଳେ ବଳେକୌଶଳେ ବିଭିନ୍ନ ପଦ ପଦବୀରେ ରହୁଛନ୍ତି । ସେମାନଙ୍କ କଳା କାରନାମା ଅନ୍ୟମାନେ ଜାଣି ପାରୁନାହାନ୍ତି । ସାହିତ୍ୟର ସବୁଜ ଜଙ୍ଗଲରେ ଏମାନେ ପାଲଟି ଯାଇଛନ୍ତି ଜଣେ ଜଣେ ନୀଳବର୍ଣ୍ଣ ଶୃଗାଳ । ଯେଉଁଥିପାଇଁ ଆମ ଭାଷା କେବଳ ଜାତୀୟ ସ୍ତର ରେ ନୁହେଁ, ବରଂ ବିଶ୍ୱ ସମୁଦାୟରେ ନିନ୍ଦିତ ହେବାରେ ଲାଗିଛି । ଓଡ଼ିଆ ଭାଷା ଓ ସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାରେ ଆମର ପୂର୍ବସୂରୀ କଥା ସମ୍ରାଟ ଫକୀର ମୋହନ, କବିବର ରାଧାନାଥ, କବି ଗଙ୍ଗାଧର ମେହେର, ଉତ୍କଳ ମଣି ଗୋପବନ୍ଧୁଦାଶ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସ ଯେଉଁ ସ୍ୱପ୍ନ ଦେଖିଥିଲେ , ତାହା ଏବର ସହିତ୍ୟିକ ମାନେ କଣ ବାସ୍ତବରୂପ ଦେବାରେ ସଫଳ ହୋଇ ପାରିଛନ୍ତି କି? ଏହା ସମ୍ପ୍ରତି ଆତ୍ମାନୁଶୀଳନ ର ବିଷୟ । ଏଠି ପୁରସ୍କାର ହାତେଇବାର ଏବଂ ପୁରସ୍କାର କରେଇ ଦେବାର ବୁଝାମଣା ଚାଲେ। ଏପରି ସ୍ଥଳେ ଭଲ ସହିତ୍ୟିକଟିଏ ଉଧେଇବ କାହୁଁ ? ଯାହାର ପ୍ରମାଣ ଚଳିତ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷାକୁ ଯୁବ ପ୍ରତିଭା ପ୍ରାପ୍ତିରୁ ବଂଚିତ ଘଟଣାରୁ ସ୍ପଷ୍ଟ ହୋଇଯାଇଛି । ସବୁଠାରୁ ଉଲ୍ଲେଖନୀୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ୨୦୨୩ ଓଡ଼ିଆ ଭାଷା ଓ



ସାହିତ୍ୟର ଯୁବ ପ୍ରତିଭା ପୁରସ୍କାର ଚୟନପାଇଁ ଯେଉଁ ଦୁଇଜଣ ତଥାକଥିତ ତଥା ଆତ୍ମଘୋଷିତ ସାହିତ୍ୟିକଙ୍କୁ ଜୁରୀ କରାଯାଇଥିଲା, ସେମାନେ ସେମାନଙ୍କ ଗୋପନୀୟତା ରକ୍ଷା କରି ପାରିଲେନାହିଁ ବୋଲି ସୋସିଆଲ ମିଡିଆରେ ଭାଇରଲ ହେବାରୁ ଏକାଡେମୀର ନଜରକୁ ଆସିଲା । ଫଳରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଭାରତ ବର୍ଷର ପ୍ରାୟ କୋଡିଏଟି ଭାଷାରେ ଯୁବ ପୁରସ୍କାର ଘୋଷଣାପତ୍ର ପ୍ରକାଶ କଲେ । ମାତ୍ର, ବିଶେଷ ସୂଚନାରେ ମରାଠୀ ଏବଂ ସଂସ୍କୃତ ଭାଷାର ପୁରସ୍କାର ପରେ ଘୋଷଣା କରାଯିବ ବୋଲି ଉଲ୍ଲେଖ କରାଗଲା । ମାତ୍ର ଓଡ଼ିଆ ଭାଷା ପାଇଁ ପୁରସ୍କାର ନାହିଁ । ଏକାଡେମୀର ଏମିତି ଘୋଷଣା ଓଡ଼ିଆ ପ୍ରାଣ ମଣିଷ ମାନଂକୁ ବ୍ୟତୀତ କରିଛି । ଏହା ଆମ ଭାଷା ଉପରେ ହାତୁଡି ପ୍ରହାର ବୋଲି କୁହାଯାଇପାରେ । ଏହାକୁ ଓଡ଼ିଆ ଜାତି କେବେବି ବରଦାସ୍ତ କରିପାରିବ ନାହିଁ । ଜଣେ ଓଡ଼ିଆ ମାଟିର ସନ୍ତାନ ଭାବେ କେନ୍ଦ୍ରସାହିତ୍ୟ ଏକାଡେମୀର କର୍ତ୍ତୃପକ୍ଷଙ୍କୁ ଅନୁରୋଧ, ଯୁବ ପ୍ରତିଭା ପୁରସ୍କାରର ପ୍ରଦାନର ପୁନଃବିଚାର କରି ଆଉଥରେ ନିରପେକ୍ଷ ଜୁରୀ ଚୟନ କରାଗଲେ ଏବଂ ସମ୍ବିଧାନ ସ୍ୱୀକୃତ ତଥା ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷା ସାହିତ୍ୟରୁ ଯୁବ ପ୍ରତିଭା ପୁରସ୍କାରରୁ ବଂଚିତ ହେବ ନାହିଁ ବୋଲି ଡ. ରାଧାରଂଜନ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ କହିଛନ୍ତି।

## ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାର ପ୍ରଥମ ଡିଜିଟାଲ ଶିକ୍ଷା ଷ୍ଟୁଡିଓ ଉଦ୍ଘାଟିତ



ବାରିପଦା , ୨୪/୦୬ (ନି.ପ୍ର): ଶୁକ୍ରବାର ସମଗ୍ର ଶିକ୍ଷା ମୟୂରଭଞ୍ଜ ଆନୁକୁଲ୍ୟରେ ଓଡ଼ିଶାରେ ପ୍ରଥମ କରି ଡିଜିଟାଲ ଶିକ୍ଷା ଷ୍ଟୁଡିଓ ମାନ୍ୟବର ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ସୁଦାମ ମାଣ୍ଡିଙ୍କ ଦ୍ୱାରା ଆଜି ଉଦ୍ଘାଟିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର, ଜରୁରୀ ଅଧିକାରୀ ସୁଜୟ ପତି, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ନବ କିଶୋର ଗିରି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ପ୍ରଶାନ୍ତ ମହାନ୍ତି, ଦୀପ୍ତି ନାୟକ, ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍ଘାଟନ ପରେ ମୁଖ୍ୟ ଅତିଥି ଷ୍ଟୁଡିଓ ପର୍ଯ୍ୟବେକ୍ଷଣ କରିଥିଲେ । ଷ୍ଟୁଡିଓର କାର୍ଯ୍ୟାବଳୀ ଓ ଉଦ୍ଦେଶ୍ୟ ସମ୍ପର୍କରେ ଜିଲ୍ଲାପାଳ ନିଜର ବକ୍ତବ୍ୟ ରଖିଥିଲେ. ଏହାପରେ ମନ୍ତ୍ରୀ ଜିଲ୍ଲାରେ ଫାଇଭ- ଟି ମାଧ୍ୟମରେ ରୂପାନ୍ତରୀକରଣ ହୋଇଥିବା ୫୮୧ଟି ଉଚ୍ଚ ବିଦ୍ୟାଳୟ ଓ ୨୬ଟି ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ଡିଜିଟାଲ ଶିକ୍ଷା ଷ୍ଟୁଡିଓରୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା, ସୀମାନ୍ତ ଯଦୁନାଥ ଉଚ୍ଚ ବିଦ୍ୟାଳୟ, ତିରିଂ, କଣ୍ଢାପାଳ ଉଚ୍ଚ ବିଦ୍ୟାଳୟ,ଶାମାଖୁଣ୍ଟା ଓ ଜାନକୀଲାଲ ଉଚ୍ଚ ବିଦ୍ୟାଳୟ, କୁଳିଅଣାର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କ ସହିତ ସ୍ମାର୍ଟ କ୍ଲାସରୁମରେ ଦିଆଯାଉଥିବା ଶିକ୍ଷାଦାନ ପ୍ରଣାଳୀ ସମ୍ବନ୍ଧରେ ସିଧାସଳଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଷୟ ଭିତ୍ତିକ ସମ୍ବଳ ପ୍ରଶିକ୍ଷକଙ୍କ ଦ୍ୱାରା ବିଷୟ ଭିତ୍ତିକ ଶିକ୍ଷା ପ୍ରଦାନ କରିବା ସହିତ ପିଲାମାନଙ୍କର ଭବିଷ୍ୟତ ପାଇଁ କ୍ୟାରିୟର କାଉନସେଲିଙ୍ଗ ଓ ଜିଲ୍ଲାସ୍ତରୀୟ ବାର୍ତ୍ତା ପ୍ରସାରଣ କରାଯାଇପାରିବ । ଯଦି ଉକ୍ତ ଦିନ କୌଣସି ଛାତ୍ରଛାତ୍ରୀ ଅନୁପସ୍ଥିତ ଥାନ୍ତି ବିଷୟଟିକୁ ପରବର୍ତୀ ସମୟରେ ୟୁଟ୍ୟୁବ ମାଧ୍ୟମରେ ଶିକ୍ଷା ଗ୍ରହଣ କରିପାରିବେ । ସମଗ୍ର ଶିକ୍ଷାର ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲ, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଆଦିବାସୀ ଓ ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ମିନର୍ଭା ଦାସ, ଅଶ୍ୱିନୀ କୁମାର ସିଂହ, ଦିଲ୍ଲୀପ କୁମାର ଘୋଷ, ହରେନ୍ଦ୍ର ମହାନ୍ତ, ସତ୍ୟ ନାରାୟଣ ନାୟକ, ପୁଲକ ଚନ୍ଦ୍ର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ରୁଷ ରାଷ୍ଟ୍ରପତି ....

ରୋଷ୍ଟୋଭ୍ ରାସ୍ତା ଉପରେ ଏବେ ମାଳ ମାଳ ସୈନ୍ୟଙ୍କ ସହ ଟ୍ୟାଙ୍କର ବି ଦେଖିବାକୁ ମିଳୁଛି । ୟେଭ୍‌ଗେନି ପ୍ରିଗୋଝିନ୍ ଅଡ଼ିଓ ମେସେଜରେ ଅଭିଯୋଗ କରିଛନ୍ତି ଯେ, ରୁଷ ସୈନ୍ୟ ଆମର ୨ ହଜାର ଯୋଦ୍ଧାଙ୍କୁ ମାରି ଦେଇଛନ୍ତି । ତେଣୁ ଦେଶରେ ସୈନ୍ୟ ନେତୃତ୍ୱକୁ ପ୍ରତିହତ କରିବାକୁ ଆମେ ନିଷ୍ପତ୍ତି ନେଇଛୁ । ଯିଏ ବି ଏହାର ବିରୋଧ କରିବ, ତାକୁ ରାସ୍ତାରୁ ହଟାଇ ଦେବୁ । ଆମେ ଅଗ୍ରସର ହେଉଛୁ ଏବଂ ଶେଷ ସୀମାରେ ପହଞ୍ଚିବୁ । ଏଥିସହ ଆମର ୨୫ ହଜାର ଯବାନ ମରିବା ପାଇଁ ପ୍ରସ୍ତୁତ ଥିବା ବି ଘୋଷଣା କରିଛନ୍ତି । ୟୁକ୍ରେନରେ ଦୀର୍ଘ ଦିନ ଲାଗି ରହିଥିବା ଯୁଦ୍ଧରେ ନିଜ ସୈନିକମାନଙ୍କ ମୃତ୍ୟୁ ଲାଗି ୟେଭ୍‌ଗେନି ପ୍ରିଗୋଝିନ୍ ରୁଷର ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ 'ଚିଫ୍ ଅଫ୍ ଜେନେରାଲ୍ ଷ୍ଟାଫ୍' ଭାଲେରି ଗେରାସିମୋଭ୍‌ଙ୍କୁ ଦାୟୀ କରିଛନ୍ତି । ସେ କହିଛନ୍ତି, ସାମରିକ ନେତୃତ୍ୱ ଯୋଗୁଁ ଘଟୁଥିବା ଦୁର୍ଗତିର ଅବସାନ ଘଟିବା ଉଚିତ । ଏଥିରେ ଯିଏ ବାଧା ଦେବ, ତାକୁ ବିନାଶ କରିଦେବୁ । ଏଇଟା ସାମରିକ ବିଦ୍ରୋହ ନୁହେଁ, ନ୍ୟାୟ ଯାତ୍ରା । ଦିନେ ପୁଟିନଙ୍କ ଖାସ୍ ଥିବା ୟେଭ୍‌ଗେନି ପ୍ରିଗୋଝିନ୍ ଏବେ ତାଙ୍କ ବିରୋଧରେ ବିଦ୍ରୋହର ଡାକରା ଦେଇଛନ୍ତି । ସେ ମସ୍କୋକୁ ଦଣ୍ଡ ଦେବା ସହ ପ୍ରତିଶୋଧ ନେବା ପାଇଁ ପଣ କରିଛନ୍ତି ।ଏହି ସଶସ୍ତ୍ର ବିଦ୍ରୋହର ନେତୃତ୍ୱ ନେଉଥିବା ୟେଭ୍‌ଗେନି ପ୍ରିଗୋଝିନ୍ ବିଶ୍ୱାସଘାତକ କରିଥିବା ସହ ପଛରୁ ଛୁରାଘାତ କରିଥିବା କହିଛନ୍ତି ରୁଷ ରାଷ୍ଟ୍ରପତି । ଏଥିସହ ତାଙ୍କୁ ଗିରଫ କରିବାକୁ ଆଦେଶ ଦେଇଛନ୍ତି । ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ସୈନ୍ୟ ଓ ୱାଗନରର ଶୀର୍ଘ ଅଧିକାରୀଙ୍କ ମଧ୍ୟରେ ଦୀର୍ଘ ଦିନର ଲମ୍ବା ଆଲୋଚନା ସଫଳ ହୋଇ ପାରିନି । ଫଳରେ ଏବେ ଏହି କଳି ଦାଣ୍ଡରେ ପଡ଼ିଛି । ପ୍ରିଗୋଝିନ୍‌ଙ୍କ ଘୋଷଣା ପରେ ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଏବଂ ପ୍ରମୁଖ ସ୍ଥାନମାନଙ୍କରେ ରୁଷ୍ ସରକାର ସୁରକ୍ଷା ବ୍ୟବସ୍ଥା କଠୋର କରିଛନ୍ତି । 'ୱାଗ୍‌ନର' ମିଲିଟାରୀ ଗ୍ରୁପ - ଏହି ଗ୍ରୁପ୍ ରୁଷର ଏକ ପ୍ରାଇଭେଟ ମିଲିଟାରୀ କମ୍ପାନୀ । ୧୦ ବର୍ଷ ପୂର୍ବେ ୨୦୧୩ ମସିହାରେ ଏହି ଗ୍ରୁପ୍ ପ୍ରତିଷ୍ଠା ହୋଇଥିଲା । ଦିମିତ୍ରୀ ଉତ୍କିନ୍ ଏହି ଗ୍ରୁପ୍ ? ଗଢ଼ିଥିଲେ । ସେ ରୁଷରେ ଗୁଇନ୍ଦାଗିରି କାମ କରୁଥିଲେ । ସେ ହିଟଲରଙ୍କ ଫ୍ୟାନ୍ ଥିଲେ । ହିଟଲର ମ୍ୟୁଜିକ କମ୍ପୋଜର ରିଚର୍ଡ ୱାଗନରଙ୍କ ପ୍ରଶଂସକ ଥିବାରୁ ଦିମିତ୍ରୀ ଉତ୍କିନ୍ ନିଜ ଗ୍ରୁପ୍ ନାଁ 'ୱାଗ୍‌ନର' ରଖିଥିଲେ । ୨୦୨୨ ମସିହାରେ ଏହି ଗ୍ରୁପ୍‌କୁ କମ୍ପାନୀ ଭାବେ ରେଜିଷ୍ଟର କରାଯାଇଛି । ୟୁଏସ୍ ? ନ୍ୟାସନାଲ ସିକ୍ୟୁରିଟି କାଉନସିଲ ସଂସ୍ଥା ଅନୁଯାୟୀ, ଏହି ଗ୍ରୁପ୍‌ର ୮୦%ରୁ ଅଧିକ ଲୋକ ଅପରାଧୀ । ସେଥିରେ ପୂର୍ବ ସୈନିକ ବି ସାମିଲ ଅଛନ୍ତି । ଏହି ସଙ୍ଗଠନ ନିଜକୁ ରାଷ୍ଟ୍ରବାଦୀ ସଙ୍ଗଠନ ବୋଲି କହିଥାଏ । ଦେଶ ସେବା ଭାବନା ରଖିଥିବା ଲୋକଙ୍କୁ ଏହି ଗ୍ରୁପରେ ଭର୍ତ୍ତି କରାଯାଉଥିବା କୁହାଯାଏ । ୟୁଏସ୍ ନ୍ୟାସନାଲ ସିକ୍ୟୁରିଟି କାଉନସିଲ ସଂସ୍ଥା ଅନୁଯାୟୀ, ଏବେ ଏହି ସଂସ୍ଥାରେ ପ୍ରାୟ ୫୦ ହଜାର ସୈନ୍ୟ ଅଛନ୍ତି । ଯେଉଁମାନଙ୍କୁ ୟୁକ୍ରେନ ଯୁଦ୍ଧରେ ସାମିଲ କରାଯାଇଛି । ୟେଭ୍‌ଗେନି ପ୍ରିଗୋଝିନ୍ - 'ୱାଗ୍‌ନର' ମିଲିଟାରୀ ଗ୍ରୁପର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍ ବହୁ ବଡ଼ ବଡ଼ ଅପରାଧରେ ମୋଷ୍ଟ ୱାଣ୍ଟେଡ ଥିଲେ । ସେ ଦୀର୍ଘ ଦିନ ଜେଲ୍‌ରେ ଥିଲେ । ଜେଲ୍‌ରୁ ବାହାରିବା ପରେ ସେ ହଟ୍ ଡଗ୍ ବିକୁଥିଲେ । ଏହାପରେ ସେ ପୁଟିନ୍‌ଙ୍କ ସେଫ୍ ଭାବେ କାର୍ଯ୍ୟ କରିଥିଲେ । ଏହାପରେ ସେ ପୁଟିନଙ୍କ ସଂସ୍ପର୍ଶରେ ଆସି ଉକ୍ତ ଗ୍ରୁପ୍‌ର ମୁଖିଆ ହେଲେ । 'ୱାଗ୍‌ନର' ମିଲିଟାରୀ ଗ୍ରୁପ୍‌ର ନେଟୱର୍କ ଦୁନିଆର ୧୮ଟି ଦେଶରେ ରହିଛି । ୟୁରୋପ ସମେତ ଲିବିଆ, ସିରିଆ ଆଦି ଦେଶରେ ବି ଏହି ଗ୍ରୁପ୍‌ର ଚେନ୍ ରହିଛି ।

### ଜେଲ୍ ଗଲେ ନବରଙ୍ଗପୁର....

ଦୁଇ ପିଲାଙ୍କ ପାଠପଢ଼ାରେ ପ୍ରଶାନ୍ତ ମୋଟ ୮୭ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାବେଳେ ତାଙ୍କର ୨ଟି ଚାରିଚକିଆ ଯାନ ଅଛି । ତାଙ୍କ ଠାରୁ ୨୧.୩୫ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାରକୁ ଜବତ କରାଯାଇଛି । ସେହିଭଳି ତାଙ୍କର ବ୍ୟାଙ୍କ ଓ ବୀମା ଜମା ବାବଦକୁ ୯୨ଲକ୍ଷ ଟଙ୍କା ଡିପୋଜିଟ୍ ରହିଛି । ଏହା ବ୍ୟତୀତ ତାଙ୍କର ୨ ଟି ବେନାମୀ ଆକାଉଂଟରୁ ୩୮.୬୪ ଲକ୍ଷ ଟଙ୍କା ଠାବ କରାଯାଇଛି ।

### ଭୁବନେଶ୍ୱର ଶିଖରଚଣ୍ଡିରେ....

ଜୈବ ବିବିଧତା କେତେ ନଷ୍ଟ ହୋଇଛି ? ବନ୍ୟଜନ୍ତୁ କେତେ ପ୍ରଭାବିତ ହୋଇଛନ୍ତି ? ସେ ନେଇ ଜଙ୍ଗଲ ବିଭାଗ ଅବଗତ ଅଛି କି ନାହିଁ, ସେ ସବୁର ଗ୍ରାଉଣ୍ଡ ଜିରୋରୁ ତଥ୍ୟ ସଂଗ୍ରହ କରି ଫେରିଛି ଏନଜିଟି ଟିମ୍ । ସବୁ ଦିଗରୁ ତଥ୍ୟ ସଂଗ୍ରହ କରି ଏନଜିଟିଙ୍କ ନିକଟରେ ରିପୋର୍ଟ ଦାଖଲ କରିବ । ଆସନ୍ତା ଜୁଲାଇ ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ଥିବା ବେଳେ ଏହା ପୂର୍ବରୁ ସବୁ ତଥ୍ୟ ପ୍ରମାଣ ଦାଖଲ ପାଇଁ ଆବେଦକଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସେପଟେ ପ୍ରଶାସନ ଯେଉଁ ସ୍ଥାନରୁ ବହୁ ସଂଖ୍ୟାରେ ଗଛ କାଟି ପାହାଡ଼କୁ ଲଣ୍ଡା କରିଛି, ସେଠି ନୂଆ ଗଛ ପୋତି ଆନ୍ଦୋଳନକୁ ଆହୁରି ଜୋରଦାର କରିଛି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି । ସ୍ଥାନୀୟ ବାସିନ୍ଦାଙ୍କ ସହ ଏହି ଆନ୍ଦୋଳନରେ ଆଜି ସାମିଲ ହୋଇଥିଲେ- ଜଟଣୀ ବିଧାୟକ ସୁରେଶ ରାଉତରାୟ, ପରିବେଶବିତ ପ୍ରଫୁଲ ସାମନ୍ତରା, ପ୍ରେରଣା ଅଧକ୍ଷ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ । ଆଗାମୀ ଦିନରେ ପର୍ଯ୍ୟାପ୍ତ ବୃକ୍ଷରୋପଣ ସହ ଶିଖରଚଣ୍ଡୀ ପାହାଡକୁ ପୁନର୍ବାର ସବୁଜ ସୁନ୍ଦର କରିବା ପାଇଁ ସଂକଳ୍ପ ମଧ୍ୟ ନେଇଛନ୍ତି । ପ୍ରଶାସନର ବିକାଶ କାର୍ଯ୍ୟକୁ ସେମାନେ ବିରୋଧ କରି ନାହାନ୍ତି । କିନ୍ତୁ ବୃକ୍ଷଛେଦନ କରି ପାନୀୟ ଜଳ ପ୍ରକଳ୍ପ ନିର୍ମାଣକୁ ବିରୋଧ କରୁଥିବା କହିଛନ୍ତି ।

### ଦିନରେ ଶସ୍ତା ଓ ରାତିରେ ....

ପାଇଁ ଏହି ନିୟମ କାର୍ଯ୍ୟକାରୀ ହେବ । ତେବେ କ'ଣ ଏ ଟାଇମ୍ ଅଫ ଡେ' ଟାରିଫ୍ ଏହା ଅଧୀନରେ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ଗୁଡ଼ିକ ଗୋଟିଏ ଦିନକୁ ସୋଲାର ଆୱାର, ପିକ ଆୱାର ଓ ନର୍ମାଲ ଆୱାର ଭଳି ତିନିଟି ଭାଗରେ ବିଭକ୍ତ କରିବେ । ଦିନ ସମୟରେ ସୂର୍ଯ୍ୟ କିରଣ ଅଧିକ ରହୁଥିବା ସମୟ ଆଧାରରେ ଧାର୍ଯ୍ୟ ହେବ ସୋଲାର ଆୱାର । ସେହିପରି ଅଧିକ ବିଜୁଳି ବ୍ୟବହାର ହେଉଥିବା ସମୟ ଆଧାରରେ ପିକ୍ ଆୱାର ନିର୍ଦ୍ଧାରଣ ହେବ । ତେବେ ପିକ୍ ଆୱାର ଅବଧି ସୋଲାର ଆୱାରଠାରୁ ଅଧିକ ହୋଇପାରିବ ନାହିଁ । ବାଣିଜ୍ୟିକ ଓ ଶିଳ୍ପାଞ୍ଚଳ ଗ୍ରାହକଙ୍କୁ ପିକ୍ ଆୱାରରେ ସାଧାରଣ ଦେୟ ତୁଳନାରେ ୨୦ ପ୍ରତିଶତ ଅଧିକ ଦେୟ ଦେବାକୁ ପଡ଼ିବ । ଘରୋଇ ଉପଭୋକ୍ତା ପିକ୍ ଆୱାର ବିଜୁଳି ବ୍ୟବହାର ପାଇଁ ୧୦ ପ୍ରତିଶତ ଅଧିକ ଦେୟ ଦେବେ । କିନ୍ତୁ ସୋଲାର ଆୱାରରେ ବ୍ୟବହାର କରୁଥିବା ବିଜୁଳି ପାଇଁ ସବୁ ପ୍ରକାର ଉପଭୋକ୍ତା ୨୦ ପ୍ରତିଶତ କମ୍ ଦେୟ ଦେବେ ବୋଲି ଶକ୍ତି ବିଶେଷଜ୍ଞ କହିଛନ୍ତି । ଟାଇମ୍ ଅଫ୍ ଡେ' ବିଦ୍ୟୁତ ଟାରିଫ ନେଇ ଦ୍ୱନ୍ଦ୍ୱରେ ବିଦ୍ୟୁତ ଉପଭୋକ୍ତା । ସେମାନଙ୍କ କହିବା କଥା, ସାଧାରଣତଃ ଭାବେ ଘରୋଇ ଉପଭୋକ୍ତା ରାତି ସମୟରେ ଅଧିକ ବିଜୁଳି ବ୍ୟବହାର କରିଥାନ୍ତି । ଏମିତି ହେଲେ, ପିକ ଆୱାର ଟାରିଫ୍ ?ରେ ସାଧାରଣ ଉପଭୋକ୍ତାଙ୍କୁ ଅଧିକ ବିଜୁଳି ଦେୟ ପଡ଼ିବାର ଆଶଙ୍କା ରହିଛି । ଏପଟେ ରାଜ୍ୟରେ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠାଇଛି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ । ସଂଘ କହିଛି, ଟାଇମ ଅଫ ଡେ' ଟାରିଫ ଲାଗୁ ପାଇଁ ରାଜ୍ୟର ଆବଶ୍ୟକ ଭିତ୍ତିଭୂମି ନାହିଁ ।

### ୨୦୨୪ ନିର୍ବାଚନରେ.....

ପହଂଚିଲାଣି । ଦେଶରେ ବିଭିନ୍ନ ରାଜ୍ୟରେ ସିବିଆଇ ଓ ଇଡି ଚଢ଼ାଉ କେତେ ରାଜନେତାଙ୍କ ଉପରେ କରିଛି ଆଉ ଏ ରାଜ୍ୟରେ କେତେ ଥର କରିଛି ? କାହା ଉପରେ ? କେତେ ଥର ପ୍ରହଶନ କରିଛି ? ଚିଟଫଣ୍ଡ, ଖଣିଦୁର୍ନୀତି ଓ ବ୍ଲାକରୋଜ ବୁଡ଼ିଯିବା ଘଟଣାର ତଦନ୍ତର ଗତି କୁଆଡ଼େ ? ଇଡି, ସିବିଆଇ ଏ ରାଜ୍ୟକୁ ଟୁରିଜିମ ପାଇଁ ଆସନ୍ତି । କିନ୍ତୁ ଓଡ଼ିଶାର ଜନସାଧାରଣଙ୍କୁ ନ୍ୟାୟ ଦେବାପାଇଁ ନୁହେଁ । ବିଜେପି ସରକାର ବୋଧହୁଏ ପ୍ରମାଣିତ କରୁଛି ଓଡ଼ିଶା ସରକାର ସବୁ ଠିକ୍‌ଠାକ ଚାଲିଛି ଏଠି କିଛି ଦୁର୍ନୀତି ହୋଇନାହିଁ ବା ହେଉନାହିଁକି ? ଏ ରାଜ୍ୟ ସରକାର କ'ଣ ପୂର୍ଣ୍ଣ ଦୁର୍ନୀତିମୁକ୍ତ କି ? ଯଦି ନୁହେଁ ତାହାଲେ ଗିରଫ ସଂଖ୍ୟା କେତେ ? ଯଦି ଏ ରାଜ୍ୟରେ ଆଉଟସୋସିଂ ଦ୍ୱାରା ଶାସନ ଚାଲିଛି ବୋଲି କୁହାଯାଉଛି ତାହାଲେ ଯେଉଁ କତିପୟ ସର୍ବଭାରତୀୟ ସେବା ଅଧିକାରୀମାନେ କେନ୍ଦ୍ର ବିଜେପି ଓ ଓଡ଼ିଶା ବିଜେଡ଼ି ସରକାର ମଧ୍ୟରେ ମଧ୍ୟସ୍ଥି ସାଜିଛନ୍ତି ସେମାନଙ୍କ ନାମ ପ୍ରକାଶ କରିବେ କି ? ଏ ପର୍ଯ୍ୟନ୍ତ ଯେଉଁ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀମାନେ ନିଜ ଚାକିରୀ ଆଇନର ସର୍ତାବଳୀକୁ ମାନୁ ନାହାନ୍ତି ତାଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ଟାରମିକ ମନ୍ତ୍ରଣାଳୟ କି ପଦକ୍ଷେପ ନେଇଛି ? ନା କେବଳ ଉଭୟ ଦଳର ବ୍ୟବସାୟ ବୃଦ୍ଧି ପାଇଁ ସେମାନଙ୍କୁ ବ୍ୟବହାର କରାଯାଉଛି ।

## ବାସୁଦେବପୁର ପାଇଁ ଗୌରବ ଆଣିଲେ ଦୀପ୍ତେଶ

ବାସୁଦେବପୁର, ୨୪/୦୬ (ନି.ପ୍ର): ବାସୁଦେବପୁର ପାଇଁ ଗର୍ବ ଓ ଆଣିଛନ୍ତି ମେଧାବୀ ଛାତ୍ର ଦିପ୍ତେଶ ବେହେରା । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାସୁଦେବପୁର ରୁ ୨୦୨୧ ଶିକ୍ଷା ବର୍ଷ ରେ ମୋଟ ୬୦୦ ରୁ ୫୫୩ ନମ୍ବର ରଖି ଶ୍ରୀ ବେହେରା ମାଟ୍ରିକ ପାସ କରିଥିଲେ । ଓ ଡି ଏମ ପବ୍ଲିକ ସ୍କୁଲ ଭୁବନେଶ୍ୱର ରୁ ଚଳିତ ବର୍ଷ ସି ବି ଏସ ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେ ମୋଟ ୬୦୦ ରୁ ୫୭୫ ନମ୍ବର ରଖି ଶ୍ରୀ ବେହେରା ପାସ କରିଛନ୍ତି ଏବଂ ଏହି ବର୍ଷ ସର୍ବ ଭାରତୀୟ ସ୍ନାତକ ଡାକ୍ତରୀ ପ୍ରବେଶିକା ପରୀକ୍ଷା । ନିଟ ୟୁ ଜି ଏଣ୍ଟ୍ରାନ୍ସ ଟେଷ୍ଟ ୨୦୨୩ ରେ ମୋଟ ୭୨୦ ରୁ ୬୭୬ ନମ୍ବର ରଖି ଶ୍ରୀ ବେହେରା ସ୍ୱାଧୀନତା ସଂଗ୍ରାମ ର ପବିତ୍ର ମାଟି ବାସୁଦେବପୁର ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି । ଶ୍ରୀ ବେହେରା ଙ୍କ ପିତା ବିଜୟ ବେହେରା କେ କେ ଜି ପି ହାଇସ୍କୁଲ ଚାନ୍ଦି ମାଳ ରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କ ମାତା ଅସୀମା ବନ୍ଧ କିସ୍ମତ କୃଷ୍ଣପୁର ସରକାରୀ ନୋଡାଲ ଉ ପ୍ରା ବିଦ୍ୟାଳୟ ରେ ଶିକ୍ଷୟିତ୍ରୀ ଅଛନ୍ତି । ବର୍ତମାନ ତାଙ୍କ ପରିବାର ଏମ ଏଲ ଏ କଲୋନୀ ବାସୁଦେବପୁର ରେ ବାସ କରୁଛନ୍ତି । ବର୍ତମାନ ମେଧାବୀ ଛାତ୍ର ଦିପ୍ତେଶ ଙ୍କୁ ଅନେକ ଅନୁଷ୍ଠାନ ଓ ଶିକ୍ଷକ ଶିକ୍ଷୟତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛନ୍ତି ।

## ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭା

ଭଦ୍ରକ, ୨୪/୦୬ (ନି.ପ୍ର): ଚରମ୍ପା ଅଗରୱାଲା ପ୍ୟାଲେସ୍ ସଭାଗୃହରେ ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ମଞ୍ଚର ସ୍ଥାୟୀ ସଭାପତି ଆଇନଜୀବୀ ନିରାକାର ଜେନାଙ୍କ ପୌରୋହିତ୍ୟରେ ବରିଷ୍ଠ ସମାଜସେବୀ ଓ ରୋଟାରିଆନ୍ ଡ. ଶିଶିର କୁମାର ମିଶ୍ରଙ୍କୁ ଛତିଶଗଡ଼ର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ତାଙ୍କର ସମାଜସେବା ପାଇଁ "ଡକ୍ଟରେଟ୍" ଉପାଧି ପ୍ରଦାନ କରିଥିବାରୁ ଚରମ୍ପା ସାହିତ୍ୟ ମଞ୍ଚ ତରଫରୁ ଡ. ମିଶ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମ୍ପାଦକ ବାବୁଲାଲ ଦାସ ମଞ୍ଚ ପରିଚାଳନା କରିଥିଲାବେଳେ ସ୍ୱାଗତ ଭାଷଣ ଉପସଭାପତି ଆଇନ୍‌ଜୀବୀ କୁଳମଣି ବେହେରା ପ୍ରଦାନ କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ସୀତାକାନ୍ତ ଦାସ । ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମର ଭାଇ ଓ ଭଉଣୀ, ଚରମ୍ପା ସରସ୍ୱତୀ ଶିଶୁ ମନ୍ଦିରର ଗରୁମା ଓ ଗୁରୁଜୀ, ତରୁଣ ପାଠାଗାର, ମିଶ୍ର ପରିବାରର ସଦସ୍ୟବୃନ୍ଦ, ବନ୍ଧୁ, ଶୁଭେଚ୍ଛୁ ବ୍ୟକ୍ତି ବିଶେଷ ତଥା ବହୁ ଅନୁଷ୍ଠାନ ଡ. ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ଚରମ୍ପା ବରିଷ୍ଠ ନାଗରିକ ସଂଘର ସଭାପତି ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ଶଶଧର ମହନୀ, ଅମିତ୍ ମଲ୍ଲିକ, ରାଜକିଶୋର ମିଶ୍ର, ରୋଟାରିଆନ୍ ଇନ୍ଦ୍ରଜିତ୍ ସାହୁ, ରୋଟାରିଆନ୍ ସନାତନ ଯେନା, ପ୍ରଦୀପ ବେହେରା ଆଦି ତାଙ୍କର ଉତ୍ତରଭୋର ଉନ୍ନତି ଓ ଦୀର୍ଘାୟୁ କାମନା କରିଥିଲେ । ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ତରଫରୁ ମାନପତ୍ର ଓ ଉପଢୌକନ ଦିଆଯାଇ ତାଙ୍କର କୃତିପାଇଁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ସମ୍ବର୍ଦ୍ଧିତ ଡ. ମିଶ୍ର ତାଙ୍କ ଉତ୍ତରରେ ସମସ୍ତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜ୍ଞାପନ କରିବା ସଂଗେ ସଂଗେ ଗୁରୁ ଗୁରୁଜନମାନଙ୍କଠାରୁ ଅଶୀର୍ବଚନ ତଥା ସାଙ୍ଗସାଥୀ, ଭାଇଭଉଣୀଙ୍କ ଠୁଁ ସମାଜ ସବାରେ ବ୍ରତୀ ହେବା ପାଇଁ ସହଯୋଗ କାମନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସହଯୋଗୀ ଅଶୋକ କୁମାର ବିଶ୍ୱାଳ ।



ଧ୍ୱନି ପ୍ରତିଧ୍ୱନି

# ଜନ୍ମବେଦୀରେ ଶ୍ରୀଜୀଉଙ୍କ ଲକ୍ଷ୍ମୀ ନାରାୟଣ ବେଶ: ଦର୍ଶନ କଲେ ହଜାର ହଜାର ଶ୍ରଦ୍ଧାଳୁ



ନିଳଗିରି , ୨୪/୦୬ (ନି.ପ୍ର): ଶ୍ରୀଗୁଣ୍ଡିଚା ରଥଯାତ୍ରା ଉପଲକ୍ଷେ ଏବେ ଜନ୍ମମାଟି ନିଜ ମାଉସୀମା ଘରେ ଆଡ଼ପମଣ୍ଡପରେ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଭକ୍ତଙ୍କୁ ପ୍ରତିଦିନ ଦର୍ଶନ ଦେଉଥିବା ବେଳେ ଆଜି ମହାପ୍ରଭୁ ମାନଙ୍କର ଲକ୍ଷ୍ମୀ ନାରାୟଣ ବେଶ ଅନୁଷ୍ଠିତ ହୋଇଥିଲା । ପରମ୍ପରାନୁଯାୟୀ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଜଗତର ନାଥ ଜଗନ୍ନାଥ ମା ଲକ୍ଷ୍ମୀ ଠାକରାଣୀଙ୍କୁ ଶ୍ରୀମନ୍ଦିରରେ ଏକାକୀ ଛାଡ଼ି ନଅ ଦିନପାଇଁ ଜନ୍ମବେଦି ଶ୍ରୀଗୁଣ୍ଡିଚା ପଳାଇ ଆସିଥିବାରୁ ହେରାପଞ୍ଚମୀ ତିଥିରେ ଶ୍ରୀଗୁଣ୍ଡିଚା ରଥଦାଣ୍ଡରେ ଉଭା ନନ୍ଦିଘୋଷ ରଥକୁ ମା ଲକ୍ଷ୍ମୀ ସାଆନ୍ତାଣୀ ଅଭିମାନରେ ଭାଙ୍ଗିବାର ପରମ୍ପରା ରହିଛି । ରାତ୍ର ୯.୩୦ସମୟରେ ବଡ଼ଦେଉଳରୁ ଜଗତ ଜନନୀ ମା ଲକ୍ଷ୍ମୀ ସାଆନ୍ତାଣୀ ବାହାରି ଶ୍ରୀଗୁଣ୍ଡଚା ପହଞ୍ଚି ରଥ ଭାଙ୍ଗିବା ସହିତ ହେରାପଞ୍ଚମୀ ନୀତି ଅନୁଷ୍ଠିତହୋଇଥିଲା । ଶ୍ରଦ୍ଧାଳୁ ଓ ଭକ୍ତମାନେ ଶ୍ରୀଜୀଉଙ୍କ ଏହି ବେଶକୁ ଦର୍ଶନ କରି କୃତାର୍ଥ ହୋଇଥିଲେ ।

## ନବକୃଷ୍ଣ ଚୌଧୁରୀଙ୍କ ତ୍ୟାଗ ଓ ସଂକଳ୍ପ ଅତୁଳନୀୟ

ଭୁବନେଶ୍ୱର, ୨୪/୦୬ (ନି.ପ୍ର): ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ପ୍ରଜା ଆନ୍ଦୋଳନର ଅଗ୍ରଣୀ ଯୋଦ୍ଧା, ମୌଳିକ ଶିକ୍ଷାର ପ୍ରବର୍ତ୍ତକ, ନିଶାମୁକ୍ତି ଆନ୍ଦୋଳନର ସାର୍ଥକ ସାରଥୀ, ନିଷ୍ପାପର ରାଜନେତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୩୯ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଓଡ଼ିଶା ବିଧାନସଭା ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିବାବେଳେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତି କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ, ପ୍ରବୀର ମହାନ୍ତି, ଡଃ ମିହିର ପଟ୍ଟନାୟକ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ଜୟ ଓଡ଼ିଶା ସଭ୍ୟବୃନ୍ଦ, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ପ୍ରଫେସର ପ୍ରସନ୍ନ ବିଶ୍ୱାଳଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା



ଭଦ୍ରକ, ୨୪/୦୬ (ନି.ପ୍ର): ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ, ନାଭାଲ୍ କମାଣ୍ଡର ତଥା ଇତିହାସ ବିଭାଗର ସୁନାମଧନ୍ୟ ପ୍ରଫେସର ଡ. ପ୍ରସନ୍ନ କୁମାର ବିଶ୍ୱାଳଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟକ ଭାବରେ ଯୋଗ ଦେଇଥିବା ବେଳେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଓ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ । ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଭୟ କୁମାର ଦାସ ମଞ୍ଚାସୀନ ଅତିଥି ତଥା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ସମବେତ ହୋଇଥିବା ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଓ ବିଦ୍ୱାନମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଶେଷ ଅତିଥି ଭାବରେ ମଞ୍ଚାସୀନ ହୋଇ ଥିବା ପ୍ର. ମନୋଜ ସ୍ୱାଇଁ, ପ୍ର. ପ୍ରଭାତ କୁମାର ମହାନ୍ତି, ପ୍ର. ରମେଶ ଦାସ, ପ୍ର. ଅଜିତ କୁମାର ଦାସ, ପ୍ର. ଦୁର୍ଗା ଶଙ୍କର ଦାସ, ପ୍ର. ଅମର ଦାସ, ଅଧିବକ୍ତା ଗଦାଧର ବଳ, ମନୋରଞ୍ଜନ ଦାସ, ଡା. ରବୀନ୍ଦ୍ର କୁମାର ନାୟକ, ମଣିଭଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଶାସକ ପଦ୍ମନ୍ ରାୟ ପ୍ରମୁଖ ଡ. ପ୍ରସନ୍ନ ବିଶ୍ୱାଳଙ୍କ ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟନିଷ୍ଠାକୁ ସମ୍ମାନ ଜଣାଇ ଶ୍ରଦ୍ଧା ଜ୍ଞାପନ କରିଥିଲେ । ଦୀର୍ଘ ଚାରିଘଣ୍ଟା ବ୍ୟାପୀ ଉକ୍ତ ସଭାରେ ପ୍ର. ଝରଣା ପଟ୍ଟନାୟକ, ପ୍ର. ରାଧାରାଣୀ ମହାପାତ୍ର, ପ୍ର. ସୁଚିତ୍ରା ପାଣିଗ୍ରାହୀ, ପ୍ର. ସୁକାନ୍ତି ମହାପାତ୍ର,ପ୍ର. ପ୍ରଭାତ ନଳିନୀ ମହାପାତ୍ର, ଡା. ହରେକୃଷ୍ଣ ନାୟକ, ପ୍ର. ଅଜୟ ପାଢ଼ୀ, ରୂପକ ରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ରଖିଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ପ୍ରଫେସର ଉତ୍ପଳା ନାୟକଙ୍କ ସଂପାଦନାରେ ପ୍ରକାଶିତ ସ୍ମରଣିକା ଗ୍ରନ୍ଥ 'ସ୍ମୃତିରେ ତୁମେ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଶେଷରେ ତାଙ୍କର ଏକମାତ୍ର କନ୍ୟା ଅଧାପିକା ନମ୍ରତା ବିଶ୍ୱାଳ ଅତିଥି ମାନଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିବା ପରେ ଉପସ୍ଥିତ ଅତିଥି ଅଭ୍ୟାଗତ ମାନଙ୍କୁ ପଙ୍‌କ୍ତି ଭୋଜନ ପାଇଁ ନିମନ୍ତ୍ରଣ କରାଯାଇଥିଲା ।

# ନିଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ବୈଠକ: ନୀଳଗିରିକୁ ଜିଲ୍ଲା ଘୋଷଣା ଜୋର୍ ଧରିଲା




ନୀଳଗିରି, ୨୪/୦୬ (ନି.ପ୍ର): ନିଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ ପକ୍ଷରୁ ନିଳଗିରି ଡାକବଙ୍ଗଳା ପରିସରରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଅଛି । ନିଳଗିରି ର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀ ଙ୍କ ଅଭାହାକତ୍ୱରେ ବାଉଁଶବଣିଆ ପଞ୍ଚାୟତର ସରପଞ୍ଚ ନିରଞ୍ଜନ ବାରିକ ଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ୨୯ରିଖ ରେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି । ନୀଳଗିରି କୁ ଜିଲ୍ଲା ପାଇଁ ସମସ୍ତ ପ୍ରକାର ଭୌଗଳିକ ସ୍ଥିତି ରହିଛି ବୋଲି ଶ୍ରୀ ଷଡଙ୍ଗୀ ମତ ରଖିଥିବାବେଳେ ନିରଞ୍ଜନ ବାରିକ ତୁରନ୍ତ ନିଳଗିରି କୁ ଜିଲ୍ଲା ଘୋଷଣା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ଏହି ବୈଠକ୍ ରେ ନୀଳଗିରି ବାର ଆସୋସିଏସନର ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ସବ୍‌ଡିଭିଜନବାର ଆସସିଏସନର ସମ୍ପାଦକ କିଶୋର ଦାସ, ଆଇନଜିବୀ ଗୌରହରି ବେହେରା, କାର୍ତ୍ତିକ ରାଉତ ,ନିହାର ପରିଡ଼ା, ନିତ୍ୟାନନ୍ଦ ବେହେରା , ଗଦାଧର ପରିଡ଼ା, ସୁରେଶ ଦାସ, ସୁନୀଲ ପ୍ରଧାନ ,କୁନି ପଣ୍ଡା ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ,ରାଷ୍ଟ୍ରପତି, ଓଡ଼ିଶାର ମୁଖ୍ୟ ମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟ ଶାସନ ସଚିବଙ୍କୁ ନିଳଗିରି ଉପଜିଲ୍ଲାପାଳ ଙ୍କ ଜରିଆରେ ଆସନ୍ତା ୨୯ରିଖରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ରେ ନିଷ୍ପତ୍ତି ହୋଇଛି ।

# ବିଦ୍ୟୁତ ଉପଭୋକ୍ତାମାନଙ୍କ ସହିତ ଟାଟା ପାଓ୍ୱାର ଯନ୍ତ୍ରୀଙ୍କ ଖୋଲା ଆଲୋଚନା




ଉଦଳା, ୨୪/୦୬ (ନି.ପ୍ର): ବିଦ୍ୟୁତ ସେବା ଯୋଗାଇ ଦେଉଥିବା ଟାଟା ପାଓ୍ୱାର ନର୍ଥାନ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିମିଟେଡ଼ ତରଫରୁ ଚଳିତ ଜୁନ ୨୩ ତାରିଖ ଶୁକ୍ରବାର ଦିନ ଉଦଳାସ୍ଥିତ କାର୍ଯ୍ୟାଳୟକୁ କିଛି ବିଦ୍ୟୁତ ଉପଭୋକ୍ତାଙ୍କୁ ଡ଼ାକି ଏକଜ୍ଯୁକ୍ୟୁଟିଭ ଇନିୟର ସଂଜୟ କୁମାର ଦାସ ଖୋଲା ଆଲୋଚନା କରିଥିବାର ଜଣାଯାଇଛି । ବିଦ୍ୟୁତ ସେବା ଯୋଗାଇଦେଉଥିବା ଟାଟା ପାଓ୍ୱାର ଉପଭୋକ୍ତା ମାନଙ୍କ ପାଇଁ କିପ୍ରକାର ପଦକ୍ଷେପ ନେଉଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସହିତ ଜଣ ଜଣ କରି ସମସ୍ତଙ୍କର ଅଭିଯୋଗ ଶୁଣିଥିଲେ । ଉପଭୋକ୍ତା ମାନଙ୍କର ସବୁପ୍ରକାର ଅଭିଯୋଗ ଆମେ ଶୁଣିବୁ ଓ ସମାଧାନ ପାଇଁ ଉଦ୍ୟମ କରିବୁ ବୋଲି ଯନ୍ତ୍ରୀ ଶ୍ରୀଯୁକ୍ତ ଦାସ ପ୍ରତିଶୃତି ଦେଇଥିଲେ । ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ଡ଼ାକି ଖୋଲା ଆଲୋଚନା ଉଦଳାରେ ପ୍ରଥମ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଉତରାଖଣ୍ଡ ଚାରିଧାମ ଯାତ୍ରାର ପଞ୍ଜୀକରଣ ସଂଖ୍ୟା ୪୮ ଲକ୍ଷ କଲା ଅତିକ୍ରମ

ଦେହରାଡୁନ୍, ୨୪/୦୬ (ନି.ପ୍ର): ଉତରାଖଣ୍ଡର ପର୍ଯ୍ୟଟନ, ଧର୍ମ ଏବଂ ସଂସ୍କୃତି ମନ୍ତ୍ରୀ କହିଛନ୍ତି ଯେ ଚାରିଧାମ ପରିଦର୍ଶନ କରିବାକୁ ତୀର୍ଥଯାତ୍ରୀଙ୍କ ପଞ୍ଜୀକରଣ ସଂଖ୍ୟା ୪୮ ଲକ୍ଷରୁ ଅଧିକ ହୋଇଛି । ଏହା ସହିତ ଜିଏଏମବିନ୍ ଗେଷ୍ଟ ହାଉସର ବୁକିଂ ୨୦ କୋଟି ଅତିକ୍ରମ କରିଛି । ଏହା ରାଜ୍ୟ ପାଇଁ ସୁଖଦ ଅଟେ । ମନ୍ତ୍ରୀ ସତ୍ୟପାଲ ମହାରାଜ କହିଛନ୍ତି ଯେ ଫେବୃଆରୀ ୧୮, ୨୦୨୩ ରୁ ଆରମ୍ଭ ହୋଇଥିବା ଚାରିଧାମ ଏବଂ ହେମକଣ୍ଡ ଯାତ୍ରୀଙ୍କ ପଞ୍ଜିକରଣ ସଂଖ୍ୟା ୪୮,୭୯,୬୯୮ ଜଣ ଯାତ୍ରୀ ନିଜକୁ ପଞ୍ଜୀକୃତ କରିଛନ୍ତି ।

# ୫ଟି ସଚିବଙ୍କ ଜଳେଶ୍ୱର ଗସ୍ତକୁ ନେଇ ସିପିଆଇଏମ୍‌ର ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର , ୨୪/୦୬ (ନି.ପ୍ର): ସରକାରୀ ଅର୍ଥରେ ୫ଟି ସଚିବଙ୍କଭ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାଜକୀୟ ଗସ୍ତ ଓ ପ୍ରଶାସନ ଜରିଆରେ ଗାଡିରେ ସଭାସ୍ଥଳକୁ ଛାତ୍ରଛାତ୍ରୀ ଓ ମହିଳାମାନଙ୍କୁ ବୁହାଯାଇ ନିର୍ବାଚନ ପ୍ରଚାରର ପ୍ରହେଳିକା ସୃଷ୍ଟି କରୁଛି । ଏପରିକି ବିନା ଟେଣ୍ଡରରେ କୋଟି କୋଟି ଟଙ୍କାର କାମ କଣ୍ଟ୍ରାକ୍ଟର ମାନଙ୍କୁ ଦିଆଯାଉଥିବା ଜଳେଶ୍ୱର ସିପିଆଇଏମ୍ ଅଭିଯୋଗ କରିଛି । ଆଜି ଅଫିସ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲିପ ଗିରି ଅଧ୍ୟକ୍ଷତା କରି ଜଳେଶ୍ୱରର ପ୍ରମୁଖ ସମସ୍ୟା ପାଣିନିଷ୍କାସନ, ବାନ୍ୟା ପ୍ରତିକାର, ଚାଷୀଙ୍କୁ ବୋନସ୍, ଶୀତଳଭଣ୍ଡାର ନିର୍ମାଣ, ଜଳେଶ୍ୱରକୁ ସବ୍‌ଡିଭିଜନ୍ ଘୋଷଣା, ରାଇବଣିଆକୁ ବ୍ଲକ, ହସ୍‌ପିଟାଲରେ ଡାକ୍ତର ନିଯୁକ୍ତି, ଭୂମୀହିନୀଙ୍କୁ ଘରପଟ ଓ ଆବସ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସମସ୍ତ ଭଡାଧାରୀଙ୍କୁ ୫ହଜାର ଟଙ୍କା ପ୍ରଦାନ କରିବା, ବସ୍‌ଷ୍ଟାଣ୍ଡ ନିର୍ମାଣ, ଅଡିଟରିୟମର ବ୍ୟବସ୍ଥା ହେବା ସଂପର୍କରେ ଦାବି କରିଛନ୍ତି । କୋଟି କୋଟି ଟଙ୍କା ଖର୍ଚ୍ଚରେ ୫ଟି ସଚିବଙ୍କ ଗସ୍ତ କାହା ଅର୍ଥରେ ହେଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଦିଲ୍ଲିପ ପରିଡା, ଜୀବନ ପରିଡା ପ୍ରମୁଖ ଯୋଗ ଦେଇ ଆସନ୍ତା ଦିନରେ ଜନସାଧାରଣ ଏହାକୁ ବୁଝି ଉଚିତ୍ ଜବାବ ଦେବାକୁ ଆହ୍ୱାନ ଜଣାଇଛନ୍ତି ।

# ଡ଼ା.ମହେଶ କୁମାର ବିଶ୍ୱାଳଙ୍କ ସ୍ମୃତିରେ ରକ୍ତଦାନ ଶିବିର



ଲଂଗଳେଶ୍ୱର , ୨୪/୦୬ (ନି.ପ୍ର): ବାଲେଶ୍ୱର ରକ୍ତକେନ୍ଦ୍ରର କାର୍ଯ୍ୟରତ ଡାକ୍ତର ମହେଶ କୁମାର ବିଶ୍ୱାଳଙ୍କ ଗତ ୧୪ ତାରିଖରେ ଦେହାନ୍ତ ହୋଇଥିଲା । ତାଙ୍କ ସ୍ମୃତିରେ ଆଜି ଚିଞ୍ଚଳଗଡ଼ିଆ ସ୍ଥିତ ମାଇଁ ଚଏସ ଟ୍ୟୁଟୋରିଆଲ, ଓ ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘ ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମାଇଁ ଚଏସ ଟ୍ୟୁଟୋରିଆଲର ମୁଖ୍ୟ ପରିଚାଳକ ଶଙ୍କର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଯୋଗ ଦେଇଥିବାବେଳେ ରକ୍ତଦାତା ସଂଘର ଉପସଭାପତି ତଥା ପ୍ରକୃତି ବନ୍ଧୁ ଯୁବ ସମାଜସେବୀ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ଯୋଗ ଦେଇ ଅବକ୍ଷୟ ସମାଜରେ ରକ୍ତ ର ସଂଙ୍କଟ ହେଉଥିବାବେଳେ ବିଭିନ୍ନ ସଂଗଠନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ମାଧ୍ୟମରେ ରକ୍ତ ନମୂନା ସଂଗ୍ରହକରି ଅନେକ ଲୋକଙ୍କ ଜିବନ ବଞ୍ଚି ପାରୁଛି ବୋଲି ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବାରିପଦା ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡାକ୍ତର ଗଣେଶ ଚନ୍ଦ୍ର ପାଲ, ଅନୁଷ୍ଠାନର ଅଧକ୍ଷ ଦୀପାଳି ରାଣୀ ବେହେରା, ଶିକ୍ଷକ ଗୌତମ ଶତପଥୀ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରୁ ୧୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବାରିପଦା ବ୍ଲଡ଼ ବ୍ୟାଙ୍କର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ଚନ୍ଦନ କୁମାର ବେହେରା, ସୁଜିତ ପାତ୍ର, ଶିକ୍ଷୟିତ୍ରୀ ବନିତା ରାଉଳ, ନମ୍ରତା ପାତ୍ର, ଲୀପିକା ବାରିକ, ପୃଥୁନାଥ ମଣ୍ଡଳ, ଦୀପକ ବରୁ. ଅନ୍ତର୍ଯ୍ୟାମି ରାଉଳ.ନଗେନ ବେହେରା. ଓ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିଲେ ।

## ରାୟପୁରରେ ବିଏଚପିର ବୈଠକ ଆରମ୍ଭ

ରାୟପୁର, ୨୪/୦୬ (ନି.ପ୍ର): ବିଶ୍ୱହିନ୍ଦୁ ପରିଷଦ(ବିଏଚପି)ର ରାଷ୍ଟ୍ରୀୟ ଦଳର କେନ୍ଦ୍ରୀୟ ପରିଚାଳନା କମିଟିର ବୈଠକ ଆଜି ଆରମ୍ଭ ହୋଇଛି । ଶୀର୍ଷ ୧୩ ପଦାଧିକାରୀ ଧର୍ମାନ୍ତରୀକରଣ, ଲଭ୍ ଜିହାଦ, ଗୋହତ୍ୟା ଏବଂ ମନ୍ଦିରକୁ ସରକାରୀ ଅଧିଗ୍ରହଣରୁ ମୁକ୍ତ କରାଇବା ନେଇ ରଣନୀତି ଉପରେ ଆଲୋଚନା କରୁଛନ୍ତି । ଏହି ବୈଠକରେ ବିଏଚପିର ରାଷ୍ଟ୍ରୀୟ ଅଧକ୍ଷ ଆରଏନ ସିଂହ, କାର୍ଯ୍ୟକାରୀ ଅଧକ୍ଷ ଆଲୋକ କୁମାର, କେନ୍ଦ୍ରୀୟ ମହାମନ୍ତ୍ରୀ ମିଲିନ୍ଦ ପରାଣ୍ଡେ, ସଂଗଠନ ମନ୍ତ୍ରୀ ବିନାୟକ ରାଓ, ସଂରକ୍ଷକ ଦିନେଶ ଚନ୍ଦ୍ର ଏବଂ ଉପାଧ୍ୟକ୍ଷ ଚମ୍ପତ ରାୟ ପ୍ରମୁଖ ଉପସ୍ଥିତ ଅଛନ୍ତି । ଏହି ବୈଠକ ରାୟପୁରର କମଲବିହାର ସ୍ଥିତ ମାହେଶ୍ୱରୀ ଭବନରେ ଚାଲିଛି । ଆସନ୍ତା ୨୬ ତାରିଖରେ ଏହାର ସମାପନ ହେବ । ରବିବାର ବୈଠକରେ ଦେଶର ବିଭିନ୍ନ ସ୍ଥାନରୁ ୧୭୦ ପଦାଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାପରେ କେନ୍ଦ୍ରୀୟ ବିସ୍ତାର କମିଟିର ବୈଠକ ଅନୁଷ୍ଠିତ ହେବ । ଏଥିରେ କେନ୍ଦ୍ରୀୟ ପରିଚାଳନା କମିଟିର ସଦସ୍ୟଙ୍କ ବ୍ୟତୀତ ପ୍ରାୟ ୧୦୦ ଅନ୍ୟ ସଦସ୍ୟ ମଧ୍ୟ ସାମିଲ୍ ହେବେ ।

# ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ହେରା ପଞ୍ଚମୀ

ଲଂଗଳେଶ୍ୱର ୨୪/୬( ନି ପ୍ର) ବାଲିଆପାଳ ବସଷ୍ଟାଣ୍ଡ ସ୍ଥିତ ମାଉସୀ ମନ୍ଦିରରେ ଶନିବାର ଶ୍ରଦ୍ଧାପତି ଶ୍ରୀ ଜଗନ୍ନାଥଙ୍କ ପବିତ୍ର ହେରା ପଞ୍ଚମୀ ପାଳିତ ହୋଇ ଯାଇଛି ।ଏଥିପାଇଁ ପ୍ରାତଃ ରୁ ଶ୍ରୀ ଜଗନ୍ନାଥ, ବଳଭଦ୍ର , ମାତା ସୁଭଦ୍ରାଙ୍କ ସମସ୍ତ ରୀତିନୀତି ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଛି । କିମ୍ବଦନ୍ତୀ ଅନୁସାରେ ମାତା ଲକ୍ଷ୍ମୀ ଏହି ଦିନରେ କ୍ରୋଧିତ ହୋଇ ସେବାୟତ ମାନଙ୍କୁ ପଠାଇ ତାଳଧ୍ୱଜ ,ନନ୍ଦିଘୋଷ , ଦେବଦଳନ ଆଦି ରଥକୁ ଭାଙ୍ଗି ଥାନ୍ତି ।ବାଲିଆପାଳ ଶ୍ରଦ୍ଧାପତି ଜଗନ୍ନାଥ ଙ୍କ ଏହି ରୀତି ଆଜି ସମ୍ପନ୍ନ ହୋଇଛି ।ହେରା ପଞ୍ଚମୀ ଉପଲକ୍ଷେ ଶ୍ରଦ୍ଧାପତି ଶ୍ରୀ ଜଗନ୍ନାଥଙ୍କ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଭକ୍ତ ମାନଙ୍କୁ ଖେଚୁଡ଼ି ବଣ୍ଟନ କରାଯାଇଛି ।ଏଥିପାଇଁ ପ୍ରବଳ ଭକ୍ତ ସମାବେଶ ହୋଇଛି ।ଟ୍ରଷ୍ଟ ବୋର୍ଡ଼ ସଭାପତି ତଥା ପୂର୍ବତନ ବିଧାୟକ ଜୟ ନାରାୟଣ ମହାନ୍ତି ,ସମ୍ପାଦକ ବ୍ରଜ କିଶୋର ଭୂୟାଁ ଏହାକୁ ପରିଚାଳନା କରିଥିଲେ । ଟ୍ରଷ୍ଟ ବୋର୍ଡ଼ ସଭ୍ୟ ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, କାଳି ଚରଣ ଦେ,ପ୍ରିୟନାଥ ସେଠୀ, ସୁଶାନ୍ତ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ,ଇଂଜିନିୟର ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ, ମଧୁସୂଦନ ସାହୁ , ସଞ୍ଜୟ କୁମାର ଦେ ପ୍ରମୁଖ ଏଥିରେ ସହ ଯୋଗ କରିଥିଲେ ।

# ବିଶିଷ୍ଟ ଆଦିବାସୀ କମ୍ୟୁନିଷ୍ଟ ସି. ପି. ଆଇ. (ଏମ) ନେତା ରଥ ସିଂଙ୍କ ଦେହାନ୍ତ: ଅଞ୍ଚଳରେ ଶୋକର ଛାୟା

ନୀଳଗିରି , ୨୪/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ତଥା ନୀଳଗିରି ଅଞ୍ଚଳର କୁଳଡ଼ିହାଅଭୟାରଣ୍ୟ ବିରୋଧୀ ଆନ୍ଦୋଳନର ଅନ୍ୟତମ ସାରଥୀ, ନୀଳଗିରି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଂଚର ଆବାହକ ଏବଂ ସିପିଆଇ (ଏମ) ବାଲେଶ୍ୱର ଜିଲ୍ଲା କମିଟିର ପୂର୍ବତନ ସଭ୍ୟ ତଥା ଜଣେ ବିଶିଷ୍ଟ ଆଦିବାସୀ ନେତା ରଥ ସିଂଙ୍କ ଶନିବାର ଦିନ ପ୍ରାୟ ୧୨.୩୦ସମୟରେ ପରଲୋକ ହୋଇଯାଇଛି । ଗରଡିହି ପଞ୍ଚାୟତ ଅଧୀନସ୍ଥ ଟିଆକଟା ଗାଁ ରେ ଆଦିବାସୀ ପରିବାରରେ ଜନ୍ମିତ ଶ୍ରୀ ସିଂ କମ୍ୟୁନିଷ୍ଟ ଚିନ୍ତାଧାରାର ବ୍ୟକ୍ତି ଥିଲେ । ସରଳ ଆଦିବାସୀ ମାନଙ୍କୁ ସେମାନଙ୍କର ଅଧିକାର ଓ ନ୍ୟାୟ ଦେବାପାଇଁ ସଦା ସର୍ବଦା କାମ କରିଆସୁଥିଲେ ।ଆଜି ତାଙ୍କର ପ୍ରାୟ ୭୬ବର୍ଷ ବୟସରେ ମୃତ୍ୟୁ ହୋଇଛି । ତାଙ୍କ ଶବଧାର ନିକଟରେ ସିପିଆଇ (ଏମ) ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ଜିଲ୍ଲା କମିଟି ସଭ୍ୟ ଯୋଗନନ୍ଦ ଦାସ, ଜ୍ୟୋତିର୍ମୟ ରାଉତ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ଲାଲ ପତାକା ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନ ପ୍ରଦର୍ଶନ କରିଥିଲେ । ଦେହାନ୍ତ ଖବର ପାଇ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ,ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ରପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ ।ମୃତ୍ୟୁଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo